

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୩୦ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 30 NOVEMBER 2022
Vol.No. 33 ■ No. 311 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଚୀନ୍‌ରେ ତେଜିବାରେ ଲାଗିଛି କରୋନା କଟକଣାକୁ ନେଇ ବିରୋଧ



ୱାଶିଂଟନ, ୨୯/୧୧ (ନି.ପ୍ର): ଚୀନ୍‌ରେ ତେଜିବାରେ ଲାଗିଛି କରୋନା କଟକଣାକୁ ନେଇ ବିରୋଧ । ହଜାର ହଜାର ଲୋକେ ରାସ୍ତାକୁ ଓହ୍ଲାଇ ଜୋରଦାର ବିକ୍ଷୋଭ କରୁଛନ୍ତି । ଏଥିସହ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ଇସ୍ତଫା ଦାବି କରୁଛନ୍ତି । ଏବେ ଏହି କରୋନା କଟକଣା ବିରୋଧୀ ନିଆଁରେ ଆମେରିକା ଘିଅ ଢ଼ାଳିବା ଭଳି କାମ କରିଛି । ଚୀନ୍‌ରେ ଜାରି ରହିଥିବା ଜିରୋ କୋଭିଡ ପଲିସି ନୀତିର ବିରୋଧକୁ ସେ ସମର୍ଥନ କରିଛି । ଚୀନ୍ ଓ ଆମେରିକା । ଉଭୟ ପରସ୍ପରର କେତେ ବଡ ଶତ୍ରୁ ତାହା ସାରା ବିଶ୍ୱକୁ ଜଣା । ଇଣ୍ଡୋନେସିଆର ବାଲିରେ ସି ଜିନ୍‌ପିଙ୍ଗ ଓ ଆମେରିକା ରାଷ୍ଟ୍ରପତି ବାଇଡେନ୍‌ଙ୍କ ମଧ୍ୟରେ ବୈଠକ ହୋଇଥିଲେ ମଧ୍ୟ ଏହାର ଅର୍ଥ ନୁହେଁ ଯେ, ଦୁଇ ଦେଶର ସମ୍ପର୍କରେ ସୁଧର ଆସିଯାଇଛି । ସମୟ ଆସିଲେ ଉଭୟ ଦେଶ ପରସ୍ପରକୁ ଟାର୍ଗେଟ୍ କରିବାକୁ କୌଣସି ମଉକା ଛାଡନ୍ତି ନାହିଁ । ଏହାର ଏକ ତାଜା ଉଦାହରଣ ଏବେ ଦେଖିବାକୁ ମିଳିଛି । ଚୀନ୍‌ରେ କରୋନା କଟକଣାକୁ ନେଇ ସି ଜିନ୍‌ପିଙ୍ଗଙ୍କ ବିରୋଧରେ ଜନଆକ୍ରୋସ ଜାରି ରହିଛି । ଏହାର ମଉକା ନେଇ ଆମେରିକା ଚୀନ୍‌ରେ ଜାରି ରହିଥିବା ଏହି ବିରୋଧକୁ ସମର୍ଥନ କରିଛି । ଆମେରିକା କହିଛି, ବିଶ୍ୱର ଯେକୌଣସି ଦେଶରେ ଚାଲିଥିବା ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନକୁ ଆମେ ସମର୍ଥନ କରୁଛୁ । ଚୀନ୍‌ରେ ଲାଗୁ କରାଯାଇଥିବା ଜିରୋ କୋଭିଡ ନୀତି କିଛି କାମ ଦେବନି । ଏହା କରୋନା ମହାମାରୀକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇପାରିବ ନାହିଁ । ଚୀନ୍‌ର କିଛି ଅଞ୍ଚଳରେ ଜିରୋ କୋଭିଡ ନୀତି ଅନୁଯାୟୀ ଲକଡାଉନ୍ ଲାଗୁ କରାଯାଇଛି । କୌଣସି ଅଞ୍ଚଳରେ କରୋନା ସଂକ୍ରମିତ ଚିହ୍ନଟ ହେଲେ ସେହି ଅଞ୍ଚଳକୁ ସମ୍ପୂର୍ଣ୍ଣ ସିଲ୍ କରାଯାଉଛି । ଏଥିପାଇଁ ବହୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସଂଯୁକ୍ତ ରାଷ୍ଟ୍ର ଆମେରିକା ଚୀନ୍‌ର ଏହି ଘଟଣା ଉପରେ ଅତି ପାଖରୁ ନଜର ରଖିଛି ବୋଲି ହ୍ୱାଇଟ୍ ହାଉସର ରାଷ୍ଟ୍ରୀୟ ସୁରକ୍ଷା ପରିଷଦ ସମନ୍ୱୟକ ଫର୍ ଷ୍ଟ୍ରାଟେଜିକ କମ୍ୟୁନିକେସନର ଜନ କିର୍ବି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଉଲ୍ଲେଖଯୋଗ୍ୟ, ଚୀନ୍ ?ରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ପୁଣି ଥରେ ବଢ଼ିବାରେ ଲାଗିଛି । ଫଳରେ ଏଠାରେ ଜିରୋ କୋଭିଡ ପଲିସି ଲାଗୁ କରାଯାଇଛି । ବିଭିନ୍ନ ସ୍ଥାନରେ କଡା କଟକଣା ଜାରି ରହିଛି । ଏହି କଟକଣାକୁ ବିରୋଧ କରି ସାରା ଦେଶରେ ହଜାର ହଜାର ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି । ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ଇସ୍ତଫା ଦାବି କରିଛନ୍ତି ।

# ମିଶନ ଶକ୍ତି ମା' ମାନଙ୍କୁ ୩ ଲକ୍ଷ ଟଙ୍କା ପରିବର୍ତ୍ତେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଦିଆଯିବ



ଭୁବନେଶ୍ୱର, ୨୯/୧୧ (ନି.ପ୍ର): ରାଜ୍ୟର ମିଶନ ଶକ୍ତି ମା ମାନଙ୍କ କାର୍ଯ୍ୟକ୍ରମରେ ଏକ ବିଶାଳ ପରିବର୍ତ୍ତନ ଆଣିବାର ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ସେମାନଙ୍କ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ (zero interest) ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି । ୨୦୨୨ ଅପ୍ରେଲ ପହିଲାରୁ ଏହି ନୂତନ ଋଣ ବ୍ୟବସ୍ଥା ଲାଗୁ ହେବ । ପୂର୍ବରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ଦିଆଯାଉଥିଲା । ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ରୂପେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହାଦ୍ୱାରା ଆମର ମିଶନ ଶକ୍ତି ମା ମାନେ ଏସ୍‌ଏଚଜିରୁ ଏସ୍‌ଏମ୍‌ଇ ବା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିବେ ଏବଂ ଆମର ଲକ୍ଷ ଲକ୍ଷ ମା ମାନେ ଅଧିକ ଟଙ୍କାର ଋଣ ନେଇ ବଡ ବଡ ବ୍ୟବସାୟ କରିପାରିବେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡିଶାର ରୂପାନ୍ତର କ୍ଷେତ୍ରରେ ମା ମାନେ ହେଉଛନ୍ତି ଏକ ଅଭିନ୍ନ ଅଙ୍ଗ । ଆଜିର ଏହି ନିଷ୍ପତି ସେମାନଙ୍କୁ ସଶକ୍ତ କରିବାରେ ଓ ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି । ମିଶନ ଶକ୍ତି ମା ମାନଙ୍କୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ଭାବରେ ପରିଣତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଗାମୀ ୫ ବର୍ଷ ମଧ୍ୟରେ ମିଶନ ଶକ୍ତି ଗ୍ରୁପ ମାନଙ୍କୁ ପ୍ରାୟ ୫୦ ହଜାର କୋଟି ଟଙ୍କାର ଋଣ ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଏହାଦ୍ୱାରା ମିଶନ ଶକ୍ତିର ମା ମାନେ ସଫଳ ଉଦ୍ୟୋଗୀ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିବେ ବୋଲି ସେ ଆଶାପ୍ରକାଶ କରିଛନ୍ତି । ଆମ ପ୍ରତିଶୃତି ଅନୁଯାୟୀ ରାଜ୍ୟ ସରକାର ମିଶନ ଶକ୍ତି ମା ମାନଙ୍କୁ ଗତ ୩ ବର୍ଷରେ ସରକାରୀ ଭାବରେ ୪୦୦୦ କୋଟି ଟଙ୍କାର ବିଜିନେସ ଯୋଗାଇ ଦେଇଛନ୍ତି ବୋଲି ▶▶ପୃଷ୍ଠା ୭

# ଜିଏସଟି ଅଧିକାରୀଙ୍କ ସହ ବିଜେପି ବିଧାୟିକାଙ୍କ ଯୁକ୍ତିତର୍କ : କୁସୁମ ଟେଟେଙ୍କ ନାଁରେ ଥାନାରେ ମାମଲା



ଭୁବନେଶ୍ୱର, ୨୯/୧୧ (ନି.ପ୍ର): ଜିଏସଟି ରେଡ୍ ବେଳେ ବିଜେପି ବିଧାୟିକାଙ୍କ ଅଶୋଭନୀୟ ଆଚରଣ । ପାଇକମାଳରେ ସିଟି ଜିଏସଟି ଚଢାଉ କରୁଥିବା ବେଳେ ଶତାଧିକ ସମର୍ଥକଙ୍କ ସହ ପହଞ୍ଚି ବାଧା ଦେଇଥିଲେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ । ଚଢାଉ ସମୟରେ ଜବତ ହୋଇଥିବା କାଗଜପତ୍ର ସିଟି ଜିଏସଟି ଅଧିକାରୀଙ୍କ ଠାରୁ ଛଡାଇ ନେବାକୁ ଉଦ୍ୟମ କରିଥିଲେ କୁସୁମ । ଯାହାର ପୂରା ଦୃଶ୍ୟ କ୍ୟାମେରାରେ କଏଦ ହୋଇଥିଲା । ସିଟି ଜିଏସଟି ଅଧିକାରୀଙ୍କ ସହ ଯୁକ୍ତିତର୍କ କରି ଧମକାଇବା ଭଳି ଘଟଣା ସାମ୍ନାକୁ ଆସିଥିଲା । ଯାହାକୁ ନେଇ ସୁନ୍ଦରଗଡ ବିଧାୟିକାଙ୍କ ନାଁରେ ଥାନାରେ ମାମଲା ରୁଜୁ ହୋଇଛି । କେବଳ ପାଇକମାଳ ନୁହେଁ ବରଂ ପଦ୍ମପୁରର ଏକ ଲୁଗା ଦୋକାନରେ ମଧ ଜିଏସଟି ଚଢାଉ ବେଳେ ବିଜେପି ନେତା ପହଞ୍ଚି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିବା ନେଇ ଅଭିଯୋଗ ହୋଇଥିଲା । ଏପରିକି ଲୁଗା ଦୋକାନରେ ପହଞ୍ଚି ଜିଏସଟି ଅଧିକାରୀଙ୍କ କାର୍ଯ୍ୟରେ ବିଜେପି ନେତା ବାଧା ଦେଇଥିବା ଅଭିଯୋଗ ହୋଇଥିଲା । ଯାହାକୁ ନେଇ ବିଜେଡି ପ୍ରେସମିଟ୍ କରି ବିଜେପି ଉପରେ ବର୍ଷିଥିଲା । ପଦ୍ମପୁର ଉପ-ନିର୍ବାଚନରେ ହିଂସା ମାହୋଲ ସୃଷ୍ଟି କରିବାକୁ ବିଜେପି ଉଦ୍ୟମ କରୁଥିବା କହିଥିଲା ବିଜେଡି । ଏପରିକି ବିଜେପିର ୪ ନେତାଙ୍କୁ ପଦ୍ମପୁର ପ୍ରଚାର ମୈଦାନରୁ ବିଦା କରାଯାଉ ବୋଲି ଦାବି କରିଥିଲେ ବିଜେଡି ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ।

## ୨ ଦୁଷ୍କର୍ମକାରୀଙ୍କୁ ଫାଶୀ ଦଣ୍ଡାଦେଶ

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ଜଗତସିଂହପୁର ପୋକ୍ସୋ କୋର୍ଟ ନାବାଳିକା ଗଣଦୁଷ୍କର୍ମ ଓ ହତ୍ୟା ମାମଲାରେ ୨ ଅଭିଯୁକ୍ତକୁ ଫାଶୀ ଦଣ୍ଡ ପ୍ରଦାନ କରିଛନ୍ତି । ୨୦୧୪ ମସିହାର ଏକ ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି କୋର୍ଟ । ଏହି ଦୁଇ ଦୋଷୀ ହେଲେ ସେକ୍ ଆସିଫ ଓ ସେକ ଅକିଲ । ପ୍ରମାଣ ଅଭାବରୁ ଅନ୍ୟ ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ୨୦୧୪ମସିହାରେ ତିର୍ତ୍ତୋଲ ଥାନା ଅଂଚଳରେ ଘଟିଥିଲା ନାରକୀୟ କାଣ୍ଡ । ଚକୋଲେଟ ନେଇ ଫେରୁଥିବାବେଳେ ନାବାଳିକାକୁ ଉଠାଇନେଇ ଦୁଷ୍କର୍ମ କରିଥିଲେ ଅଭିଯୁକ୍ତ । ୮ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରିଥିଲେ ।

# ଡିସେମ୍ବର ପହିଲାରେ ଲଂଚ ହେବ ଡିଜିଟାଲ ମୁଦ୍ରା




ନୂଆଦିଲ୍ଲୀ, ୨୯/୧୧ : ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ବଡ ଘୋଷଣା କରାଯାଇଛି । ଏଥିରେ କୁହାଯାଇଛି କି ଡିସେମ୍ବର ପହିଲାରୁ ଖୁଚୁରା ବଜାରରେ ଡିଜିଟାଲ ମୁଦ୍ରା ଲଂଚ କରାଯିବ । ଏହି କ୍ରମରେ ଡିଜିଟାଲ ମୁଦ୍ରାର ନିର୍ମାଣ, ବଣ୍ଟନ ଓ ଖୁଚୁରା କାରବାରରେ ପରୀକ୍ଷା କରାଯିବ । ଏହା ପୂର୍ବରୁ ନଭେମ୍ବର ମାସରେ କେନ୍ଦ୍ରୀୟ ବ୍ୟାଙ୍କ ହୋଲସେଲ କାରବାର ପାଇଁ ଡିଜିଟାଲ ମୁଦ୍ରା ଲଂଚ କରିସାରିଛି । ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏହି ଡିଜିଟାଲ ମୁଦ୍ରାକୁ ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ କରେନ୍ସି ବୋଲି ନାମ ଦେଇଛି । ଡିସେମ୍ବର ପହିଲାରୁ ଏହାର ପ୍ରଚଳନ ଦେଶର କିଛି ନିର୍ବାଚିତ ସ୍ଥାନରେ କରାଯିବ । ଏଥିରେ ଗ୍ରାହକଙ୍କ ଠାରୁ ନେଇ ବ୍ୟବସାୟୀ ପର୍ଯ୍ୟନ୍ତ ସମସ୍ତଙ୍କୁ ସାମିଲ କରାଯିବ । ଏହି ଡିଜିଟାଲ ମୁଦ୍ରା ଡିଜିଟାଲ ଟୋକନ ଭଳି କାମ କରିବ । ଭାରତୀୟ ରିଜର୍ଭବ୍ୟାଙ୍କ ଦ୍ୱାରା ଜାରି କରାଯିବାକୁ ଥିବା ଏହି ଡିଜିଟାଲ ମୁଦ୍ରା ଏବେ ପ୍ରଚଳିତ ଟଙ୍କାର ସ୍ୱରୂପ ହେବ । ଏହି ମୁଦ୍ରା ନୋଟ୍ ଭଳି ସମ୍ପୂର୍ଣ୍ଣ ବୈଦ୍ଧ ଓ ମାନ୍ୟତାପ୍ରାପ୍ତ ହେବ । ଏହାକୁ ଆପଣ ଦେଣନେଣରେ ବ୍ୟବହାର କରିପାରିବେ । ଏହି ଡିଜିଟାଲ ମୁଦ୍ରାର ବଣ୍ଟନ ବ୍ୟାଙ୍କ ମାଧ୍ୟମରେ କରାଯିବ । ଏହାକୁ ଡିଜିଟାଲ ୱାଲେଟ ମାଧ୍ୟମରେ ବ୍ୟକ୍ତିରୁ ବ୍ୟକ୍ତି ବା ବ୍ୟକ୍ତିରୁ ବ୍ୟବସାୟୀଙ୍କ ମଧ୍ୟରେ କାରବାର କରାଯାଇପାରିବ । ରିଜର୍ଭବ୍ୟାଙ୍କ ମୁତାବକ ବ୍ୟବହାରକାରୀମାନେ ଏହାକୁ ମୋବାଇଲ ଫୋନ କିମ୍ବା ଡିଭାଇସରେ ରଖି କାରବାର କରିପାରିବେ । ଏହି ପାଇଲଟ ପ୍ରୋଜେକ୍ଟରେ ଭାଗ ନେବାକୁ ୮ ଟି ବ୍ୟାଙ୍କକୁ ଚିହ୍ନଟ କରାଯାଇଛି । ହେଲେ ଏହାର ପ୍ରଥମ ପର୍ଯ୍ୟାୟ କେବଳ ୪ ଟି ସହରରେ ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଇସିଆଇସିଆଇ ବ୍ୟାଙ୍କ, ୟସ ବ୍ୟାଙ୍କ ଓ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ମାଧ୍ୟମରେ ହେବ । ଏହାପରେ ବ୍ୟାଙ୍କ ଅଫ୍ ବରୋଦା, ଏଚଡିଏଫସି ବ୍ୟାଙ୍କ ଓ କୋଟାକ ମହିନ୍ଦ୍ରା ବ୍ୟାଙ୍କକୁ ଏହି ପାଇଲଟ ପ୍ରୋଜେକ୍ଟରେ ସାମିଲ କରାଯିବ ।

## କନ୍ଧମାଳରେ ଶୀତ ଲହରୀ

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ବଢୁଛି ଥଣ୍ଡା । ସକାଳୁ ସକାଳୁ କୁହୁଡ଼ିର ଆସ୍ତରଣ । ପାହାଡପର୍ବତ ଘେରା ସୌନ୍ଦର୍ଯ୍ୟରେ ଭରା କନ୍ଧମାଳରେ ଶୀତର ମଜା ନିଆରା । ଶୀତ ଲହରୀ ଜାରିରହିଥିଲେ ବି ଶୀତର ମଜା ନେଉଛନ୍ତି ଲୋକେ । ଖାଲି ସ୍ଥାନୀୟ ଲୋକ ନୁହନ୍ତି ପର୍ଯ୍ୟଟକଙ୍କ ବି ବେଶ ଗହଳି ଜମିଛି । ଆକାଶ ମେଘମୁକ୍ତ ଥିବା ବେଳେ ଶୀତ ଯୋଗୁ କୁହୁଡି ବି ଦିନ ୧୦ଟା ଯାଏ ଲାଗିରହୁଛି । କିଛି ଶୀତୁଆ ସକାଳରେ ଚା ଖଟିରେ ଭିଡ ଜମାଉଛନ୍ତି । ଆଉ କିଛି ଶୀତ କାକରରେ ବି ନିଆଁ ଜାଳି ପୋଉଁଥିବାର ଦେଖିବାକୁ ମିଳିଛି ।

# ଶିକ୍ଷକମାନଙ୍କ ପ୍ରସଙ୍ଗରେ ବିଧାନସଭାରେ ପୁଣି ବିରୋଧୀ ବିଧାୟକଙ୍କ ହଟ୍ଟଗୋଳ



ଭୁବନେଶ୍ୱର, ୨୯/୧୧ (ନି.ପ୍ର): ଶିକ୍ଷକ ମାନଙ୍କର ପ୍ରସଙ୍ଗକୁ ନେଇ ଆଜି ପୁଣି ଥରେ ବିଧାନସଭାରେ ହଟ୍ଟଗୋଳ ହୋଇଛି । ବିରୋଧୀ ବିଜେପି ଓ କଂଗ୍ରେସ ବିଧାୟକ ମାନଙ୍କ ହଟ୍ଟଗୋଳ ଓ ନାରାବାଜୀ କାରଣରୁ ଆଜି ଗୃହରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ହୋଇ ପାରି ନାହିଁ । ଅଚଳାବସ୍ଥାକୁ ଏଡାଇବାକୁ ଯାଇ ବାଚସ୍ପତି ଗୃହକୁ ୧୧.୩୦ ଯାଏ ସ୍ଥଗିତ କରିଛନ୍ତି । ସୋମବାର ଦିନ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ୧୦.୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବୈଠକ ଆରମ୍ଭ ହେବା ମାତ୍ରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ପ୍ରଶ୍ନୋତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ । ହେଲେ ବିରୋଧୀ କଂଗ୍ରେସ ଓ ବିଜେପି ଦଳର ବିଧାୟକ ମାନେ ସେମାନଙ୍କ ଆସନରୁ ଶିକ୍ଷକ ମାନଙ୍କ ପ୍ରସଙ୍ଗ ଉଠାଇଥିଲେ ଓ କହିଥିଲେ ଯେ ବାଚସ୍ପତିଙ୍କ ନିର୍ଦ୍ଦେଶ ସତ୍ୱେ ରାଜ୍ୟ ସରକାର ଏହି ପ୍ରସଙ୍ଗରେ କିଛି କରି ନାହାନ୍ତି । ବାଚସ୍ପତି ସେମାନଙ୍କର କଥାକୁ ନ ଶୁଣି ବିଧାୟକ ଅନନ୍ତ ଦାସଙ୍କ ପ୍ରଶ୍ନର ଉତର ଦେବାକୁ ପଂଚାୟତିରାଜ ମନ୍ତ୍ରୀଙ୍କୁ ଡାକିଥିଲେ । ଏହା ପରେ ପଂଚାୟତିରାଜ ମନ୍ତ୍ରୀ ପ୍ରଶ୍ନର ଉତର ଦେବା ଆରମ୍ଭ କରି ଥିଲେ । ଏହା ପରେ ବିରୋଧୀ କଂଗ୍ରେସ ଓ ବିଜେପି ଦଳର ବିଧାୟକ ମାନେ ଗୃହର ▶▶ପୃଷ୍ଠା ୭

## ଆନ୍ଦୋଳନରତ ଶିକ୍ଷକଙ୍କ ସହ ସଚିବ କରିଛନ୍ତି ଆଲୋଚନା

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ବାଚସ୍ପତି ସରକାରଙ୍କୁ ଆନ୍ଦୋଳନରତ ଶିକ୍ଷକ ମାନଙ୍କ ସମସ୍ୟା ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ନିର୍ଦ୍ଦେଶ ଦେବା ପରେ ଶିକ୍ଷା ବିଭାଗର ସଚିବ ଆନ୍ଦୋଳନରତ ଶିକ୍ଷକ ସଂଘର ପଦାଧିକାରୀ ମାନଙ୍କ ସହ ଆଲୋଚନା କରିଛନ୍ତି । ଏହି ଆଲୋଚନା ୪୫ ମିନିଟ ଧରି ହୋଇଥିଲା । ରାଜ୍ୟର ଗଣ ଶିକ୍ଷା ମନ୍ତ୍ରୀଙ୍କ ପାଇଁ ବିଜ୍ଞାନ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା ବିଧାନସଭାରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏହି ପ୍ରସଙ୍ଗରେ ସରକାର ଓ ବିଭାଗ ଅବଗତ ଅଛନ୍ତି । ଆଲୋଚନା କାଳରେ ସେମାନଙ୍କର ଦାବି ଓ ଦାବିର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା । ବର୍ତମାନ ମଧ୍ୟ ଆଲୋଚନାର ଦ୍ୱାର ବନ୍ଦ ହୋଇ ନାହିଁ । ଆଜି ମୁଖ୍ୟ ଶାସନ ସଚିବ ଶିକ୍ଷକ ମାନଙ୍କ ସହ ଆଲୋଚନା କରିବେ ଓ ଶିକ୍ଷା ବିଭାଗର ସଚିବ ମଧ୍ୟ ଉପସ୍ଥିତ ରହିବେ ବୋଲି ସେ କହିଛନ୍ତି ।

# ପଦ୍ମପୁରରେ ଧର୍ମେନ୍ଦ୍ରଙ୍କ ପାୱାର ଶୋ'



ଭୁବନେଶ୍ୱର, ୨୯/୧୧ (ନି.ପ୍ର): ପଦ୍ମପୁରରେ ଆଇଟି ଓ ଜିଏସଟି ବିଭାଗର ରେଡକୁ ନେଇ ହାଇଡ୍ରାମା ପରେ ଆଜି ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଧାମନଗର ଉପ ନିର୍ବାଚନ ସମୟରେ ଯେମିତି ଧର୍ମେନ୍ଦ୍ରଙ୍କୁ ଆକ୍ରମଣାତ୍ମକ ରୂପରେ ଦେଖିବାକୁ ମିଳିଥିଲା, ପଦ୍ମପୁରରେ ତାଠୁ ଅଧିକ ଆକ୍ରମଣାତ୍ମକ ରୂପରେ ଦେଖିବାକୁ ମିଳିଛି । ପଦ୍ମପୁରର ଜନସଭାରୁ ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଟାର୍ଗେଟ କରିବା ସହ ପ୍ରଦୀପ ପୁରୋହିତଙ୍କୁ ଢ଼େର ପ୍ରଶଂସା କରିଛନ୍ତି । ଆଉ ଆନ୍ଦୋଳନରୁ ଜନ୍ମ ନେଇଥିବା ନେତା ବୋଲି କହିଛନ୍ତି । ସେହିପରି ଦାଦନ, ମଣ୍ଡି ସମସ୍ୟା, ଏମଏସପି ବୃଦ୍ଧି ପ୍ରସଙ୍ଗ, ଋଣ ଭାର ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କ ଉପରେ ଜୋରଦାର ବର୍ଷିଛନ୍ତି । ଧର୍ମେନ୍ଦ୍ରଙ୍କ ଅଭିଯୋଗ ପରେ ବିଜେଡି କାଉଣ୍ଟର କରିବା ସହ ପାଲଟା ପ୍ରଶ୍ନ କରିଛି ଓ ଚ୍ୟାଲେଞ୍ଜ ଦେଇଛି । ସୋମବାର ପଦ୍ମପୁରରେ ହାଇଡ୍ରାମା ପରେ, ମଙ୍ଗଳବାର ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପଦ୍ମପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ରୋଡ ଶୋ ଏବଂ ପଦଯାତ୍ରା କରିଛନ୍ତି କେନ୍ଦ୍ରମନ୍ତ୍ରୀ । ତେବେ ଜନସଭା କରି ବିଜେଡି ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି ଧର୍ମେନ୍ଦ୍ର । ପଦ୍ମପୁର ମାଟିରୁ ସିଧାସଳଖ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଛନ୍ତି ସେ କହିଛନ୍ତି, ନବୀନ ବାବୁ ସୁନା ଚାମଚ ଧରି ଜନ୍ମ ହେଇଛନ୍ତି । କିନ୍ତୁ ଆନ୍ଦୋଳନ ଭିତରୁ ଜନ୍ମ ନେଇଛନ୍ତି ପ୍ରଦୀପ ପୁରୋହିତ । ତାଙ୍କୁ ଏତେ ଡର କାହିଁକି ? ବିଜେଡି ସରକାର ୨୨ ବର୍ଷରେ ▶▶ପୃଷ୍ଠା ୭

# ଫିଲ୍ମ ପ୍ରଯୋଜକ ପ୍ରମୋଦ ସ୍ୱାଇଁଙ୍କୁ ଇଡିର ଜେରା

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ଅର୍ଚ୍ଚନା ନାଗଙ୍କ ନାଗଫାଶରେ ପଡିଥିବା ଆଉ ଜଣେ ଫିଲ୍ମ ପ୍ରଯୋଜକ ଆଜି ଇଡିରେ ହାଜର ହୋଇଛନ୍ତି । ପ୍ରଯୋଜକ ପ୍ରମୋଦ ସ୍ୱାଇଁଙ୍କୁ ଦୀର୍ଘ ସମୟ ହେଲା ପଚରାଉଚୁରା କରୁଛନ୍ତି ଇଡି ଅଧିକାରୀ । ହାଜର ହେବାକୁ ଯିବା ସମୟରେ ପ୍ରମୋଦ ଯାହା କହିଛନ୍ତି ତାହା ଅର୍ଚ୍ଚନାଙ୍କ ନାଗଫାଶର ଗୁମର ଖୋଲିବ ବୋଲି ଅନୁମାନ କରାଯାଉଛି । ଏଥିସହ ସାମନାକୁ ଆସିଛି ଅର୍ଚ୍ଚନା ଓ ପ୍ରମୋଦ ପରସ୍ପର ବିରୋଧରେ କେମିତି ଦେଇଥିଲେ ଏତଲା ? ବ୍ଲାକମେଲ କୁଇନ୍ ଅର୍ଚ୍ଚନାଙ୍କ ନାଗଫାଶରେ ପଡିଥିବା ଫିଲ୍ମ ପ୍ରଯୋଜକ ପ୍ରମୋଦ ସ୍ୱାଇଁ ଇଡିରେ ହାଜର ହୋଇଛନ୍ତି । ଇଡିରୁ ସମନ ପାଇବା ପରେ ହାଜର ହୋଇଛନ୍ତି ପ୍ରମୋଦ । ଇଡିରେ ହାଜର ହେବାକୁ ଯିବା ସମୟରେ ସେ ଗଣମାଧ୍ୟମକୁ ଯେଉଁ ପ୍ରତିକ୍ରିୟା ଦେଇଛନ୍ତି ତାହା ଅର୍ଚ୍ଚନାଙ୍କ ନାଗଫାଶର ଗୁମରକୁ ପଦାରେ ପକାଇଛି । ପ୍ରମୋଦ କହିଛନ୍ତି, ଅର୍ଚ୍ଚନା ତାଙ୍କୁ ବ୍ଲାକମେଲିଂ କରୁଥିଲେ । ପ୍ରମୋଦ ସ୍ୱାଇଁ ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କ ଘରେ ୨୦୧୬ ମସିହାରେ ଅର୍ଚ୍ଚନା ନାଗ ଭଡ଼ାରେ ରହୁଥିଲେ । ଏହାପରେ ସମାନ ଘରେ ୨୦୧୮ରେ ଶ୍ରଦ୍ଧାଞ୍ଜଳି ବେହେରା ଭଡ଼ାରେ ରହୁଥିଲେ । ପ୍ରମୋଦ ସ୍ୱାଇଁ ପେସାରେ ଜଣେ ଫିଲ୍ମ ପ୍ରଯୋଜକ ସହିତ ଜଣେ ବିଲଡର । ତାଙ୍କ ଆକାଉଣ୍ଟରୁ ଅର୍ଥନୈତିକ କାରବାର ହୋଇଥିବା ସୁରାକ ପାଇବା ପରେ ସମନ କରିଥିଲା ଇଡି । କ'ଣ ପାଇଁ ଆର୍ଥିକ ▶▶ପୃଷ୍ଠା ୭

# ଭବାନୀପାଟଣା ଓ ନର୍ଲାରେ ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନ ଓ ପ୍ରତିବାଦ ସଭା

ଭବାନୀପାଟଣା, ୨୯/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସି ଡି ପି ଓ଼ ଏବଂ ନର୍ଲା ବ୍ଲକ କାର୍ଯ୍ୟାଳୟ ଠାରେ ଅଲ ଓଡିଶା ଅଙ୍ଗନୱାଡି ଲେଡ଼ିଜ ଆସୋସିଏସନ ତରଫରୁ ଆଠ ଦଫା ଦାବି ନେଇ ଆନ୍ଦୋଳନ, ପ୍ରତିବାଦ ସଭା ଜାରୀ ରହିଛି। କର୍ମୀ ମାନଙ୍କ ଦାବି ଓ଼ ଅନଶନ ଦୀର୍ଘ ୨୧ ତାରିଖରୁ ଚାଲିଛି। ବିଧାନସଭା ସମ୍ମୁଖରେ ବିରାଟ ରାଲି, କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ପ୍ରତି ଜିଲ୍ଲାରେ ଆନ୍ଦୋଳନ କରୁଛନ୍ତି। ସେହିଭଳି ଭବାନୀପାଟଣାରେ ମଧ ପ୍ରତିବାଦ ସଭା କରୁଛନ୍ତି।

ଅଙ୍ଗନବାଡି କର୍ମୀଙ୍କ ପ୍ରମୁଖ ଦାବି ମଧରେ ପ୍ରତି ଅଙ୍ଗନବାଡି ଓ଼ ସହାୟିକାଙ୍କୁ ସରକାରୀ କର୍ମଚାରୀ ଘୋଷଣା କରିବା, କର୍ମୀ ମାନଙ୍କୁ ଅବସରରେଏକ କାଳୀନ ପାଂଚ ଲକ୍ଷ ସହ ମାସିକ ପାଂଚ ହଜାର ଟଙ୍କା ପ୍ରଦାନ କରିବା, କାର୍ଯ୍ୟରତ କର୍ମୀ ମୃତ୍ୟୁବରଣ କଲେ ପାଂଚ ଲକ୍ଷ ଟଙ୍କା ପ୍ରଦାନ ସହ ପରିବାରରୁ ଜଣଙ୍କୁ ଚାକିରୀ ପ୍ରଦାନ କରିବା ଏବଂ ମିନି ଅଙ୍ଗନୱାଡି କେନ୍ଦ୍ରକୁ ମୁଖ୍ୟ କେନ୍ଦ୍ର କରିବା, ୨୦୧୮ ରେ ଆନ୍ଦୋଳନ କରିଥିବା ୬ ଜଣ କର୍ମୀଙ୍କୁ ବହିଷ୍କାର କରାଯାଇଥିବା ବେଳେ ସମ୍ପୃକ୍ତ କର୍ମୀଙ୍କୁ ପୁନଃ ନିଯୁକ୍ତି ଇତ୍ୟାଦି ଆଠ ଗୋଟି ଦାବି ରହିଛି। ସରକାର ଏହି ଦାବିକୁ ସହୃଦୟତାର ସହ ପୂରଣ କରିବାକୁ ଆନ୍ଦୋଳନକାରୀମାନେ ଦାବି ଜଣାଇଛନ୍ତି। ସରକାର କମସେକମ ସର୍ବ ନିମ୍ନ ମାସିକ ଦରମା ଅଠର ହଜାର ଟଙ୍କା ଅଙ୍ଗନବାଡି କର୍ମୀ ଓ଼ ନଅ ହଜାର ଟଙ୍କା ସହାୟିକାଙ୍କୁ ପ୍ରଦାନ କରିବାକୁ ପ୍ରମୁଖ ଦାବି କରିଛନ୍ତି। ଦାବି ପୂରଣ ନ ହେବା ଯାଏ ଏହିପରି ଆନ୍ଦୋଳନ, ପ୍ରତିବାଦ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ କରିବାକୁ କର୍ମୀ ମାନେ ପ୍ରକାଶ କରିଛନ୍ତି।

ଏହି ଆନ୍ଦୋଳନକୁ ନର୍ଲା ବ୍ଲକ ର ମଞ୍ଜୁଳା ପତି, ମିନ କୁମାରୀ ମାଝୀ, ପ୍ରଭାତୀ ପଧାନ, କ୍ଷୀର ମାଝିଙ୍କ ସମେତ ଭବାନୀପାଟଣା ବ୍ଲକ ର ପ୍ରମୁଖ କର୍ମୀ ମାନେ ପରିଚାଳନା କରିଥିଲେ। ସରକାର କେବେ ଏମାନଙ୍କ ଦାବି ପୂରଣ କରିବେ ଏବଂ ଶିଶୁ ବିକାଶ ଯୋଜନା କାର୍ଯ୍ୟକ୍ରମ ଚାଲୁ କରିବେ ତାହା ଦେଖିବାକୁ ବାକି ରହିଲା।

# ସାଲେପୁର ଓ ନିଶ୍ଚିନ୍ତକୋଇଲି ଅଂଚଳରେ ମଦମୃତ୍ୟୁ ଆଶଙ୍କା : ସୀମା ଟପିଲାଣି ଚୋରା ମଦ କାରବାର

ସାଲେପୁର, ୨୯/୧୧ (ନି.ପ୍ର): ସମଗ୍ର ନିଶ୍ଚିନ୍ତକୋଇଲି ଓ ସାଲେପୁର ବ୍ଲକ ଅଂଚଳରେ ବ୍ୟାପକ ଚୋରା ମଦ କାରବାର ଚାଲିଛି । ମାତ୍ର ସମସ୍ତେ ଜାଣିଶୁଣି ନିରବଦ୍ରଷ୍ଟା ସାଜିଛନ୍ତି । ତେଣୁ ମଦମୃତୁ ଆଶଙ୍କା ଉପୁଜିଛି । ଅବକାରୀ ବିଭାଗ ଧରପଗଡ ଧର୍ମକୁ ଆଖିଠାର ସଦୃଶ ହୋଇଥିବା ବେଳେ ପୋଲିସର ପଦକ୍ଷେପ ସଂପୂର୍ଣ୍ଣ ଶିଥିଳ ହୋଇଯାଇଥିବା ଦେଖିବାକୁ ମିଳିଛି। ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡରୁ ବିପୁଳ ପରିମାଣର ସ୍ପିରିଟ୍ ଉଭୟ ବ୍ଲକ ଅଂଚଳକୁ ଆସୁଥିବାର ଜଣାଯାଇଛି । ଗତ ବର୍ଷ ଜଣେ ବିଷାକ୍ତ ମଦପିଇ ମୃତ୍ୟୁବରଣ କରିଥିବାର ନଜିର ଥିବା ବେଳେ ପ୍ରଶାସନ ସତର୍କତା ଅବଲମ୍ବନ ନକରିବା ପରିତାପର ବିଷୟ ହୋଇଛି । ତଥାକଥିତ କୁଜିନେତାମାନେ ମଦ ବ୍ୟବସାୟକୁ ସଂପୂର୍ଣ୍ଣ ନିୟନ୍ତ୍ରଣ କରୁଛନ୍ତି । ଜିଲ୍ଲାପାଳଙ୍କୁ ଅନ୍ଧାରରେ ରଖାଯାଇ ମଦ ବ୍ୟବସାୟୀଙ୍କ ସହ ଅବକାରୀ ବିଭାଗର ପଦସ୍ଥ ଅଧିକାରୀମାନେ ହାତମିଳାଇ ଏଭଳି କାର୍ଯ୍ୟ କରୁଥିବା ସାଧାରଣରେ ଆଲୋଚନା ହେଉଛି । ଏ ସଂକ୍ରାନ୍ତରେ ଅବକାରୀ ବିଭାଗର ଅଧିକାରିଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ପ୍ରତିକ୍ରିୟା ମିଳି ପାରୁନାହିଁ । ଉଭୟ ନିଶ୍ଚିନ୍ତକୋଇଲି ଓ ସାଲେପୁର ବ୍ଲକର ବିଭିନ୍ନ ସ୍ଥାନରେ ଦିନକୁ ଦିନ ଚୋରା ମାଦକ ଦ୍ରବ୍ୟ ବେପାରୀଙ୍କ ସାମ୍ରାଜ୍ୟ ବଢି ଚାଲିଥିବା ଜଣାପଡିଛି । ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟିପାତ କରୁନାହିଁ । ଜିଲ୍ଲା ଅଫିସର ଚାପରେ ସମୟେ ସମୟେ ନିର୍ଦ୍ଦିଷ୍ଟ ସ୍ଥାନରୁ କିଛି ମଦ ବେପାରୀଙ୍କୁ ଗିରଫ କରି ବାହା ବାହା ନେବାରେ ପଛାଉ ନାହିଁ । ଚୋରା ସ୍ପିରିଟ, ମଦ କାରବାର ରୋକିବା ପାଇଁ ରାଜ୍ୟ ସରକାର ବିଫଳ ହେଉଥିବାରୁ ଯେକୌଣସି ମୁହୂର୍ତରେ ମଦମୃତ୍ୟୁ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ଅବକାରୀ ବିଭାଗ କର୍ମଚାରୀଙ୍କ ଚୋରା ମଦ ବ୍ୟବସାୟୀଙ୍କ ସହ ଭିତିରି ସମ୍ପର୍କ ଯୋଗୁଁ ରାତ୍ରିରେ ବାର ଏବଂ ଲିକର ଦୋକାନରୁ ରାତିସାରା ଆଗ ତାଲା ପଛ ଖୋଲା ବେପାର ଚାଲିଛି । ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ କାର୍ଯ୍ୟାଳୟ ପାଖରୁ ଆରମ୍ଭ କରି ବହୁ ହୋଟେଲ ବାର୍ ରେ ମଧ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଅସାମାଜିକ ଲୋକମାନେ ଖୁଲମ୍ ଖୁଲା ମଦ ପିଉଥିବାର ଜଣାଯାଇଛି। ଏପରିକି ଉକ୍ତ ଅଂଚଳମାନଙ୍କରେ ସନ୍ଧ୍ୟା ପରେ ମଦୁଆଙ୍କ ଦୌରାମ୍ୟ ବଢିବା ଯୋଗୁ ସ୍ଥାନିୟ ଅଂଚଳର ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏପରିକି ମଦ ପିଇ ରାସ୍ତାରେ ବୋତଲ ଭାଙ୍ଗିବା ଠାରୁ ଆରମ୍ଭ କରି ଜନଗହଳିପୂର୍ଣ୍ଣ ସ୍ଥାନରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଦୈନନ୍ଦିନର ଅଭ୍ୟାସ ହୋଇଗଲାଣି। ଉକ୍ତ ଘଟଣା ସଂପର୍କରେ ଅଭିଯୋଗ କରିବା ପାଇଁ ଲୋକେ ଭୟ କରୁଛନ୍ତି। ଏଥିଯୋଗୁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ଏହି ସରକାରୀ କର୍ମଚାରୀ ମାନେ ହାତ ଚିକ୍କଣ ପାଇଁ ଚୋରା ମଦ ବେପାରୀଙ୍କ ସହ ଅସାଧୁ ମେଂଟ କରିଥିବା ସାଧାରଣରେ ଆଲୋଚନା ହେଉଛି ।

# କୁଶୁର୍ଲାରେ କୁରାଳ ପୁରାଣ ପାରାୟଣ ଅନୁଷ୍ଠିତ

ଭବାନୀପାଟଣା, ୨୯/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଯୋରାଡବରା ଗ୍ରାମପଂଚାୟତ ସ୍ଥିତ କୁଶୁର୍ଲା ଗ୍ରାମର କୁମ୍ଭକାର ସମାଜର ମିଳିତ ଆନୁକୁଲ୍ୟରେ କୁରାଳ ପଂଚମୀ ପର୍ବ ଉପଲକ୍ଷେ ଏବଂ କୁରାଳ ପଂଚମୀ କମିଟି ତରଫରୁ ତ୍ରିଦିନାତ୍ମକ କୁରାଳ ପୁରାଣ ପାରାୟଣ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତା ୨୭/୧୧/୨୦୨୨ରିଖ ରବିବାର ଅପରାହ୍ଣ ୪ଟା ସମୟରେ ନିକଟସ୍ଥ ଜୋରରୁ ମଙ୍ଗଳବାର ଶତାଧିକ କୁମ୍ଭକାର ସମାଜର ପୁରୁଷ ଓ ମହିଳାମାନେ ଘଣ୍ଟ , ଶଙ୍ଖ, ହରିବୋଲ, ହୁଳହୁଳି ଓ ସଂକୀର୍ତନର ତାଳେତାଳେ ମହା କଳସଯାତ୍ରା ସହିତ ଅଧିବାସ କର୍ମ ଆୟୋଜିତ ହୋଇଥିଲା । ୨୮ ତାରିଖ ସୋମବାର ଦିନ ସକାଳୁ ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା ପରେ କୁରାଳ ପୁରାଣ ପାରାୟଣ ଆରମ୍ଭ ହୋଇଥିଲା । ସଭାପତି ମୋହନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିବ ଶଙ୍କର ମିଶ୍ର ପୂଜକ ଭାବରେ ପୂଜାର୍ଚ୍ଚନା କରୁଥିବା ବେଳେ ଟିଙ୍କୁ ରଣା ଓ ତାଙ୍କ ସହଧର୍ମୀଣି ଶ୍ରୀମତୀ ପୁନ୍ନୀ ରଣା କର୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ବଲାଙ୍ଗୀର ଜିଲ୍ଲା ପାଟଣାଗଡ (ଦେଉଳଗାଁ)ର ପପୁନ କୁମାର ପଣ୍ଡା ବ୍ୟାସ ଭାବରେ ଯୋଗଦେଇ କୁରାଳ ପୁରାଣ ପାରାୟଣ ପଠନ କରୁଛନ୍ତି। ଅନ୍ୟ ମାନଙ୍କ ମଧରେ ଲମ୍ବୋ ରଣା, ଅମୃତ ରଣା, ଶଙ୍କର ରଣା, ସୁଲୋଚନା ରଣା, ଭୂଜନ ରଣା, ପ୍ରମିଳା ରଣା, ବିବଛ ରଣା ଓ ବିଳାସ ରଣା, ସୁଗ୍ରେ ରଣା ଓ ସପୁରୀ ରଣା, ଚଏତୁ ରଣା ଓ ଭୂମି ରଣା, ବିଦ୍ୟା ରଣା ଓ ବନିତା ରଣା ସପ୍ତଋଷି ଭାବରେ ଦାୟିତ୍ୱ ନିର୍ବାହ କରୁଛନ୍ତି । କମିଟିର ସଭାପତି ରୁଦ୍ର ରଣା, ସଂପାଦକ ଦୁର୍ଯ୍ୟ ରଣା, ଛବି ରଣା, ଯୁବରାଜ ରଣା ତଥା କମିଟିର ସମସ୍ତ କର୍ମକର୍ତା ଓ କୁମ୍ଭକାର ସମାଜ କୁଶୁର୍ଲାର ସମସ୍ତ ସଦସ୍ୟ ସହଯୋଗ କରୁଥିବାବେଳେ ଗ୍ରାମ ତଥା ଅଂଚଳର ଶତାଧିକ ଭକ୍ତ ଉପସ୍ଥିତ ରହି ପାରାୟଣରେ ହରିନାମାରସାମୃତ ପାନ କରୁଛନ୍ତି ।

## ଦେଶୀ ମଦ ଚାଲାଣ ବେଳେ ଚଢାଉ: ୨ ଗିରଫ

ଜୟପୁର , ୨୯/୧୧ (ନି.ପ୍ର): ଜୟପୁର ଅବକାରୀ ବିଭାଗ ଦେଶୀ ମଦ ଚାଲାଣ ବେଳେ ଚଢାଉ କରିଛି । ଚଢାଉ କରି ୨ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ୨ ଅଭିଯୁକ୍ତ ହେଲେ ବିରିଗୁଡାର ଦୁତି ଗୌଡ ଓ ସୌରାଗୁଡା ଦେବେନ୍ଦ୍ର ସୌରା। ଅବକାରି ବିଭାଗ ସୁଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ବିରିଗୁଡାର ଦୁତି ଗୌଡ ଜଣେ ମହିଳା ଦେଶୀ ମଦ ଧରି ଚାଲାଣ କରୁଥିବା ବେଳେ ଗ୍ରାମ ରାସ୍ତାରେ ଚଢାଉ କରି ୧୫ ଲିଟର ଦେଶି ମଦ ଜବତ କରିଥିବା ବେଳେ ସୌରାଗୁଡାର ଦେବେନ୍ଦ୍ର ସୌରା ଦେଶି ମଦ ଚାଲାଣ କରୁଥିବା ବେଳେ ଅବକାରି ବିଭାଗ ଚଢାଉ କରି ୧୯ ଲିଟର ଦେଶି ମଦ ଜବତ କରିଥିଲା ।

# ହଜି ଯାଉଛି ଚାଷୀର ଅର୍ଥକାରୀ ଫସଲ ନଳିତା

ସାଲେପୁର, ୨୯/୧୧ (ନି.ପ୍ର): କୃଷି ଓ କୃଷକର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ଯୋଜନା ପରେ ଯୋଜନା କରିଚାଲିଥିଲା ବେଳେ ସରକାର କୋଟି କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଲୋକାଭୀମୁଖୀ ଯୋଜନା ମାନ କାର୍ଯ୍ୟକାରୀ କରୁଛନ୍ତି । ହେଲେ ତାହାର କୌଣସି ସୁଫଳ ନିଶ୍ଚିନ୍ତକୋଇଲି ଥାନା ଅଂଚଳରେ ଦେଖିବାକୁ ମିଳୁନାହିଁ । ଏହି ଅଂଚଳର ପ୍ରାୟ ସମସ୍ତ ପଂଚାୟତର ଲୋକଙ୍କ ଜୀବିକା ନିର୍ବାହର ଏକମାତ୍ର ପନ୍ଥା କୃଷି । ଧାନ ଠାରୁ ଆରମ୍ଭ କରି ପନିପରିବା ସମେତ ବିରି, ମୁଗ, କୋଳଥ, ଚଣା ଆଦି ଡାଲି ଜାତୀୟ ଫସଲ ଏଠାକାର ଚାଷୀମାନେ କରିଥାନ୍ତି। ସେହିପରି ଏଠାକାର ଚାଷୀମାନେ ବିଶେଷ କରି ନଳିତା ଭଳି ଅର୍ଥକାରୀ ଫସଲ ଚାଷ କରୁଥିଲେ ହେଁ ସମ୍ପ୍ରତି ପ୍ରୋତ୍ସାହନ ଅଭାବରୁ ଏହି ଚାଷ ବୁଡିବାକୁ ବସିଲାଣି । ଏପରିକି ଗାଁ ଗହଳିରେ କାଉଁରିଆ ମିଳିବା ସାତ ସପନ ହୋଇଯାଇଛି। ଏପରିକି ଦୀପାବଳିରେ ବଡବଡିଆ ଡାକିବା ପାଇଁ କାଉଁରିଆର ଅଭାବ ଦେଖାଦେଇଥିଲା । ଚାଷୀ ବର୍ଷା ଦିନେ ନଳିତା ଚାଷ ଉପରେ ଗୁରୁତ୍ୱ ଦେଇଥାନ୍ତି । ଅର୍ଥକାରୀ ଫସଲ ନଳିତା ହୋଇଥିବା ବେଳେ ଚାଷୀ ଏଥିରେ ଭଲ ଦି ପଇସା ପାଇଥାଆନ୍ତି । ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକର ୪୧ ଟି ପଂଚାୟତର ଶହ ଶହ ଚାଷୀ ବିଗତ ଦିନରେ ଅର୍ଥକାରୀ ଫସଲ ନଳିତା ଉପରେ ଅଧିକ ଗୁରୁତ୍ୱାରୋପ କରୁଥିଲା ବେଳେ ଗତ କିଛି ବର୍ଷ ହେଲା ଏହି ଅଞ୍ଚଳର ଚାଷୀମାନେ ନଳିତା ଚାଷ ପ୍ରତି ବିମୁଖ ହେଉଥିବା ଜଣାଯାଇଛି । ଦିନକୁ ଦିନ ଶ୍ରମିକ ମଜୁରୀ ବୃଦ୍ଧି ପାଇବା ସହ ଶ୍ରମିକଙ୍କର ଘୋର ଅଭାବ ଦେଖାଦେଇଛି । ଗାଁରେ କାମ ମିଳୁନଥିବାରୁ ବହୁ ଶ୍ରମିକ ରାଜ୍ୟ ବାହାରକୁ ଦାଦନ ଶ୍ରମିକ ରୂପେ କାର୍ଯ୍ୟ କରିବା ପାଇଁ ପଳାଇଯାଉଛନ୍ତି । ଫଳରେ ଗାଁ ଗହଳିରେ କୃଷି କ୍ଷେତ୍ରରେ କାମ କରିବା ପାଇଁ ଉପଯୁକ୍ତ ମାତ୍ରାରେ ଶ୍ରମିକ ମିଳୁନାହାଁନ୍ତି । ଏପରିକି ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସେବା ସମବାୟ ସମିତି, ଘରୋଇ ଋଣ ଲଗାଣକାରୀ ସଂସ୍ଥା ଏବଂ ଗାଁ ମହାଜନଙ୍କଠାରୁ ହାତ ଉଦ୍ଧାରୀ ଆଣି ନଳିତା ଚାଷ କରୁଥିଲେ ମଧ ସ୍ଥାନୀୟ ଅଂଚଳରେ ନଳିତା ଚାଷ ପାଇଁ କୌଣସ ପ୍ରୋତ୍ସାହନ ଯୋଗାଇ ଦିଆଯାଉନାହିଁ । ନକଲି ଘାସ ମାରା ଔଷଧ ପ୍ରୟୋଗ ଓ ସରକାରଙ୍କ ତରଫରୁ ନିମ୍ନମାନର ବିହନ ଯୋଗାଇ ଦିଆଯାଉଥିବା ଯୋଗୁ ଚାଷୀ ଘୋର ଆର୍ଥିକ ସଂକଟର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ମାତ୍ର ପ୍ରତିକୂଳ ବାତାବରଣ ସତ୍ୱେ ଚାଷୀ ଯେଉଁ ନଳିତା ଝୋଟ କରିଥିଲା । ଅମଳ ପରେ ତାର ଉପଯୁକ୍ତ ମୂଲ୍ୟ ପାଉ ନାହିଁ । ବଜାରରେ ସାର, ଔଷଧ ଏପରିକି ବିହନ ମଧ ଚଢା ଦରରେ ବିକ୍ରୟ କରାଯାଉଛି । ସରକାରଙ୍କ ତରଫରୁ ଯେଉଁ ସାର, ବିହନ, ଔଷଧ ଯୋଗାଇ ଦିଆଯାଉଛି ତାହା ଚାଷୀଙ୍କ ନିକଟରେ ପହଂଚାଇବା ପୂର୍ବରୁ ବାଟରେ କଳାବଜାରରେ ବିକ୍ରୟ ହୋଇଯାଉଛି । ସରକାରୀ ଭାବେ ଝୋଟ କୁଇଟାଂଲ ମାତ୍ର ୧୫ ଶହରୁ ଉର୍ଦ୍ଧ ଟଙ୍କା ରଖାଯାଇଥିଲା ବେଳେ ଝୋଟ ବିକ୍ରୟ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଚାଷୀ ବାଧ ହୋଇ ବେପାରୀକୁ କୁଣ୍ଟାଲ ପିଛା ୧୦୦୦ ରୁ ୧୨୦୦ ଟଙ୍କାରେ ବିକ୍ରୟ କରିବା ପାଇଁ ବାଧ ହେଉଛନ୍ତି । କେନ୍ଦ୍ରାପଡା ଜିଲ୍ଲାର ଦାନପୁର ଝୋଟ ସମବାୟ ଓ କେନ୍ଦୁପାଟଣାରେ ଥିବା ଭାରତୀୟ ଝୋଟ ନିଗମ ଏକ ରକମ ଅଚଳ ହୋଇଯାଇଥିବାରୁ ଚାଷୀ ଠିକ୍ ଭାବେ ଝୋଟ ବିକ୍ରୟ କରିପାରୁନାହାଁନ୍ତି । ଫଳରେ ଏହି ଅଂଚଳରେ ଦିନକୁ ଦିନ ନଳିତା ଚାଷ ହ୍ରାସ ପାଉଥିବାରୁ ବୁଦ୍ଧିଜୀବୀ ମହଲରେ ଚିନ୍ତାର କାରଣ ହୋଇଛି।

ଏଠାରେ ସୂଚନାଯୋଗ୍ୟ, ନଳିତାରୁ ତିଆରି ଝୋଟରୁ ଦଉଡି, ଅଖା, ଶାଢୀ, ବ୍ୟାଗ ପ୍ରଭୃତି ବହୁ ମୂଲ୍ୟବାନ ଦ୍ରବ୍ୟ ତିଆରି ହେଉଥିଲା ବେଳେ କାଉଁରିଆକୁ ଲୋକମାନେ ଜାଳେଣୀ ରୂପେ ବ୍ୟବହାର କରୁଥିଲେ । ସରକାର ଚାଷୀମାନଙ୍କର ପ୍ରକୃତ ଅବସ୍ଥାକୁ ହୃଦୟଙ୍ଗମ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦୃଢ ଦାବି ହୋଇଛି।

# ଠିକାଦାରଙ୍କ ମନମାନିରେ ଚାଲିଛି ଗ୍ରାମାଂଚଳରେ ସୋକ୍ପିଟ୍ ଓ ଆବର୍ଜନାକୁଣ୍ଡ ନିର୍ମାଣ : ଉଚ୍ଚସ୍ତରୀୟ ତଦନ୍ତ ଦାବି

ସାଲେପୁର, ୨୮ ନଭେମ୍ବର (ହି.ସ.)- ଗ୍ରାମାଂଚଳରେ ପରିମଳ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ କେନ୍ଦ୍ର ସରକାରଙ୍କ ସହାୟତାରେ ବ୍ୟକ୍ତିଗତ ସୋକ୍ପିଟ୍ ନିର୍ମାଣ ପାଇଁ ୩୫୦୦ ଟଙ୍କା ଓ ଗ୍ରାମପଂଚାୟତ ପକ୍ଷରୁ ୧୫୦୦ ଟଙ୍କା ଏପରି ୫ ହଜାର ଟଙ୍କା ଯୋଗାଇ ଦିଆଯାଉଛି । ସେହିପରି ସରକାରୀ ନଳକୂପର ଆବର୍ଜନା ପାଣି ଷ୍ଟକ୍ ରଖିବା ପାଇଁ ସୋକ୍ପିଟ୍ ନିର୍ମାଣ ପାଇଁ ଯୋଜନା ରହିଛି । ତତ୍ସହିତ ପ୍ରତି ୱାଡ୍ ର ଛକରେ ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାଇ ଗୋଟିଏ ସ୍ଥାନରେ ପକାଇବା ପାଇଁ ୩୫ ହଜାର ଟଙ୍କା ବିନିମୟରେ ଆବର୍ଜନାକୁଣ୍ଡ କରାଯିବା ପାଇଁ ସରକାର ଅନୁଦାନ ଦେଉଥିଲା ବେଳେ ପ୍ରତି ୱାର୍ଡରୁ ଆବଜନାକୁ ସଂଗ୍ରହ କରି ପଂଚାୟତର ଏକ ସ୍ଥାନରେ ଠୁଳ କରିବା ପାଇଁ ୧ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟରେ ଗୋଷ୍ଠୀ ଆବର୍ଜନା କେନ୍ଦ୍ର ନିର୍ମାଣ କରିବା ପାଇଁ ସରକାର ଯୋଗାଇ ଦେଉଛନ୍ତି । ପ୍ରତିୱାର୍ଡର ଆବର୍ଜନାକୁ ପଂଚାୟତରେ ହୋଇଥିବା ଗୋଷ୍ଠୀ ଆବର୍ଜନା କେନ୍ଦ୍ରକୁ ନେବା ପାଇଁ ପଂଚାୟତର ଏକ ସ୍ୱୟଂ ସହାୟିକା ଗୋଷ୍ଠୀକୁ ମାସିକ ଦୁଇ ହଜାର ଟଙ୍କା ପାରିଶ୍ରମିକ ମଧ ଦିଆଯିବାର ବ୍ୟବସ୍ଥା ହୋଇଛି । ମାତ୍ର ଦୁଃଖ ଓ ପରିତାପର ବିଷୟ ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ପଂଚାୟତରେ ପ୍ରଥମ ପର୍ଯ୍ୟାୟରେ ବ୍ୟକ୍ତିଗତ ସୋକ୍ ପିଟ୍ ୩୦୪୪ ଗୋଟି ଅନୁମୋଦିତ ହୋଇଥିଲା ବେଳେ ସରକାରୀ ସୋକ୍ପିଟ୍ ୨୪୧୬ଟି ନିର୍ମାଣ ପାଇଁ ଅନୁମୋଦିତ ହୋଇଛି । ସୋକ୍ପିଟ୍ ନିର୍ମାଣ ପାଇଁ ୫ ହଜାର ଟଙ୍କା ବିନିମୟରେ ୬ଟି ନନ୍ଦ ଓ ଏକ ଘୋଡଣୀ ମିଶି ୭ଟି ପକାଯିବାର ବିଭାଗୀୟ ଅଧିକାରୀ ତାଗିଦ୍ କରୁଥିଲା ବେଳେ ପଂଚାୟତର ରାଜନୈତିକ ଠିକାଦାରମାନେ ମାତ୍ର ୪ ପଟ ନନ୍ଦ ଓ ଏକ ଘୋଡଣୀ ଦେଇ ହିତାଧିକାରୀଙ୍କ ଠାରୁ ୨ ଶହ ଟଙ୍କା ମଧ ଆଦାୟ କରୁଥିବା ନଜିରକୁ ଆସିଛି । ସରକାରଙ୍କ ପକ୍ଷରୁ ଏହି ଯୋଜନା ଯୋଗାଇ ଦିଆଯାଉଥିଲା ବେଳେ ପଂଚାୟତର କୁଜିନେତାମାନେ ହିତାଧିକାରୀଙ୍କ ଠାରୁ ଅର୍ଥ ଆଦାୟ କରିବାର କି ସ୍ୱାର୍ଥ ରହିଛି ତାହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ଦାବି ହେଉଛି । ପ୍ରକାଶ ଥାଉକି, ଆବର୍ଜନା କୁଣ୍ଡ ନିର୍ମାଣରେ ସରକାରୀ ନିୟମକୁ ଉଲଘଂନ କରି ଠିକାଦାରମାନେ ନିଜ ଇଚ୍ଛା ମୁତାବକ ଆବର୍ଜନା କୁଣ୍ଡ ନିର୍ମାଣ କରିଥିବା ଅଭିଯୋଗ ହୋଇଛି । ଏପରିକି ଏହି ବ୍ଲକରେ କାମର ଅନିୟମିତତା ହୋଇଥିବା ସୂଚନା ଅଧିକାର ଆଇନରୁ ଜଣାପଡିଛି । କଟକ ଜିଲ୍ଲାପାଳ ଓ ଭିଜିଲାନ୍ସ ପକ୍ଷରୁ ଏହି କାମର ଉଚ୍ଚ ସ୍ତରୀୟ ତଦନ୍ତ ହେଲେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସାଧାରଣରେ ଦାବି ହେଉଛି ।

# କଲେଜ ଛକ ଶିଶୁମନ୍ଦିରରେ ବିଦ୍ୟାରମ୍ଭ ସଂସ୍କାର ଅନୁଷ୍ଠିତ

ବଲାଙ୍ଗିର, ୨୯/୧୧ (ନି.ପ୍ର): ବଲାଙ୍ଗିର କଲେଜ ଛକ ସରସ୍ୱତୀ ଶିଶୁମନ୍ଦିରରେ ଆଜି ବିଦ୍ୟାରମ୍ଭ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁମନ୍ଦିରରେ ପ୍ରାରମ୍ଭ ଓ ବୋଧ ଶ୍ରେଣିରେ ପ୍ରବେଶ କରିଥିବା ଶିଶୁମାନଙ୍କ ବିଦ୍ୟାରମ୍ଭ ଉପଲକ୍ଷେ ଏହି ସଂସ୍କାର ହୋଇଥିଲା। ସକାଳୁ ସ୍ଥାନୀୟ ଶାନ୍ତିପଡା ସ୍ଥିତ ଚନ୍ଦ୍ରଶେଖର ମହାଦେବ ମନ୍ଦିର ଠାରୁ ଶିଶୁମାନଙ୍କ ମାତା ମାନେ ମୁଣ୍ଡରେ ପୁସ୍ତକ ଧରିଥିବା ବେଳେ ଶିଶୁ ମାନେ ସୁସଜ୍ଜିତ ପାଲିଙ୍କିରେ ମନ୍ଦିରରୁ ବିଦ୍ୟାଳୟର ଘୋଷ୍ ଦଳ ଏକ ସଂସ୍କୃତିକ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ଶେଷରେ ସ୍କୁଲ ପରିସରରେ ପ୍ରଧାନ ଆଚାର୍ଯ୍ୟ ରବିନ୍ଦ୍ର ମିଶ୍ର ଶିଶୁ ମାନଙ୍କ ପାଦ ପ୍ରକ୍ଷାଳନ କରି ଭିତରକୁ ସ୍ୱାଗତ କରିଥିଲେ। ପୂଜା କର୍ମ ପରେ ସଂସ୍କାର ପାଇଁ ଯଜ୍ଞ କର୍ମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କୁଲ ପରିଚାଳନା କମିଟି ଉପସଭାପତି କାଳିପ୍ରସାଦ ମିଶ୍ର ଓ ଛବିଲ ବଗର୍ତି ଗାୟତ୍ରୀ ପରିବାରରୁ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଶିଶୁମାନଙ୍କ ବିଦ୍ୟାରମ୍ଭ ସଂସ୍କାର କାର୍ଯ୍ୟକ୍ରମରେ ରତ୍ନପ୍ରଭା ଦାସ ଗୁରୁମା ସମେତ ବିଦ୍ୟାଳୟର ଗୁରୁଜୀ ଗୁରୁମା ପରିଚାଳନା କମିଟି ସଦସ୍ୟ ନୀଳାଚଳ ଚିରଗୁନ, ଢ଼ୋଲାମଣୀ ଗଡତିଆ, ପଙ୍କଜିନି ଠାକୁର, ସାବିତ୍ରୀ ଡାଙ୍ଗ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କାର୍ଯ୍ୟ ସମ୍ପାଦନ ହୋଇଥିଲା।

## ବିପିଏମଙ୍କ ବଦଳି ବାତିଲ୍ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ନୂଆପଡ଼ା, ୨୯/୧୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକରେ କାର୍ଯ୍ୟରତ ବିପିଏମଙ୍କ ବଦଳି ବାତିଲ ଦାବିରେ ମହିଳା ମହାସଂଘର ଶତାଧିକ ମହିଳା ବ୍ଲକ ରେ ଯୋଗଦେଇ ଅଭିଯୋଗ ଶୁଣାଣି ଶିବିରରେ ନୂଆପଡ଼ା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସିନାପାଲି ବ୍ଲକ ରେ ବିପିଏମ ଭାବରେ ଶରତ ଚନ୍ଦ୍ର ଦୀପ କାର୍ଯ୍ୟ ତୁଲାଉଛନ୍ତି। ସେ ସିନାପାଲି ବ୍ଲକରେ ଯୋଗଦାନ କରିବାର ମାତ୍ର ଦେଢ଼ ବର୍ଷ ହୋଇଛି। ହେଲେ ଏଠାରୁ ଅନ୍ୟତ୍ର ବଦଳି କେଉଁ କାରଣରୁ କରାଯାଉଛି ବୋଲି ପ୍ରଶ୍ନ କରିଛନ୍ତି। ସେହିପରି ଶ୍ରୀ ଦୀପ ଜଣେ ଭଦ୍ର ଓ ମେଳାପୀ ସ୍ୱଭାବର ହୋଇଥିବା ବେଳେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ସ୍ୱାବଲମ୍ବୀ ହେବାର ବାଟ ଦେଖାଇବା ସହ ଆତ୍ମନିର୍ଭର ହେବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ନେଇ ତାଲିମ ପ୍ରଦାନ କରୁଛନ୍ତି। ଜଣେ ସଚ୍ଚୋଟ ଅଧିକାରୀ ଭାବରେ ରହି କାର୍ଯ୍ୟ ନିର୍ବାହ କରୁଛନ୍ତି। ଦୁର୍ନୀତି ମୁକ୍ତ ରହିବା ପାଇଁ ସଦାସର୍ବଦା କର୍ମଚାରୀ ମାନଙ୍କୁ ଦାଗିଦ କରୁଥିବାରୁ ଓଏଲ ଏମ (ଗ୍ରାମୀଣ ଜୀବିକା ମିଶନ) ବିଭାଗ ଅଗ୍ରଗତି ପଥରେ ଆଗେଇଛି।

# ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୨୯/୧୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାରେ ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଉଲୁଣ୍ଡା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରୱଣେ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ବଳିତ ୨୮ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧରେ ବ୍ୟକ୍ତିଗତ ଦରଖାସ୍ତ ୨୧ ଗୋଟି ଓ ସାମୁହିକ ଦରଖାସ୍ତ ୭ ଗୋଟି ରହିଛି। ଗ୍ରହଣ ୨୮ ଗୋଟି ଦରଖାସ୍ତ ମଧରୁ ଶିବିରରେ ବିଭିନ୍ନ ମାମଲାର ୮ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୨୦ ଟି ଆପତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉଲୁଣ୍ଡା ହେମସାଗର ଭୋଇଙ୍କ ତତ୍ୱାବଧାନରେ ଅଦ୍ୟ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ, ବୀରମହାରାଜପୁର ଅଶୋକ କୁମାର ଭୋଇ, ବ୍ଲକ ଅଧକ୍ଷା ଶ୍ରୀମତୀ ଶାନ୍ତିଲତା ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ ଆରଡବ୍ଲୁଏସଏସ ଇଂ. ବିଭୁ ପ୍ରସାଦ ପଣ୍ଡା, ତହସିଲଦାର ବିପିନ୍ କୁମାର ପ୍ରଧାନ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଶିବିରରେ ସରକାରଙ୍କ ମଧୁବାବୁ ଭତା ଯୋଜନାରେ ବ୍ଲକ ଅନ୍ତର୍ଗତ କୋଟସମଲେଇ ପଂଚାୟତ ମହୁଖଣ୍ଡି ଗ୍ରାମର ନିରାଶା ମୁଣ୍ଡା, ମୁଣ୍ଡୋଘାଟ ପଂଚାୟତ ବିଜେପୁର ନିବାସୀ କସ୍ତୁରୀ ମହାନ୍ତି, ଉଲୁଣ୍ଡା ଗ୍ରା.ପ. ଅନ୍ତର୍ଗତ ପୁଟୁରୁପାଲି ନିବାସୀ କସ୍ତୁରୀ ବାରିକ ଓ ବଡାଲି ଗ୍ରାମର ସସ୍ମିତା ଜାଲଙ୍କ ସହ ମହୁଲପାଲି ନିବାସୀ ସୁନିତା ପଧାନ ପ୍ରମୁଖ ପାଂଚ ଜଣଙ୍କୁ ଟଙ୍କା ୫୦୦ ଲେଖାଏଁ ଭତା ପ୍ରଦାନ କରିଛନ୍ତି ଜିଲ୍ଲାପାଳ ଶ୍ରୀମତୀ ନରୱଣେ।

ସୂଚନା ମୁତାବକ, ମହୁଖଣ୍ଡି ଗ୍ରାମ ନିବାସୀ ନିରାଶା ମୁଣ୍ଡାଙ୍କ ଭତା ହୋଇ ନଥିବା ବିଭିନ୍ନ ଗଣମାଧମରେ ପ୍ରକାଶ ପାଇଥିଲା, ମାତ୍ର ଆଜି ମୁଣ୍ଡାଙ୍କୁ ତୁରନ୍ତ ପେନସନରେ ସାମିଲ ନିମନ୍ତେ ଜିଲ୍ଲାପାଳ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଧାନମଣ୍ଡି ଶିଘ୍ର ଖୋଲିବାକୁ କୃଷକ କଲ୍ୟାଣ ମଂଚ କୋରାପୁଟର ଦାବି

ଜୟପୁର, ୨୯/୧୧ (ନି.ପ୍ର): କୃଷକ କଲ୍ୟାଣ ମଂଚ କୋରାପୁଟ ତରଫରୁ ଜୟପୁର ସ୍ଥିତ ଜିଲା ଯୋଗାଣ ଅଧିକାରିଙ୍କୁ ସାକ୍ଷାତ କରି ଦାବି ପତ୍ର ପ୍ରଦାନ କରାଯାଇଛି । ମଂଚର ସମ୍ପାଦକ ତଥା ଡି.ଏଲ.ପି.ସି ସଭ୍ୟ ନରେନ୍ଦ୍ର କୁମାର ପ୍ରଧାନଙ୍କ ନେତୃତ୍ୱରେ ଚାଷି ମାନେ ଜିଲା ଯୋଗାଣ ଅଧିକାରି ପ୍ରଦିପ କୁମାର ପଣ୍ଡାଙ୍କୁ ସାକ୍ଷାତ କରି ଦାବି ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଧାନ ମଣ୍ଡି ତୁରନ୍ତ ଆରମ୍ଭ କରାଯିବା ସହ ଚଳିତ ଖରିଫ ଋତୁରେ ଜିଲାରେ ବହୁ ସ୍ଥାନରେ ଧାନ ଅମଳ ସରିବା ଉପରେ ଜିଲାରେ ୮୦ ପ୍ରତିଶତ ଭାଗରୁ ଉର୍ଦ୍ଧ୍ୱ ଛୋଟ ଓ ମଧ୍ୟମ ଗରିବ ଚାଷୀ ଅଟନ୍ତି । ଧାନ ଅମଳ ପରେ ସେମାନେ କୁଲି, ମଜୁରି ପ୍ରଦାନ, ନିଜର ନିତ୍ୟ ବ୍ୟବହାର୍ଯ୍ୟ ଓ ଦୈନନ୍ଦିନ ଖର୍ଚ୍ଚ ମେଂଟାଇବାକୁ ତଥା ଋଣ ସୁଝିବାକୁ ଅର୍ଥ ଅଭାବ କାରଣରୁ ଅତି କମ ଦରରେ କ୍ୱିଣ୍ଟାଲ ପିଛା ୧୨ ଶହରୁ -୧୪ ଶହ ମଧରେ ବେପାରି, ଦଲାଲ ଓ ମିଲର ମାନଙ୍କୁ ଧାନ ବିକ୍ରୟ କରିବାକୁ ବାଧ ହୋଇଥାନ୍ତି । ଯାହା ଫଳରେ ଧାନ ମଣ୍ଡି ସେମାନଙ୍କ ସକାଶେ ଏକ ପ୍ରହସନରେ ପରିଣତ ହୋଇଥାଏ। ବର୍ତମାନ ଏହାର ସୁଯୋଗ ନେଇ ଦଲାଲ ମାନେ ସକ୍ରିୟ ହୋଇ ସାରିଛନ୍ତି । ତେଣୁ ପ୍ରଶାସନ ଯଦି ଚାଷିଙ୍କ ସ୍ୱାର୍ଥ ଚାହୁଁଥାନ୍ତି ଏବଂ ବିକେନ୍ଦ୍ରୀକରଣ ଧାନ କ୍ରୟ ଯୋଜନାର ମହତ ଉଦ୍ଦେଶ୍ୟ ପ୍ରତି ଯତ୍ନବାନ ତାହା ହେଲେ ଯଥାଶିଘ୍ର ମଣ୍ଡି ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଆରମ୍ଭ କରାଗଲେ ଜିଲାର ବହୁ ଗରିବ ଚାଷି ଉପକୃତ ହୋଇପାରିବେ ବୋଲି ମଂଚ ଦାବି କରିଛି । ଦାବି ପତ୍ର ପ୍ରଦାନ ସମୟରେ ନିଳକଣ୍ଠ ନାୟକ, ଅଶୋକ ତ୍ରିପାଠି, ବିଦୁର ମଣ୍ଡଳ, ରାଧାନାଥ ଭଟ୍ଟ, ଝାଡେଶ୍ୱର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# କୁମ୍ଭକାରଙ୍କ କୁରାଳ ପଚଂମୀ ପର୍ବ ଆରମ୍ଭ

ପୁରୀ, ୨୯/୧୧ (ନି.ପ୍ର): କୁମ୍ଭକାରମାନଙ୍କ ପବିତ୍ର କୁରାଳ ପଚଂମୀ ପର୍ବ ଆଜିଠାରୁ ଆରମ୍ଭ ହୋଇଛି। ଏହା ୫ ଦିନ ଧରି ଚାଲିବ। ମାର୍ଗଶୀର ଶୁକ୍ଳ ପଚଂମୀ ତିଥିରୁ ଏହି ପର୍ବ ଆରମ୍ଭ ହୋଇ ବିଭିନ୍ନ ପୂଜାବିଧି ଅନୁସାରେ ଆସନ୍ତା ୨ ତାରିଖରେ ଉଦଯାପିତ ହେବ । ପୁରୀ ସହରର କୁମ୍ଭାରପଡ଼ା, ଜେନାପୁର, ଟିକରପଡ଼ା, ନୂଆସାହିରେ ଥିବା କୁମ୍ଭକାରମାନେ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରୁଛନ୍ତି । ଚକ, ହାଣ୍ଡିଗଢା ସରଞ୍ଜାମ, ପିଣ୍ଡ, ପିଟଣାକୁ ପୂଜାରେ ବସାଇ ଇଷ୍ଟ ଦେବତା ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କୁ ପୂଜା କରୁଛନ୍ତି। ଏଥିପାଇଁ ପୁରୀରେ ୧୦ଟି ପୂଜା ମଣ୍ଡପ ସ୍ଥାପନା କରାଯାଇଛି। ସେଠାରେ ହୋମ, ଯଜ୍ଞ ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । କୁମ୍ଭାର ଶାଳରେ ଚକ୍ର ପୂଜା କରାଯାଉଛି । ଠାକୁରଙ୍କ ପାଖରେ ପାଂଚ ଦିନରେ ପାଂଚ ପ୍ରକାର ଶଙ୍ଖୁଡ଼ି ଭୋଗ କରାଯିବ । ଏହି ସମୟରେ କୁମ୍ଭକାରମାନେ କଂଚା ହାଣ୍ଡି ଓ ଗଜା ମାଟିକୁ ସ୍ପର୍ଶ କରିବେ ନାହିଁ । କୁମ୍ଭକାରମାନେ ହବିଷ୍ୟାନ୍ନ ପାଳନ କରିବା ସହ ଶ୍ରୀମନ୍ଦିରକୁ କୁଡୁଆ ଯୋଗାଣ ବନ୍ଦ ରଖିଛନ୍ତି । ଶଙ୍ଖୁଡ଼ି ଭୋଗ ମଧରେ ପଚଂମୀରେ ସାଧା ଅନ୍ନ, ଷଷ୍ଠୀରେ ପିଠାପଣା, ସପ୍ତମୀରେ ଦହି ପଖାଳ, ଅଷ୍ଟମୀରେ ଖେଚୁଡ଼ି ଓ ନବମୀରେ ଚକୁଳି ପିଠା ଇଷ୍ଟ ଦେବୀଙ୍କୁ ପୂଜା କରିଥାନ୍ତି।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ବୁଧବାର, ୩୦ ନଭେମ୍ବର ୨୦୨୨

# କାର୍ଯ୍ୟଦକ୍ଷତା ହ୍ରାସ କରେ ବ୍ୟବହାର୍



ନିଜର ଆଚାର ବ୍ୟବହାର ଉପରେ ନିଜ କାର୍ଯ୍ୟଦକ୍ଷତା ଅନେକାଂଶରେ ନିର୍ଭର କରିଥାଏ । ହୁଏତ କେତେକ କହିପାରନ୍ତି ସେ କାର୍ଯ୍ୟଦକ୍ଷତା ନିଜ ସାମର୍ଥ୍ୟ ଏବଂ ଦକ୍ଷତା ଉପରେ ନିର୍ଭ କରେ । କିନ୍ତୁ ନିଜ ବ୍ୟବହାର କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ପ୍ରକାଶ କରିଛନ୍ତି ଇଂଲର୍ଡର ମନୋବିଜ୍ଞାନୀମାନେ । କାର୍ଯ୍ୟ କରିବା ସମୟରେ କାହାର ବ୍ୟବହାର କିପରି ରହୁଛି ଏବଂ ତାର କି ପ୍ରକାର ପ୍ରଭାବ ସେମାନଙ୍କ ଉପରେ ପଡୁଛି ତାହା ଅନୁଧ୍ୟାନ କରାଯାଇଥିଲା । କାମ କରିବା ସମୟରେ କେତେକଙ୍କର ସ୍ୱାଭାବ ଚିଡ଼ିଚିଡ଼ା ହୋଇଥାଏ । ଏହାଦ୍ୱାରା ସେମାନଙ୍କ ମାନସିକ ସ୍ଥିତି ସ୍ଥିର ରହିନଥାଏ । ତେଣୁ ଏଭଳି ପରିସ୍ଥିତିରେ କାମକୁ ଠିକ୍ ଭାବରେ କରିବା ସମ୍ଭବ ହୋଇନଥାଏ । କାମ କରିବା ସମୟରେ ଟେନସନ କିମ୍ବା କିଛି କାରଣରୁ କେତେଜଣଙ୍କର ମାନସିକତାରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ । ଏହାଦ୍ୱାରା ସେମାନଙ୍କ ବ୍ୟବହାର ମଧ୍ୟ ପ୍ରଭାବିତ ହୋଇଥାଏ । ଫଳରେ ସେମାନେ ଠିକ୍ ଭାବରେ କାମଟିକୁ କରିପାରି ନଥାନ୍ତି । ତେଣୁ କାମ କରିବା ସମୟରେ ନିଜ ବ୍ୟବହାର ସମ୍ପର୍କରେ ସଚେତନ ରହିବା ଦରକାର ବୋଲି ପ୍ରକାଶିତ ରିପୋର୍ଟରେ ପରାମର୍ଶ ଦିଆଯାଇଛି ।

# ଶୀତଦିନେ ବଢ଼ିପାରେ ଆସ୍ଥମା ଆଟାକର ବିପଦ : ଜାଣନ୍ତୁ କିପରି ବର୍ତ୍ତିବେ



ଶୀତଦିନେ ଆସ୍ଥମା ରୋଗୀଙ୍କ ପାଇଁ ସମସ୍ୟା ବଢଯାଇଥାଏ । ଆସ୍ଥମା ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସମ୍ପୂର୍ଣ୍ଣ ଚିକିତ୍ସା ନାହିଁ କିନ୍ତୁ ଏହି ରୋଗ ଡାଏଟ୍, ଇନହେଲର୍ ଏବଂ କିଛି ମେଡିସିନ୍ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ । ଆସ୍ଥମାରେ ପୀଡିତ ଲୋକଙ୍କ ବାୟୁମାର୍ଗ ଅଧିକ ସମ୍ବେଦନଶୀଳ ହୋଇଥାଏ ଓ ଏଥିରେ ଇନଫ୍ଲାମେସନର ଆଶଙ୍କାର ଅଧିକ ଥାଏ । ଥଣ୍ଡା ପବନ ବାୟୁମାର୍ଗକୁ ଶୁଖିଲା କରିପାରେ, ଯେଉଁଥିରେ ଆଖପାଖର ମାଂସପେଶୀରେ ସମସ୍ୟା ସୃଷ୍ଟି ହୋଇଥାଏ । ଆସ୍ଥମାରୁ ବର୍ତ୍ତିବା ପାଇଁ ସୁସ୍ଥ ଓ ସନ୍ତୁଳିତ ଆହାର, ଯେଉଁଥିରେ ବହୁତ ସାରା ଫଳ ଓ ପରିବା ସାମିଲ ରହିଛି, ତାହାକୁ ଖାଇବା ଉଚିତ୍ । ଏହା ଦ୍ୱାରା ଆସ୍ଥମାର ଲକ୍ଷଣକୁ ବର୍ତ୍ତିବା ପାଇଁ ସହାୟତା ମିଳିଥାଏ । ରିସର୍ଚ୍ଚ ଅନୁସାରେ, ରସୁଣରେ ଅନେକ ତତ୍ତ୍ୱ ରହିଛି, ଯାହା କି ଇନଫ୍ଲାମେସନକୁ କମ୍ କରିବାକୁ ସହାୟକ ହୋଇପାରେ । ଏହା ସହ ଯେଉଁ ଲୋକମାନଙ୍କର ଆସ୍ଥମା ସମସ୍ୟା ରହିଛି, ସେମାନଙ୍କୁ ସମୟ ସମୟରେ ମେଡିସିନ୍ ଓ ଇନହେଲର ନେବାକୁ ପରାମର୍ଶ ଦିଆଯାଇଛି । ଏହା ସହ ଆସ୍ଥମା ରୋଗୀଙ୍କୁ ସବୁବେଳେ ସେମାନଙ୍କ ସହିତ ଷ୍ଟେରଏଡ୍ ମେଡିସିନ୍ ରଖିବାକୁ ପଡେ । ଆସ୍ଥମା ରୋଗୀଙ୍କୁ ଧୂଳି, ମଳି ଏବଂ ଥଣ୍ଡା ଠାରୁ ଦୂରେଇ ରହିବାକୁ ପଡିବ । ସେଥିପାଇଁ ଶୀତଦିନେ ଯଥାସମ୍ଭବ ବାହାରକୁ ଯିବା ଠାରୁ ଦୂରେଇ ରୁହନ୍ତୁ ।

# ୨.୬୧ କୋଟିରେ ନିଲାମ ହେଲା ଗାଈ, ଭାଙ୍ଗିଲା ବିଶ୍ୱ ରେକର୍ଡ



ସେଣ୍ଟ୍ରାଲ ଇଂଲଣ୍ଡରେ ଏକ ଗାଈ ୨.୬୧ କୋଟି ଟଙ୍କାରେ ନିଲାମ ହୋଇଛି । ପୋଶ ସ୍ପାଇସ୍ ନାମକ ଏହି ନିଆରା ଗାଈର ବୟସ ୧୪ ମାସ । ବହୁ ମୂଲ୍ୟବାନ ଲିମୋସିନ୍ ପ୍ରଜାତି ପାଇଁ ଏହା ବିଶ୍ୱ ରେକର୍ଡ ସୃଷ୍ଟି କରିଛି । ଶ୍ରପ୍‌ଶାୟାର ସ୍ଥିତ ଲଜ୍ ଫାର୍ମଠାରେ ଏହାର ଲାଳନପାଳନ ହେଉଥିଲା । ଏହା ପୂର୍ବରୁ ଶ୍ରେଷ୍ଠ ପ୍ରଜାତି ଭାବେ ନିଲାମ ହୋଇଥିବା ଗାଈଠାରୁ ଦୁଇଗୁଣ ମୂଲ୍ୟରେ ଗତ ମାସ ଏହାର ନିଲାମ ହୋଇଛି । କାର୍ଲିସଠାରେ ଉକ୍ତ ପ୍ରଜାତିର ଗାଈର ନିଲାମ ୧,୩୧,୨୫୦ ପାଉଣ୍ଡରେ ହୋଇଥିଲା । ତେବେ ପୋଶ ସ୍ପାଇସ୍ କେବଳ ପୂର୍ବ ରେକର୍ଡ ଭାଙ୍ଗିଛି ତାହା ନୁହେଁ, ବରଂ ଇଂଲଣ୍ଡ ଓ ୟୁରୋପର ସବୁଠୁ ମହଙ୍ଗା ଗାଈର ମାନ୍ୟତା ମଧ୍ୟ ପାଇଛି । ପ୍ରଜନକ ତଥା ପଶୁପାଳକ ଖ୍ରୀଷ୍ଟିନ୍ ୱିଲିୟମ୍‌ସ ଏହି ଗୋବଂଶ ପ୍ରତିଷ୍ଠା କରିଥିଲେ । ନିଲାମରେ ପୋଶ ସ୍ପାଇସ୍ ରେକର୍ଡ ଭଙ୍ଗ କରିବା ପରେ ସେମାନେ ଖୁବ୍ ଖୁସି ହୋଇଥିଲେ ।

# ରବିବାର ଆମିଷ କିଣିଲେ ଜୋରିମାନା !

ରବିବାର ହେଉଛି ଛୁଟିଦିନ, ଏଣୁ ଅଧିକାଂଶ ଏଇ ଛୁଟିଦିନରେ ଆମିଷ ରନ୍ଧା ପସନ୍ଦ କରନ୍ତି । ପାଠକେ ବନ୍ଧୁ ଜାଣିଛନ୍ତି କି, ରବିବାରରେ ଆମିଷ କିଣିଲେ ବି ଜୋରିମାନା ଦେବାକୁ ପଡ଼ିବ । ଅବିଶ୍ୱାସ ହେଉଥିଲେ ମଧ୍ୟ କଥାଟି ସତ, ଆମେରିକାର ୱାଶିଂଟନ୍‌ରେ ଏହି ନିୟମ କାର୍ଯ୍ୟକାରୀ ହୋଇଆସୁଛି । ଏବେ ମଧ୍ୟ ପୁଲିସ୍‌ର ଦୃଷ୍ଟିକୁ ଆସିଲେ, ଆମିଷ ନେଉଥିବା ବ୍ୟକ୍ତିକୁ ଦେବାକୁ ପଡ଼େ ଜୋରିମାନା । ଆଜିକାଲିର ଅନ୍-ଲାଇନ୍ ଯୁଗରେ ଲୋକେ ପୂର୍ବରୁ ବରାଦ୍ କରିଦେଉଛନ୍ତି । ୧୯୮୦ ବେଳକୁ ସେଠା ଟେଲିଭିଜନ ବିଜ୍ଞାପନରେ ଦର୍ଶକଙ୍କୁ ବାରମ୍ବାର ସତର୍କ କରାଯାଉଥିଲା,ରବିବାରରେ ଆମିଷ କିଣିବା ମନା । ଏହା ପଛର କାରଣ ଜଣାପଡ଼ିନାହିଁ, କିନ୍ତୁ ୧୮୦୦ ଶତାବ୍ଦୀବେଳକୁ ତତ୍କାଳୀନ ମେୟର୍ ଏହି ନିୟମ ପ୍ରଣୟନ କରିଥିଲେ । ଗତ କିଛି ବର୍ଷ ମଧ୍ୟରେ ଏହି ନିୟମକୁ ନେଇ ପୁଲିସ୍ ସେଭଳି କଡ଼ାକଡ଼ି ପଦକ୍ଷେପ ନେଉନାହିଁ । ୧୯୮୦ ବେଳକୁ ରବିବାରେ ଆମିଷ କିଣୁଥିବା ଲୋକେ ଧରାପଡ଼ିଲେ ସେମାନଙ୍କୁ ଆମିଷ ମୂଲ୍ୟର ୫ ଗୁଣ ରାଶି ଜୋରିମାନା ଭାବେ ଦେବାକୁ ପଡୁଥିଲା ।

# ଏହି ବ୍ୟକ୍ତି ଭୁଲରେ ଖାଆନ୍ତୁ ନାହିଁ ପିଜୁଳି: ପ୍ରଭାବିତ ହୋଇପାରେ ସ୍ୱାସ୍ଥ୍ୟ

**ଶୀତଦିନେ ପିଜୁଳି ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ବିଚାର କରାଯାଏ । ବିଶେଷକରି ପେଟର ହଜମ ଶକ୍ତି ବଢାଇବା ପାଇଁ କଦଳୀ ସହିତ ପିଜୁଳି ଖାଇବାକୁ ପରାମର୍ଶ ଦିଆଯାଏ । ଏହାକୁ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦ୍ରୁତ ଗତିରେ ବଢିଯାଏ । କିନ୍ତୁ କିଛି ଲୋକ ଏପରି ଅଛନ୍ତି ଯେଉଁମାନେ ଭୁଲରେ ପିଜୁଳି ଖାଇବା ଉଚିତ୍ ନୁହେଁ । ଏହା କରିବା ଦ୍ୱାରା ସେମାନେ ଅସୁସ୍ଥ ହୋଇପାରନ୍ତି ଏବଂ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡିପାରେ । ଆସନ୍ତୁ ଜାଣିବା କେଉଁ ଲୋକମାନେ ଶୀତଦିନେ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।**

### ଏହି ରୋଗର ରୋଗୀମାନେ ପିଜୁଳି ଖାଇବା ଉଚିତ୍ ନୁହେଁ:

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାମାନେ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଏହାର କାରଣ ହେଉଛି ପିଜୁଳି ଥଣ୍ଡା ପରିମାଣ ଥାଏ, ଯେଉଁ କାରଣରୁ ଗର୍ଭବତୀ ଏବଂ ନବଜାତ ଶିଶୁର ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଥଣ୍ଡା ଏବଂ ଥଣ୍ଡା ରୋଗରେ ପୀଡିତ ଲୋକମାନେ ମଧ୍ୟ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।

ଏକ୍ଜିମାରେ ପୀଡିତ ଲୋକମାନେ ମଧ୍ୟ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଏହା କରିବା ଦ୍ୱାରା ସେମାନଙ୍କୁ ଚର୍ମର ସମସ୍ୟାର ସାମ୍ନା କରିବାକୁ ପଡିପାରେ । ଏପରି ଲୋକମାନେ ଭୁଲରେ ମଧ୍ୟ ପିଜୁଳି ପତ୍ର ବ୍ୟବହାର କରିବା ଉଚିତ୍ ନୁହେଁ । ଏହା ଚର୍ମ ରୋଗର କାରଣ ହୋଇପାରେ ।



### ମଧୁମେହ ରୋଗୀମାନେ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍

ମଧୁମେହ ରୋଗୀମାନେ ପିଜୁଳି ଖାଇପାରିବେ, କିନ୍ତୁ ସେମାନେ ଏହାକୁ ଅତି କମ ମାତ୍ରାରେ ଖାଇବା ଉଚିତ୍ । ଏହାର କାରଣ ହେଉଛି ପିଜୁଳିରେ ମିଠା ଥାଏ, ଯାହା ମଧୁମେହ ସ୍ତରକୁ ବଢାଇପାରେ । ଆପଣ ଡାକ୍ତରଙ୍କ ପରାମର୍ଶ ପରେ ପିଜୁଳି ଖାଇପାରିବେ ।

### ଗ୍ୟାଷ୍ଟ୍ରୋ ରୋଗୀଙ୍କ ପାଇଁ ମଧ୍ୟ କ୍ଷତିକାରକ ପିଜୁଳି

ପେଟରେ ଏସିଡିଟି ସୃଷ୍ଟି ସମସ୍ୟା ସହ ସଂଘର୍ଷ କରୁଥିବା ଲୋକଙ୍କ ପାଇଁ ମଧ୍ୟ ପିଜୁଳି ଖାଇବା ଭଲ ନୁହେଁ । ଏହି କାରଣରୁ, ତାଙ୍କର ଗ୍ୟାଷ୍ଟ୍ରୋ ସମସ୍ୟା ଆହୁରି ବଢିଥାଏ । ଯଦି ଆପଣ ପେଟରେ କଷ୍ଟ ଅନୁଭବ କରୁଛନ୍ତି କିମ୍ବା ପିଜୁଳି ଖାଇବା ପରେ ବାନ୍ତି ଭଳି ଅନୁଭବ କରୁଛନ୍ତି, ତେବେ ଆପଣ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।

# ପୁରୁଷଙ୍କ ମଧ୍ୟରେ କସମେଟିକ୍ ସର୍ଜରୀର ଲୋକପ୍ରିୟତା



କସମେଟିକ୍ ସର୍ଜରୀର ଆଦର ଯେ କେବଳ ମହିଳାଙ୍କ ମଧ୍ୟରେ ଅଛି, ତା ନୁହେଁ । ବର୍ତ୍ତମାନ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଏଇ ଦୌଡ଼ରେ ପୁରୁଷମାନେ ସବୁଠୁ ଅଧିକ ଆଗରେ । ଏଇ ଚିକିତ୍ସା ମହଙ୍ଗା ହେବା ସତ୍ତ୍ୱେ ଲୋକେ ଏସବୁ କରିବାରେ ଖୁବ୍ ଆଗ୍ରହ ପ୍ରକାଶ କରୁଥିବାର ଦେଖାଯାଉଛି । ବିଶ୍ୱର ପ୍ରମୁଖ ରାଷ୍ଟ୍ରର ପୁରୁଷଙ୍କ ପ୍ରଥମ ସମସ୍ୟା ହେଲା ଅକାଳରେ କେଶ ପାଚିବା ଓ ଖୁବ୍ ମାତ୍ରାରେ ଝଡ଼ିବା । ପର୍ବ ଏସବୁର ଦେଶୀ ଚିକିତ୍ସା କରାଯାଉଥିବା ବେଳେ ଲୋକଙ୍କ ମତ ହେଲା, ଏସବୁ ସମୟସାପେକ୍ଷ । ଏଣୁ ଶୀଘ୍ର ଉପଚାର ନିମନ୍ତେ ସେମାନେ ହଜାରହଜାର ଟଙ୍କା ଖର୍ଚ୍ଚ କରି 'ହେୟାର ଟ୍ରାନ୍ସପ୍ଲାଣ୍ଟ' କରାଉଛନ୍ତି । ବିଦେଶୀ ରାଷ୍ଟ୍ରରେ ଏଇ କେଶ ଚିକିତ୍ସା ନିମନ୍ତେ ଲୋକେ ବର୍ଷକୁ ୫-୭ଲକ୍ଷ ଯଙ୍କା ଖର୍ଚ୍ଚ କରିବାକୁ ମନ ଉଣା କରୁନାହାନ୍ତି । ଭାରତରେ ମଧ୍ୟ ନାମୀ ବ୍ୟୁଟି ପାର୍ଲର ବ୍ରାଣ୍ଡ 'ହେୟାର ଟ୍ରାନ୍ସପ୍ଲାଣ୍ଟ' ନିମନ୍ତେ ପ୍ରତି ଥର ପିଛା ୨୦-୨୨ ହଜାର ଟଙ୍କା ଦେୟ ନେଉଥିବାର ପ୍ରକାଶ ପତଳା ଶରୀର ସମସ୍ତଙ୍କୁ ପସନ୍ଦ । ଖାଦ୍ୟପାନୀୟ ପ୍ରତି ଲୋଭ ବଢ଼ିଲେ ଶରୀରର ଓଜନ ବଢ଼ିବା ସ୍ୱାଭାବିକ । ଓଜନକୁ ନିୟନ୍ତ୍ରଣ କରିବା ଏତେ ସହଜ ବ୍ୟାପାର ନୁହେଁ । ଅଧିକାଂଶ ଲୋକ ବ୍ୟାୟାମ, କସରତ ଓ ଖାଦ୍ୟପାନୀୟ ପ୍ରତି ସଜାଗ ରହିନପାରି ଏବେ ଲିପୋସକ୍ସନ କରାଉଛନ୍ତି । ହଲିଉଡ ଓ ବଲିଉଡ କଳାକାରଙ୍କୁ ଦେଖି ଏବେ ସଂଖ୍ୟାଧିକ ଲୋକ ନିଜର 'ସିକ୍ସ ପ୍ୟାକ୍ ଏବ୍ସ' ଫିଗର କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏଇ ଲିପୋସକ୍ସନ ଅପରେସନ୍ ଦ୍ୱାରା ହି ଶରୀରର ଓଜନ କମ କରାଯିବା ସହ ଫିଗର ସୁନ୍ଦର କରାଯାଇଥାଏ ।

# ମଜାଦାର କାର୍ଯ୍ୟାଳୟ



ପ୍ରାୟ ପ୍ରତ୍ୟେକ କାର୍ଯ୍ୟାଳୟର ନିୟମାନୁସାରେ କାର୍ଯ୍ୟ କରିବାର ସମୟ ସ୍ଥିର କରାଯାଇଛି । କର୍ମଚାରୀମାନେ ସେହି ଅନୁସାରେ ଯାଇଥାନ୍ତି । ଇନ୍ଦୋରର ଏକ ଆଇଟି କମ୍ପାନୀ କିନ୍ତୁ କର୍ମଚାରୀମାନଙ୍କ ଲାଗି ଏପରି କାର୍ଯ୍ୟାଳୟ ବ୍ୟବସ୍ଥା କରିଛି ଯାହା ଏବେ ଚର୍ଚ୍ଚାରେ । ନ୍ୟୁ ଆଇଟି ପାର୍କରେ ଆରମ୍ଭ ହୋଇଥିବା ଏହି ଆଇଟି କମ୍ପାନୀରେ କର୍ମଚାରୀଙ୍କ ଯିବା ଆସିବା ପାଇଁ କୌଣସି ଧର୍ଯ୍ୟ ସମୟ ନାହିଁ । କେବଳ ଥରେ ଲଗଇନ କରିବା ପରେ ଆଠଘଣ୍ଟା କାମ କରିବାକୁ ହୁଏ । କମ୍ପାରନୀରେ କାମ କରୁଥିବା ଆଇଟି ବିଶେଷଜ୍ଞମାନଙ୍କ ଲାଗି କ୍ଲାନ୍ତି ଏବଂ ଟେନସନ ଦୂର କରିବା ପାଇଁ ସମସ୍ତ ବ୍ୟବସ୍ଥା ରହିଛି । ରାଜ୍ୟରେ ପ୍ରଥମଥର ପାଇଁ ମହିଳା କର୍ମଚାରୀମାନେ ସେମାନଙ୍କ ଶିଶୁର ଯତ୍ନ ନେଇପାରିବା ଲାଗି ନିଃଶୁଳ୍କ କ୍ରେଚ୍ ସୁବିଧା କରାଯାଇଛି । ଏଠାରୁ ସିସି ଟିଭିର ସିଧା ପ୍ରସାରଣ ସେମାନଙ୍କ ମୋବାଇଲରେ ହୋଇଥାଏ । ଫଳରେ ଯେକୌଣସି ସମୟରେ ପିଲା କ'ଣ କରୁଛି ତାହା କାର୍ଯ୍ୟରତ ମା' ମାନେ ଦେଖିପାରିବେ । ଏହା ପାଖରେ ସେମାନେ ପିଲାଙ୍କୁ ଖୁଆଇ ପାରିବା ଲାଗି କକ୍ଷ ରହିଛି । କାମ ବେଳେ କର୍ମଚାରୀମାନେ ନିଜକୁ ସତେଜ କରିବା ଲାଗି ଟେବୁଲ ଟେନିସ ବ୍ୟାଡମିଣ୍ଟନ ଆଦି ଖେଳିପାରିବେ । ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ସେଠାରେ ଜିମ ରଖାଯାଇଛି । ହସିବା ଏବଂ ଗୀତ ଶୁଣିବା ପାଇ ବି ହଲ ରହିଛି । ମୋବାଇଲରେ କଥା ହେବା ତଥା ଚାଲବୁଲ କରିବା ଲାଗି କାର୍ଯ୍ୟାଳୟ ପରିସରରେ ବଗିଚା କରାଯାଇଛି । କୌଣସି କର୍ମଚାରୀ ଅଧିକ କ୍ଲାନ୍ତ ଅନୁଭବ କରୁଥିଲେ ସେଠାରେ ଥିବା ବିଶ୍ରାମ କକ୍ଷକୁ ଯାଇ ଶୋଇପାରିବେ । ଭେଟିବାକୁ ଆସୁଥିବା ଆଗନ୍ତୁକମାନଙ୍କ ସହ ସାକ୍ଷାତ ପାଇଁ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଛି । ଇନ୍ଦୋରର ତିନିବନ୍ଧୁ ଅମିତ ଅଗଓ୍ୱାଲ, କଲଦୀପ କୁଣ୍ଡଲ ,ବଂ ଅଭିଷେକ ପାରିଖ ୧୫ବର୍ଷ ତଳେ ରେସକୋର୍ସ ରୋଡସ୍ଥିତ ଏକ ଫ୍ଲାଟରେ ତିନିଜଣ କର୍ମଚାରୀଙ୍କୁ ନେଇ ଏହି କମ୍ପାନୀ ଆରମ୍ଭ କରିଥିଲେ । ଏବେ ୪୦ ପାଖାପାଖି ଦେଶରେ ଏହାର ବ୍ୟବସାୟ ଚାଲିଥିବାବେଳେ ଚାରୋଟି ଦେଶରେ କାର୍ଯ୍ୟାଳୟ ରହିଛି । ୨୦୦ରୁ ଅଧିକ କମ୍ପାନୀ ଏହି ଆଇଟି ଫାର୍ମର ସେବା ନେଉଛନ୍ତି । ଏବେ ଇନ୍ଦୋରରେ ଆଠଶହ କର୍ମଚାରୀ କାର୍ଯ୍ୟ କରୁଥିବାବେଳେ ୨୦୦୦ ବେକାରଙ୍କୁ ନିଯୁକ୍ତି ଦେବା ଲାଗି ଲକ୍ଷ୍ୟ ରଖିଛି କମ୍ପାନୀ ।









## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ନିୟନ୍ତ୍ରଣରେ ରଖିବାକୁ ପଡିବ...

ଚିରାଚରିତ ଭାବରେ ଫେବୃଆରୀ ମାସର କେନ୍ଦ୍ର ବଜେଟ୍ ଉପସ୍ଥାପନ ହେବା ପୂର୍ବରୁ ଆଗାମୀ ବଜେଟ୍ ପାଇଁ ଆରମ୍ଭ ହୋଇଗଲାଣି ଆଲୋଚନା- ନୀତି ନିର୍ଦ୍ଧାରକ, ଅର୍ଥ ମନ୍ତ୍ରଣାଳୟର କର୍ମଚାରୀ ବୃନ୍ଦ, ଅର୍ଥନୀତିଜ୍ଞ, ବିଶେଷଜ୍ଞ ଏବଂ ବଜେଟରେ ସ୍ୱାର୍ଥ ନିହିତ ଥିବା ଗୋଷ୍ଠୀଙ୍କ ମଧ୍ୟରେ- ଯାହା ଉଦ୍ୟୋଗ କ୍ଷେତ୍ରଠାରୁ ଆରମ୍ଭ ହୋଇ ନିର୍ଦ୍ଦିଷ୍ଟ ପରିସର ପର୍ଯ୍ୟନ୍ତ ହୋଇଥାଏ, ସେମାନଙ୍କ ମଧ୍ୟରେ ଯେ ବଜେଟ୍‌ର ରୂପରେଖ କେମିତି ହେବ । ଆଗାମୀ ଅଳ୍ପ କେତେ ସପ୍ତାହ ମଧ୍ୟରେ ରାଜନୀତିକ ଦଳମାନେ ନିର୍ଦ୍ଦିଷ୍ଟ ଆଂଚଳିକ ଏବଂ ସାମାଜିକ ଜନସଂସଖ୍ୟାଙ୍କ ପାଇଁ ସ୍ୱର ଉତ୍ତୋଳନ କରିବାକୁ ଯାଇ ସେମାନଙ୍କର ସୁପାରିସ ଓ ଦାବିଗୁଡ଼ିକ ପ୍ରେରଣ କରବାକୁ ଆରମ୍ଭ କରିଦେବେ । ଭାରତର ରାଜନୀତିକ କ୍ୟାଲେଣ୍ଡରର ବାର୍ଷିକ ବଜେଟ୍ ଏକ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଘଟଣା । ପାରମ୍ପରିକ ଭାବରେ 'ସୁଟ୍,-ବୁଟ୍ ପରିହିତ' ଭାରତବର୍ଷକୁ ଏହାର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହିତଧାରକ ଭାବରେ ଉପସ୍ଥାପିତ କରାଯାଇଥାଏ । ସଂସଦରେ ବଜେଟ୍ ଉପସ୍ଥାପନ କରାଯିବା ପୂର୍ବରୁ କେବଳ ଯେ ବଡ଼ ବଡ଼ ବ୍ୟବସାୟିକ ସଂସ୍ଥା ଏବଂ କର୍ପୋରେସନଗୁଡ଼ିକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଥାଏ, ତା' ନୁହେଁ, ବରଂ ଅର୍ଥମନ୍ତ୍ରୀଙ୍କ ବଜେଟ୍ ଉପସ୍ଥାପନ ପରେ ପରେ ନିର୍ଦ୍ଦିଷ୍ଟ ଭାବରେ ଖୋଦ୍ ବଜେଟ୍ ଦିବସ ଏବଂ ଷ୍ଟକ ମାର୍କେଟ୍ ଓ ଉଦ୍ୟୋଗ କ୍ଷେତ୍ରର ପ୍ରତିକ୍ରିୟା ସମସ୍ତଙ୍କ ଧ୍ୟାନ ଆକର୍ଷଣର ଏକ ସିଂହଭାଗ ଅକ୍ତିଆର କରିଥାଏ । ଏସବୁ ଭିତରେ ମଧ୍ୟବିତ୍ତ ଶ୍ରେଣୀ ଉପରେ କ୍ୱଚିତ୍ ସେତେଟା ଗୁରୁତ୍ୱ ଦିଆଯାଇଥାଏ, କେବଳ ଦୁଇଗୋଟି ଦିଗ-- ଆୟକରର ସ୍ଲାବ୍ ଏବଂ ଗୁରୁତ୍ୱପୂର୍ଣ୍ଣ ମନେ ହେଉଥିବା କେତେଗୁଡ଼ିଏ ବର୍ଗର ଉପାଦାନ ଯଥା ଗୃହ ଋଣ, ରନ୍ଧନ ଗ୍ୟାସ, ବିମାନ ଟିକେଟ୍ ଇତ୍ୟାଦିରେ କିଛି ପରିବର୍ତ୍ତନକୁ ବାଦ୍ ଦେଲେ ଏହି ଶ୍ରେଣୀ କଥା ମୋଟାମୋଟି ପାସୋର ଯାଇଥାଏ କହିଲେ ଅତ୍ୟୁକ୍ତି ହେବନାହିଁ । ଆୟକର ଖସଡ଼ାରେ ଯେ କୌଣସି ପ୍ରକାରର ସାମାନ୍ୟ ରିହତାକୁ ଏକ ବଡ଼ ଧରଣର ଲାଭ, ଯାହା ଏମିତିରେ ବି ଏକ ପ୍ରୋତ୍ସାହନକାରୀ ହୋଇଥାଏ, ତାକୁ ଅତିରଂଜିତ କରି ମଧ୍ୟବିତ୍ତ ଶ୍ରେଣୀ ଆଗରେ ଉପସ୍ଥାପନ କରାଯାଇଥାଏ, ଯେତେବେଳେ କି ଧ୍ୟାନ ଅନ୍ୟତ୍ର ରହିବାରେ କୌଣସି ପ୍ରକାରର ବିଚ୍ୟୁତି ଦେଖାଯାଇନଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରର ଏକ ବୃହତ୍ ରାଜନୀତିକ-ଅର୍ଥନୀତିକ ବୈଶ୍ୱିକ ଦୃଷ୍ଟିଭଙ୍ଗୀ ରହିଛି । ଏହା ତାଙ୍କର ଶାସନ ଆରମ୍ଭ ହେବା ଦିନଠାରୁ ରହିଥିବାରୁ ପୂର୍ବ ଥରମାନଙ୍କ ଭଳି ଚଳିତ ଥରର ବଜେଟ୍‌ରେ ମଧ୍ୟ ତାଙ୍କ କାର୍ଯ୍ୟସୂଚୀର ଚିରାଚରିତ ଉପାଦାନଗୁଡ଼ିକ ରହିବା ଏକ ପ୍ରକାରର ନିଶ୍ଚିତ । ତାହା ହେଉଛି ୫ ଟ୍ରିଲିଅନ୍ ଡଲାରର ମୋଟ ଘରୋଇ ଉତ୍ପାଦ ସହିତ ଭାରତୀୟ ଅର୍ଥନୀତିର ସାମଗ୍ରିକ ଆକାରରେ ବୃଦ୍ଧି ଏବଂ ବିଶ୍ୱ ଅର୍ଥନୀତିରେ ଆମର ସ୍ଥାନ, ଯାହା ବର୍ତ୍ତମାନ ସମୟରେ ଯୁକ୍ତରାଷ୍ଟ୍ର ଏବଂ ଚୀନ୍ ପରେ ତୃତୀୟ ସ୍ଥାନକୁ ଉତ୍ତୀର୍ଣ୍ଣ ହେବାର ଲକ୍ଷ୍ୟକୁ ବହନ କରୁଛି । ଏଭଳି ଲକ୍ଷ୍ୟର ଅନୁଧାବନ କରିବା ସମୟରେ ସ୍ୱାଭାବିକ ଭାବରେ ତେଣୁ ଜଣେ ଆଶା କରିବେ ଯେ ଅଭିବୃଦ୍ଧି ଏବଂ ବିକାଶର ପ୍ରୋତ୍ସାହକ ଭାବରେ ଗ୍ରାମାଂଚଳ ଏବଂ କଲ୍ୟାଣକାରୀ ଅର୍ଥନୀତି ଯାହା କୃଷି, ପ୍ରାଥମିକ ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା, ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମଗୁଡ଼କୁ ଭୁଲି ନଯିବା ପାଇଁ ଅତ୍ୟଧିକ ସଂକଟାପନ୍ନଙ୍କ ନିମନ୍ତେ ବୀମା ପରିସରଭୁକ୍ତକରଣ ଏବଂ ଗରିବ ଲୋକମାନଙ୍କୁ ରିହାତି ବାଦ୍ ସଡ଼କ, ବନ୍ଦର, ଶକ୍ତି, ବିମାନବନ୍ଦର ଏବଂ ରେଳବାଇ ଇତ୍ୟାଦି ଭଳି ଭିତ୍ତିଭୂମି ବାବଦରେ ଅଧିକ ବ୍ୟୟ ବରାଦ କରାଯିବ । ଏହା ବ୍ୟତୀତ ଏକଦା ସମ୍ଭବପର ହେବା ନେଇ ଯେଉଁ କଳ୍ପନା କରାଯାଇଥିଲା, ସେହି ଅନୁସାରେ ସାମଗ୍ରୀ ଓ ସେବା ଟିକସ ସଂଗ୍ରହର ଲକ୍ଷ୍ୟ ହାରାହାରି ଦୁଇଗୁଣ ବୃଦ୍ଧି ପାଇଥିବାରୁ ଲକ୍ଷ୍ୟ ରହିବ ଅଭିବୃଦ୍ଧିକୁ ଉନ୍ନତି ହାରରେ ବୃଦ୍ଧି କରିବା ସହିତ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣକୁ ଆଣିବା । ଘରୋଇକରଣ ଏବଂ ସରକାରୀ କ୍ଷେତ୍ରର ୟୁନିଟ୍ ଗୁଡ଼ିକର ବିକ୍ରୟ ଧୀମା ହେବ ଏବଂ ବ୍ୟୟ ଭାରର ଏକ ବୃହତ୍ ଭାଗ କ୍ରମବର୍ଦ୍ଧିଷ୍ଣୁ ପରୋକ୍ଷ ଟିକସ ତୁଳାଇବା ବଢ଼ି ଚାଲିବ, ଯଦିଓ ଟିକସ ନିଅଂଟକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ ।

# ଅମର ଶହୀଦ୍ ଦିବାକର ପରିଡ଼ା


ଅରବିନ୍ଦ ତ୍ରିପାଠୀ


ଓଡ଼ିଶାରେ ଯେଉଁ କେତେଜଣ ମହାନ୍ ଆତ୍ମା ଜନ୍ମ ନେଇ ଦେଶମାତୃକାର ସେବା କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବା ସହ ଜନସାଧାରଣମାନଙ୍କ ପାଇଁ ପାଲଟି ଯାଇଛନ୍ତି ଏକ ପ୍ରେରଣାର ଉତ୍ସ । ସେମାନଙ୍କ ମଧରୁ ରଣପୁର ପ୍ରଜା ଆନ୍ଦୋଳନର ଅମର ଶହୀଦ୍ ଦିବାକର ପରିଡ଼ା ହେଉଛନ୍ତି ଅନ୍ୟତମ । ୧୯୧୧ ମସିହା ନଭେମ୍ବର ୩୦ ତାରିଖରେ ରଣପୁର ଥାନା ଅନ୍ତର୍ଗତ ଗଡ଼ବାଣିକିଲୋ ଗ୍ରାମରେ ପିତା- ବିଶୋଇ ସାମନ୍ତ ହରିହର ପରିଡ଼ା ଓ ମାତା- ଶ୍ରୀମତୀ ତାରା ଦେବୀଙ୍କ ଔରସରୁ ଭୂମିଷ୍ଠ ହୋଇଥିଲେ । ଦିବାକର ଏକାଧାରାରେ ଜଣେ ମେଧାବୀ ଛାତ୍ର, ପ୍ରଭାବଶାଳୀ କବି ଓ ଦେଶପ୍ରେମୀ ବ୍ୟକ୍ତି ଥିଲେ । ପିତା ରଣପୁର ରାଜାଙ୍କର ଜଣେ ରାଜକର୍ମଚାରୀ ଥିଲେ । ୧୮୯୮ ମସିହା ରଣପୁର ରାଜ୍ୟରେ ଘଟିଥିବା ପ୍ରଜା ମେଳିର ନେତୃତ୍ୱ ନେଇଥିଲେ । ପିତାଙ୍କର ଗଭୀର ଦେଶଭକ୍ତି, ନିର୍ଭୀକତା ଓ ତ୍ୟାଗ ମନୋବୃତି ଦେଖି ଦିବାକର ବିଶେଷ ଭାବେ ପ୍ରଭାବିତ ଓ ଅନୁପ୍ରାଣିତ ହୋଇଥିଲେ । ଦିବାକର ରଣପୁର ରାଜାଙ୍କ ନରେନ୍ଦ୍ର ପ୍ରେସ୍‌ରେ ସହକାରୀ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ । ରଘୁ ଓ ଦିବାକରଙ୍କ ବାଲ୍ୟଗୁରୁ ଥିଲେ ରଘୁନାଥଙ୍କ ପିତା ନଟବର ମହାନ୍ତି । ଦିବାକରଙ୍କ ମନ ରାଜତନ୍ତ୍ର ବିରୁଦ୍ଧରେ ଆନ୍ଦୋଳିତ ହେଲା । ସେ ରାଜକର୍ମଚାରୀ ପଦରୁ ଇସ୍ତଫା ଦେଇ ଅନ୍ୟାୟ ଓ ଅତ୍ୟାଚାରର ମୁକାବିଲା ପାଇଁ ବଜ୍ର ଶପଥ ନେଲେ ଓ ପ୍ରଜାମେଳି କରିବା ପାଇଁ ତତ୍ପର ହୋଇ ଉଠିଲେ । ୧୯୩୭ ମସିହାରେ ଓଡ଼ିଶାରେ କଂଗ୍ରେସ ଶାସନ ଚାଲିଥାଏ । ସେହି ସମୟରେ ଢେଙ୍କାନାଳ, ତାଳଚେର ଓ ନୀଳଗିରି ପ୍ରଭୃତି ଗଡ଼ଜାତ ଅଂଚଳରେ ପ୍ରଜା ଆନ୍ଦୋଳନକୁ ଦମନ କରିବା ପାଇଁ ବିହିତ ପଦକ୍ଷେପମାନ ନିଆଯାଉଥାଏ । ଏପରି ପରିସ୍ଥିତିରେ ରଣପୁର ରାଜାଙ୍କ ସ୍ୱେଚ୍ଛାଚାରୀ, ଅନ୍ଧାରୀ, କୁଶାସନ ଓ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ବିପ୍ଳବୀ ଦିବାକର ପରିଡ଼ା ଓ ବାଲ୍ୟ ସାଥୀ ରଘୁନାଥ ମହାନ୍ତି ରଣକୌଶଳ ପ୍ରସ୍ତୁତ କରି ରଣପୁର ପ୍ରଜାମାନଙ୍କୁ ଏକତ୍ରିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ସେତେବେଳ ସମୟର ସାମାଜିକ, ଅର୍ଥନୈତିକ, ରାଜନୈତିକ ପରିସ୍ଥିତି ତଥା ବେଠୀ, ବେଗାରୀ, ସଲାମୀ, ମାରଣ ଆଦି କୁପ୍ରଥା ପାଇଁ ପ୍ରଜାମାନଙ୍କ ଅର୍ଥନୈତିକ ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା । ରାଜା କିଛି ନ ବୁଝି ଅନ୍ଧାରୀ ଆଇନ୍ ଚଳାଇଥିଲେ । ଏହା ବିରୁଦ୍ଧରେ ଦିବାକର ତୀବ୍ର ସ୍ୱର ଉତଳନ କରିଥିଲେ । ପ୍ରଜାମାନଙ୍କୁ ଅତ୍ୟାଚାରୀ ଶାସନରୁ ମୁକ୍ତ ଓ ସ୍ୱାଧୀନତା ଦେବା ପାଇଁ ରଣପୁର ଅଂଚଳରେ ଧୀରେ ଧୀରେ ଏହି ଆନ୍ଦୋଳନ ବ୍ୟାପକ ହେବାକୁ ଲାଗିଲା । ବ୍ରିଟିଶ ଅଫିସର ମେଜର ବେଜେଲ୍ ଗେଟ୍‌ଙ୍କ ଢେଙ୍କାନାଳରେ ଲୋମହର୍ଷଣକାରୀ ଅକଥନୀୟ ଅତ୍ୟାଚାର ଏବଂ ସେଠାରେ ବାଜି ରାଉତ ଭଳି ଏକ ସାହସୀ ବାଳକର ଇଂରେଜୀମାନଙ୍କ ଗୁଳିରେ ମୃତ୍ୟୁ ଖବର ସାରା ରଣପୁର ପ୍ରଜାମେଳିକୁ ଆନ୍ଦୋଳିତ କରିବା ସହିତ ଉଗ୍ରରୂପ ଧାରଣ କରିଥିଲା । ଆନ୍ଦୋଳନକୁ ବିଫଳ କରିବା ପାଇଁ ବିପ୍ଳବୀ ଦିବାକର ଓ ସଂଗ୍ରାମୀ ରଘୁନାଥ ମହାନ୍ତି ବହୁ ଅର୍ଥ ଓ ଭୂସଂପତିର ପ୍ରଲୋଭନ ଦିଆଯାଇଥିଲା । ମାତ୍ର ସେମାନେ ଏହାକୁ ପ୍ରତ୍ୟାଖାନ କରିବା ସହିତ ସତ୍ୟାଗ୍ରହୀମାନଙ୍କୁ ଏକତ୍ରିତ କରି ରଣପୁରବାସୀଙ୍କୁ କିପରି ନ୍ୟାୟ ଓ ସ୍ୱାଧୀନତା ଦେବେ ତାହାର ପ୍ରଚେଷ୍ଟା ସେ କରିଚାଲିଲେ । ବହୁ ସତ୍ୟାଗ୍ରହୀ କର୍ମୀ ଗିରଫ ହେଲେ । ଗିରଫ କର୍ମଚାରୀଙ୍କ ମୁକ୍ତି ପାଇଁ ୧୯୩୯ ମସିହା ଜାନୁଆରୀ ୫ ତାରିଖ ଦିନ ପ୍ରଜାମଣ୍ଡଳ ତରଫରୁ ରାଜପ୍ରାସାଦ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଜଶାସନ ବିରୋଧରେ ସ୍ଲୋଗାନ ମାନ ଦିଆଯାଇଥିଲା । ଆନ୍ଦୋଳନକାରୀ ମାନଙ୍କୁ ଦମନ କରିବା ପାଇଁ ନୟାଗଡ଼ରେ ଥିବା ବ୍ରିଟିଶ୍ ପଲିଟିକାଲ୍ ଏଜେଂଟ୍ ମେଜର ବେଜେଲ୍‌ଗେଟ୍‌ଙ୍କ ସାହାଯ୍ୟ ନିଆଯାଇଥିଲା । ସେହି ଅତ୍ୟାଚାରୀ ବେଜେଲ୍ ରଣପୁର ଆସିଲେ ଓ ଜେଲ୍‌ରେ ବନ୍ଦି ଥିବା ଲୋକମାନଙ୍କ ଉପରେ ଅତ୍ୟାଚାର ହେବ ଜାଣି ସତ୍ୟାଗ୍ରହୀମାନଙ୍କ ମଧ୍ୟରେ ଉତେଜନା ବୃଦ୍ଧି ପାଇଥିଲା । ରଣପୁର ରାଜାଙ୍କଠାରୁ ସମ୍ବାଦ ପାଇଁ ମେଜର ବେଜେଲ୍‌ଗେଟ୍ କେତେକ ପୋଲିସ୍‌ଙ୍କ ସହ ମିଶି ରଣପୁର ଆସିଲେ । ବାଟରେ ବଡ଼ ବଡ଼ କାଠଗଣ୍ଡି ଦ୍ୱାରା ରାସ୍ତା ଅବରୋଧ କରିଥିବା ବୁଧନାଥ ଭୋଳ, ଭୋବନୀ ପୃଷ୍ଟି ଏବଂ ତାଙ୍କ ସହକାରୀମାନଙ୍କୁ ନିର୍ମମ ଭାବେ ପ୍ରହାର କରିଥିଲେ । ଶାହେବଙ୍କ ମାଡ଼ରେ ଦୁଇଜଣ ଲୋକ ଗୁରୁତର ଆହତ ହୋଇଛନ୍ତି ବୋଲି ଖବରଟି ନିମିଷେକ ମଧରେ ରଣପୁରରେ ପହଂଚି ଗଲା । ଫଳରେ ରଣପୁର ଜନସାଧାରଣଙ୍କ ମନରେ ଗଭୀର କ୍ରୋଧ ଜାତ ହୋଇଥିଲା ଏବଂ ଉତ୍ୟକ୍ତ ଜନତା ବେଜେଟ୍‌ଗେଟ୍‌ଙ୍କୁ ଘେରି ଯାଇଥିଲେ । ଏହାର ପ୍ରତିବାଦରେ ବେଜେଲ୍‌ଗେଟ୍ ତାଙ୍କ ବନ୍ଧୁକରୁ ଆଖିବୁଜା ଗୁଳିଚାଳନା କରିଥିଲେ । ଫଳରେ ମୟୁରଝାଲିଆ ଗ୍ରାମର ଅର୍ଜୁନ ରାଉତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଉତ୍ୟକ୍ତ, କ୍ରୋଧିତ ଜନତା ବେଜେଟ୍‌ଗେଟ୍‌ଙ୍କୁ ଠେଙ୍ଗାରେ ପିଟି ପିଟି ମାରିଦେଇଥିଲେ । ବ୍ରିଟିଶ୍ ସରକାରଙ୍କ ପୋଲିସ୍ ଦେଶଦ୍ରୋହୀ ମନବୋଧ ପଣ୍ଡା, ଗଙ୍ଗାଧର ଦ୍ୱିବେଦୀ, ପଲିଟିକାଲ୍ ଏଜେଂଟ୍‌ଙ୍କ ହତ୍ୟା ପାଇଁ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ବିରୋଧରେ ମିଥ୍ୟା ସାକ୍ଷୀ ପ୍ରମାଣ ସଂଗ୍ରହ କରି ଅଭିଯୋଗମାନ ପ୍ରସ୍ତୁତ କରିଥିଲେ । ଫଳରେ ଉଭୟ ବିପ୍ଳବୀ ରଘୁନାଥ ଓ ସଂଗ୍ରାମୀ ଦିବାକରଙ୍କୁ ମାମଲାର ବିଚାର କରି ବିହାରର ଭାଗଲପୁର ଜେଲ୍‌ରେ ୧୯୪୧ ଏପ୍ରିଲ୍ ମାସ ୪ ତାରିଖରେ ଫାଶୀ ଦଣ୍ଡାଦେଶ ଦେଇଥିଲେ । ଶହୀଦ୍ ଦିବାକର ପରିଡ଼ାଙ୍କ ଦାୟାଦ ତଥା ଶହୀଦ୍ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସଂପାଦକ



ବ୍ରଜବନ୍ଧୁ ପରିଡ଼ା ପ୍ରତିବର୍ଷ ତାଙ୍କର ସ୍ମୃତିଚାରଣ ପୂର୍ବକ କାର୍ଯ୍ୟକ୍ରମମାନ କରିଆସୁଛନ୍ତି ଏବଂ ଏହାସହିତ ତାଙ୍କର ଅମର କୀର୍ତି, ବଳିଦାନ ସଂପର୍କରେ ରାଜଧାନୀର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରୁଛନ୍ତି । ଶହୀଦ୍ ରଘୁ-ଦିବାକର ସ୍ମୃତିସଂସଦର ସାଧାରଣ ସଂପାଦକ ତଥା ତାଙ୍କ ଦାୟାଦ ବ୍ରଜବନ୍ଧୁ ପରିଡ଼ା ପ୍ରତିବର୍ଷ ତାଙ୍କ ପ୍ରତିମୂର୍ତିଠାରେ ପୁଷ୍ପମାଲ୍ୟ ସହ ସ୍ମୃତିଚାରଣ ସଭା ଆୟୋଜନ କରିଆସୁଛନ୍ତି । ଯୁବପୀଢ଼ୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ବୋଲି ସର୍ବଦା ସେ ଚେଷ୍ଟିତ ଅଛନ୍ତି । ଦିବାକରଙ୍କ ନିଷ୍ଠା, ଆଦର୍ଶ, କର୍ମ, ବଳିଦାନର ପଟ୍ଟାନ୍ତର ନାହିଁ । ୧୧୨ ଜନ୍ମଜୟନ୍ତୀ ଅବସରରେ ଶହୀଦ୍ ଦିବାକର ପରିଡ଼ାଙ୍କୁ କୋଟି ପ୍ରଣାମ ।


+ମୁଖପାତ୍ର, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଭୁବନେଶ୍ୱର
ମୋ: ୯୯୩୭୬୮୯୬୮୩


# କାହିଁକି ଏ ଲଢେ଼ଇ ?


କବି ବିପ୍ଳବ


କୌଣସି ବ୍ୟକ୍ତି ଈଶ୍ୱର, ଆଲ୍ଲା, ଯୀଶୁ, ବୁଦ୍ଧ ବା ଜୈନଙ୍କୁ ବ୍ୟକ୍ତିଗତ ଭାବରେ ବିଶ୍ୱାସ କରିଲେ ସମାଜର କିଛି କ୍ଷତି ହେବକି ? ସେମିତି କୌଣସି ବ୍ୟକ୍ତି ନିଜ ଖାଦ୍ୟ ଚୟନ କରି ବ୍ୟକ୍ତିଗତ ଭାବରେ ଖାଇଲେ ସମାଜର କିଛି କ୍ଷତି ହେବକି ?

ଦୁଇଟି ଯାକ ପ୍ରଶ୍ନର ଉତ୍ତର ନା' । ମୋ ସହିତ ଅନ୍ୟ ମାନେ ସହମତ ହୋଇ ପାରନ୍ତି । ମାତ୍ର ମୁଁ ଯେତେବେଳେ ମୋ ବ୍ୟକ୍ତିଗତ ଧର୍ମକୁ ମାନିବାକୁ ଅନ୍ୟ କାହାକୁ ବାଧ କରିବି ବା ମୋ ବ୍ୟକ୍ତିଗତ ନିଷ୍ପତ୍ତିକୁ ସମୂହ ଉପରେ ବା ଗୋଟିଏ ଗୋଷ୍ଠୀ ବା ଧର୍ମ ଉପରେ ଲଦିବାକୁ ଚେଷ୍ଟା କରିବି ସେତେବେଳେ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେବ । କାରଣ ସମସ୍ତଙ୍କୁ ନିଜ ନିଜ ଧର୍ମ ପାଳନ କରି ବଞ୍ଚିବାର ଅଧିକାର ଅଛି । ସେମିତି ମୁଁ କଣ ଖାଇବି ନ ଖାଇବି ତାକୁ ଜଣେ ଜବରଦସ୍ତ କରିଲେ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେବ । ଯଦି ମୁଁ ମୋ ଘରେକଣ ଖାଇଲି ସେଥିରେ କିଛି ଯା ଆସ ନାହିଁ, ଯଦି ସର୍ବ ସାଧାରଣ ସ୍ଥାନରେ ଘରେ ଭିତରେ କରା ଯାଉଥିବା କାର୍ଯ୍ୟ କଲି ତେବେ ଅସୁବିଧା । ଏଇ ଦୁଇଟି କାରଣ ପାଇଁ କିଛି ଦିନ ତଳେ ଆମ ଓଡିଶାରେ ଦୁଇଟି ବଡ଼ ବିଶୃଙ୍ଖଳା ଘଟିଲା ଆଉ ତାହା ଏବେ ବି ଚର୍ଚ୍ଚିତ ଘଟଣା ଭିତରେରହିଛି ।

ଗୋଟାଏ ସ୍ୱାଧୀନ ଦେଶରେ ସମସ୍ତଙ୍କୁ ବଞ୍ଚିବାର ସମାନ ଅଧିକାର ଥିବାବେଳେ କିଛି ଗୋଷ୍ଠୀ କିଛି ବାଦ ଏବେ ଅନ୍ୟ ମାନଙ୍କ ପାଇଁ ବଞ୍ଚିବା ବାଟରେ କଣ୍ଟା ହେଇ ଠିଆ ହେଇଛନ୍ତି । ଦୁଇ ଗୋଷ୍ଠୀର ପରସ୍ପରକୁ ଆରୋପ ପ୍ରତ୍ୟାରୋପ ସମାଜରେ ଅଶାନ୍ତିର ବାତାବରଣ ସୃଷ୍ଟି କରୁଛି ଯାହାର କୁପ୍ରଭାବ ଅନ୍ୟ ମାନଙ୍କ ଉପରେ ପଡୁଚି । ଘଟଣା ଟିକେ ବିସ୍ତାରିତ ଭାବରେ ଆଲୋଚନା କରାଯାଉ ।

କିଛି ଦିନ ତଳେ ସୂର୍ଯ୍ୟ ପରାଗ ଆଉ ଚନ୍ଦ୍ର ଗ୍ରହଣ ପରି ଦୁଇଟି ମହା ଜାଗତିକ ଘଟଣା ଘଟିଯାଇଛି । ଏ ଦୁଇଟି ଘଟଣା ପୃଥିବୀ ବାସୀଙ୍କ ପାଇଁ ଆଦୌ ନୂଆ ନୁହେଁ । ଏହା ଚିରାଚରିତ । ମାତ୍ର ଏଇ ଦୁଇଟି ଦିନରେ ଯେଉଁ ଅପ୍ରୀତିକର ପରିସ୍ଥିତି ଆମ ଓଡିଶାରେ ଘଟିଲା ତାହା ଆଶ୍ଚର୍ଯ୍ୟ ଜନକ । କିଛି ହେତୁବାଦୀ ବୋଲାଉଥିବା ବ୍ୟକ୍ତି ସେଦିନ ସମୂହ ଭୋଜନର ଆୟୋଜନ କରିଲେ । ସର୍ବ ସାଧାରଣ ସ୍ଥାନରେ ବିରିୟାନୀ ଖାଇବା ସହ ଅନ୍ୟ ମାନଙ୍କୁ ଆହ୍ୱାନ ଦେଲେ । ସେମାନଙ୍କ ଏତାଦୃଶ କାର୍ଯ୍ୟକୁ ନା ପସନ୍ଦ କରି କିଛି ବିରୋଧ କଲେ । ସୂର୍ଯ୍ୟ ପରାଗ ସମୟରେ ଆରମ୍ଭ ହୋଇଥିବା ଏଇ ବିବାଦ ଚନ୍ଦ୍ର ଗ୍ରହଣ ଦିନ ରକ୍ତ ବୁହାଇ ଛାଡିଥିଲା । ପୋଲିସ୍ ପ୍ରଶାସନ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ଜାଣି ଏହାକୁ ରୋକିବାରେ ବିଫଳ ହୋଇଥିଲା ଯେମିତି । ପ୍ରଶାସନ ଚାହିଁଥିଲେ ଚନ୍ଦ୍ର ଗ୍ରହଣ ଦିନ ସାମୂହିକ ଭୋଜନ ନିଷେଧ କରି ପାରିଥାନ୍ତା କିମ୍ବା ଦୁଇ ଗୋଷ୍ଠୀର ସଂଘର୍ଷକୁ ରୋକି ପାରିଥାନ୍ତା ।

ହେତୁବାଦୀଙ୍କ ଯୁକ୍ତି ଥିଲା ସୂର୍ଯ୍ୟ ପରାଗ ଆଉ ଚନ୍ଦ୍ର ଗ୍ରହଣ ସମୟରେ ଯେଉଁ ସବୁ ନିଷେଧ ପାଳିତ ହେଇ ଆସୁଚି ତାର କିଛି ଆଧାର ନାହିଁ ଅର୍ଥାତ୍ ବୈଜ୍ଞାନିକ ଦୃଷ୍ଟି କୋଣରୁ ଏହା ଭିତ୍ତିହୀନ । ମାତ୍ର ହିନ୍ଦୁ ଧର୍ମର ରୀତି ନୀତି ଆଉ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଏଇ ସବୁ ଦିନ ମାନଙ୍କରେ ପାକ ତ୍ୟାଗ, ଧର୍ମୀୟ କାର୍ଯ୍ୟ ଏବଂ ସହବାସ ନିଷେଧ । ଏପରିକି ଉତ୍କଳର ଆରାଧ୍ୟ ଦେବତା ମାନୁଥିବା ହଜାର ହଜାର ହିନ୍ଦୁ ମାନଙ୍କର ପବିତ୍ର ପୀଠ ଶ୍ରୀକ୍ଷେତ୍ର ପୁରୀ ବଡ ଦେଉଳରେ ବି ପଞ୍ଜିକା ଅନୁସାରେ ସେଦିନ ପୂଜା ଅର୍ଚ୍ଚନା କରାଯାଇ ରୀତି ନୀତି ଅନୁଷ୍ଠିତ ହୋଇଥାଏ । ମାତ୍ର ହେତୁ ବାଦୀ ଏ ସବୁଥିରେ ବିଶ୍ୱାସ ରଖନ୍ତି ନାହିଁ ।

ତେବେ ହେତୁବାଦ କଣ ଆଉ ଏ ହେତୁବାଦୀ କିଏ ? ହେତୁ ଅର୍ଥ ଜ୍ଞାନ । ତାର ଅର୍ଥ ହେଉଛି ନିଜ ସମ୍ପର୍କରେ, ଦୃଶ୍ୟମାନ ଜଗତ ସମ୍ପର୍କରେ, ଅଦୃଶ୍ୟ ଶକ୍ତିର ମୂଳ ଉତ୍ସ ସମ୍ପର୍କରେ ଜ୍ଞାନ ଆହରଣ କରିବା । ଅର୍ଥାତ୍ ମାନବ ଶିଶୁଟିଏ ନିଜର ହେତୁ ବା ଜ୍ଞାନ ଆସିଲା ପରେ ଏ ସବୁ ପ୍ରଶ୍ନର ଉତ୍ତର ଖୋଜିବା ହିଁ ହେତୁବାଦ । ମାତ୍ର ଏ ସବୁ ପ୍ରଶ୍ନର ଉତ୍ତର ଖୋଜିବାକୁ ଏବେକାର

ହେତୁବାଦୀ ଜିଜ୍ଞାସା କରେ କି ? କେବଳ ଚନ୍ଦ୍ର ଗ୍ରହଣ ଆଉ ସୂର୍ଯ୍ୟ ପରାଗରେ ସାମୂହିକ ବିରିୟାନି, ଚିକେନ ଖାଇଲେ ଜଣେ ହେତୁବାଦୀ ହୋଇଯାଏ କି ? ହିନ୍ଦୁ ଧର୍ମର ଦେବା ଦେବୀଙ୍କୁ ଗାଳି ଗୁଲଜ କଲେ ଜଣେ ହେତୁବାଦୀ ବୋଲାଇ ପାରିବ କି ? କିଏ କଣ ଖାଇବ ନ ଖାଇବ ତାହା ତାର ବ୍ୟକ୍ତିଗତ ବିଚାର ମାତ୍ର ଅନ୍ୟ ଧର୍ମ ସମ୍ପ୍ରଦାୟ ଆଉ ବିଶ୍ୱାସକୁ କୁଠାରଘାତ କରିବାର ଅଧିକାର ରହିଛି କି କାହାର ?

ଏହା ସତ୍ୟ ଯେ ମାନବ ସଭ୍ୟତା ସଭ୍ୟ ହେବାକୁ ବର୍ଷ ପରେ ବର୍ଷ ଲାଗି ଯାଇଚି । ବିଭିନ୍ନ ଧର୍ମ, ସମ୍ପ୍ରଦାୟ, ଜାତି ଭିତରେ ଛୁଆଁ ଅଛୁଆଁ ଭେଦ ଭାବ, କଳା ଗୋରା ଭେଦ ଭାବ, ମନର ସଂକୀର୍ଣ୍ଣତା ଏବେ ବି ଭରି ରହିଛି । ଏଥିପାଇଁ ସମାଜ ସଂସ୍କାରମାନଙ୍କର ଆବଶ୍ୟକତା ରହିଛି ଆଉ ରହିବା ଉଚିତ ମଧ୍ୟ । କେବଳ ହିନ୍ଦୁ ଧର୍ମ ଭିତରେ କୁସଂସ୍କାର ଆଉ ଅନ୍ଧ ବିଶ୍ୱାସ ଭରି ରହିଛି ଏହା ନୁହେଁ ସମଗ୍ର ମାନବ ସମାଜ ଭିତରେ, ବିଭିନ୍ନ ଧର୍ମ, ସମ୍ପ୍ରଦାୟ ଭିତରେ ଅନେକ କୁସଂସ୍କାର ଭରି ରହିଛି । ସେ ସବୁ ପାଇଁ ସାମୁହିକ ଭାବରେ ଆନ୍ଦୋଳନ ଆଉ ବିରୋଧର ଆବଶ୍ୟକତା ରହିଛି । କୌଣସି ନିର୍ଦ୍ଦିଷ୍ଟ ଧର୍ମ, ସମ୍ପ୍ରଦାୟକୁ ଉଦ୍ଦେଶ୍ୟ ସାମୁହିକ ଭୋଜନର ଆୟୋଜନ କରିଲେ ସମାଜ ସଂସ୍କାରିତ ହୁଏ ନାହିଁ । ବରଂ ଘୃଣାର ବୀଜ ରୋପଣ ହେଇଥାଏ । ଯାହା ଓଡ଼ିଶାରେ ଘଟିଲା । ସମୂହ ଭୋଜିରେ ମିଳିତ ହୋଇ ଚିକେନ୍ ଖାଉଥିବା ଲୋକ ସବୁ ନା ବୈଜ୍ଞାନିକ ଥିଲେ ନା ବୈଜ୍ଞାନିକ ଚିନ୍ତାଧାରାର ଥିଲେ ? ବରଂ ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମ ପ୍ରତି ତାଙ୍କ ମନରେ ଥିବା ପ୍ରାୟୋଜିତ ହିଂସା, ଘୃଣା ବିଚାର ଫୁଟି ଦିଶୁଥିଲା । ଏଥିରେ କେବଳ ସମାଜରେ ବାତାବରଣ ପ୍ରଦୂଷିତ ହେଲା ଯାହା ।

ମଣିଷ ଦିନକୁ ଦିନ ଶିକ୍ଷିତ ଆଉ ସଭ୍ୟ ହେଉଚି । ତା ମନରେ ନିଜକୁ ଜାଣିବାର ଆଗ୍ରହ ପ୍ରକାଶ ପାଉ । ନିଜକୁ ସଂସ୍କାର କରିବାର ଚେତନା ପ୍ରକାଶ ପାଉ । ନିଜ ମନର ଅନ୍ଧ ବିଶ୍ୱାସ ଦୂର କରୁ । କେବଳ ହିନ୍ଦୁ ଧର୍ମ ନୁହେଁ ବିଭିନ୍ନ ଧର୍ମ, ସଂପ୍ରଦାୟ, ଜାତି ଭିତରେ ରହିଥିବା ଅନ୍ଧାରୀ ଦିଗ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରୁ । ତେବେ ଯାଇ ସେ ସମାଜ ସଂସ୍କାରକ ବୋଲାଇ ପାରିବ, ବୈଜ୍ଞାନିକ ବୋଲାଇ ପାରିବ । ଅନ୍ଧ ବିଶ୍ୱାସ ଦୂରେଇ ଦେବା ନାମରେ କାହାରି ଧର୍ମୀୟ ବିଶ୍ୱାସ କି ଭାବନା ସହ ଖେଳିଲେ ସମାଜ ସଂସ୍କାର ହେବା ପରିବର୍ତ୍ତେ ବିଗିଡି ଯାଇଥାଏ । ଚାଲ ହେତୁ ଅହେତୁ ଲଢେଇରେ ସାମିଲ୍ ହେବା ଆଗରୁ ପ୍ରଥମେ ନିଜକୁ ସଜାଡି ଦେବା ।


+ମକୁନ୍ଦପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬


## କବିତା କୋଣାର୍କ

### ଶୀତ ପରା ଆମ ମିତ


ଆଦ୍ୟାଶା ମହାପାତ୍ର


ବରଷକେ ଥରେ ଶୀତ ମାଉସୀଟି
ଧାରାରେ ଥାପି ତା ପାଦ,
ତରୁଲତ ପ୍ରାଣୀ ସଭିଙ୍କୁ ଥରାଏ
ଚଖାଏ ଶୀତଳ ସ୍ୱାଦ ।
ସକାଳ ପ୍ରହରେ କୁହୁଡି ଚାଦର
ବିଛାଏ ଗାଁ ସହର,
ଦଣ୍ଡା ବାଟ ଘାଟ ଝାପସା ଦିଶୁଥାଏ
ପଡିଆ କ୍ଷେତ ଖମାର ।
ଉତ୍ତରରୁ ବହେ ଶୀତଳ ଲହରୀ
ତୁଷାରପାତ ପ୍ରଭାବେ,
ପ୍ରାଣ ଭୟେ ପକ୍ଷୀ ନିଜ ବାସ ଛାଡ଼ି
ପଳାଇ ଯା'ନ୍ତି ସ୍ୱଭାବେ ।
ଘର ଅଗଣାରେ କଁଅଳ ଖରାରେ
ନିଆଁ ଜାଳି ପାଖେ ବସି,
ଅଜା ଆଈ ନାତି ନାତୁଣୀଙ୍କୁ ମଜା
ଗପ ଶୁଣାଅନ୍ତି ହସି ।
ବାଡ଼ି ବଗିଚାରେ ନାନା ଜାତି ଫଳ
ପରିବା ହାଟ ତ ବସେ
ଗୋଲାପ ମାଳତୀ ମନ୍ଦାର ସେବତୀ
ହେନା ଗେଣ୍ଡୁଫୁଲ ହସେ ।
ଧାନ କିଆରୀରେ ସୁନାର ଲହରୀ
ଚାଷୀ ଭାଇ ମନ ଜିଣେ,
ସୋରିଷ କ୍ଷେତରେ ବାଳ ସୂର୍ଯ୍ୟକର
ସୁନାର ମୁରୁଜ ବୁଣେ ।
ମାର୍ଗଶିର ମାଣବସା ଗୁରୁବାର
ଘରେ ଘରେ ଲକ୍ଷ୍ମୀ ପୂଜା,
ଘର, ଅଗଣାକୁ ଗୋମୟରେ ଲିପି
ଲକ୍ଷ୍ମୀ ପାଦ ଝୋଟି ସଜା ।
ପୂଜା ଆରାଧନା ଭକ୍ତି ନୈବେଦ୍ୟରେ
ସନ୍ତୁଷ୍ଟ ମାଆ କମଳା,
ଘରେ ସୁଖଶିରୀ ଧନଧାନ୍ୟ ଭରି
କୃପା କରନ୍ତି ଚଞ୍ଚଳା ।
ଶୀତର ପ୍ରକୋପେ ବୁଢ଼ାବୁଢ଼ୀ ଦୁଃଖୀ
ପଶୁପକ୍ଷୀ ଦୀନ ନର,
ଶୀତ ବସ୍ତ୍ର ଅଭାବରେ ଭୋଗିଥାନ୍ତି
ଶ୍ୱାସ କଫ କାଶ ଜ୍ୱର ।
ଶୀତ ପାଇଁ ଧରା ଫୁଲ ଫଳ ଶସ୍ୟ
ଉପୁଜାଇ ସାଧେ ହିତ,
ଦୁଃଖ ବିନା ନାହିଁ ସୁଖ ଅନୁଭବ
ଶୀତ ପରା ଆମ ମିତ ।


+ବେଡାପଡା, ଢେଙ୍କାନାଳ
ମୋ: ୯୩୩୭୨୪୯୦୬୮


### ଆତ୍ମ ମଗ୍ନ


ଦୀପ୍ତି ମିଶ୍ର


ଦିନେ ଫାଇଲିନ୍, ତିତଲି ଭଳି
ହଠାତ୍ ମାଡ଼ି ଆସିଥିବା
ଅଦିନ ଝଡ......
ଅନ୍ଧାର କରି
ଏ ଅନନ୍ତ ଆକାଶକୁ
କହି ଦେଇ ଥିଲା...
ଏ ରାତି ଭଳି ଦିଶୁଛି ସିନା,
ଇଏ କିନ୍ତୁ ବାସ୍ତବିକ୍
ନିଜ ଅସ୍ତିତ୍ୱକୁ ଚିହ୍ନିବାର
ଗୋଟେ ମୁହୂର୍ତ୍ତ ମାତ୍ର ।
ଜୀବନ ସଂଘର୍ଷରେ
ହାରୁ ହାରୁ କେତେ ବେଳେ
ଜିତାପଟ ଆସି ଯାଇଥାଏ,
ମୁହଁରେ ଲାଗିଥିବା କଳା ଦାଗ
କଳଙ୍କ ନ ହୋଇ
ସୁଷମା ଶୋଭିତ କଳା ଜାଇ
ପାଲଟିଯାଏ......
ଝଡର ଠିକ୍ ପରବର୍ତ୍ତୀ
ସମୟ ଏହାର ସୂଚନା ଦେଇଥାଏ ।
ମିଛ ପ୍ରଶଂସାର
ଲକ୍ଷ ଲକ୍ଷ ଶବ୍ଦ ଭଣ୍ଡାରରେ
ଭରପୁର ହୋଇ ଥିବା ପ୍ରୀତିର
ଶବ୍ଦ କୋଷ ଭିତରେ
ଟେଇଁ ଉଠୁଥିବା
ଶିହରିତ ମୁହୂର୍ତ୍ତମାନେ
ସ୍ୱପ୍ନ ଦେଖି ନିଜକୁ ଭୁଲି ଯାଉଥିଲେ ।
ଆଉ ରାତ୍ରୀର ପ୍ରତିଟି
ପ୍ରହରକୁ ଛୁଇଁ ଯାଉଥିଲା
ଆନମନା ତୃଷିତ
ପ୍ରାଣର ଆତୁରତା......
ଏବେ କିନ୍ତୁ
ପରବର୍ତ୍ତୀ ପର୍ଯ୍ୟାୟ ସମାଗତ,
ରାତ୍ରୀ ଭଳି ପ୍ରତୀୟ ମାନ
ଅନ୍ଧାର କାହିଁ କେଉଁ
ଦିଗବଳୟ ଆରପଟେ
ଆଉ ଏକ ପୃଥିବୀରେ ପରିବ୍ୟାପ୍ତ....
ଏଠି ଏବେ ଖାଲି
ଆଲୋକ ହିଁ ଆଲୋକ,
ନାହିଁ ତୃଷା, ନାହିଁ କ୍ଷୁଧା....
ଏଠି ପ୍ରେମ ଏବେ ଚିର ବନ୍ଦିତ...
ତୃତୀୟ ନୟନ ଏବେ
ବିସ୍ଫାରିତ, ଅନୁରଞ୍ଜିତ ।


+ବାରିପଦା
ମୋ -୯୪୩୮୪୦୪୩୦୮


### ଶିଶିର ବିନ୍ଦୁ


ସୁରେନ୍ଦ୍ର ନାଥ ସାହୁ


ଦେଖି ଦାଖି ପାଦ ଥାପ
ଖସାଣିଆ ବାଟ
ବୁଝି ସୁଝି କିଣ ଦର୍ବ
ଫସାଣିଆ ହାଟ ।
ଅଭାବେ ବିଗିଡି ଯାଏ
ଅଭିନୀତ ନାଟ
ସହି ସମ୍ଭାଳି ଜୀଇଁଲେ
ଲାଘବ ହୁଏ କଷ୍ଟ ।
ବଡ ଛୋଟ ବିଚାର ନା
କେ ଗୁରୁ କେ ଚାଟ
ସଭିଙ୍କୁ ଶିଖାଇ ଦେବ
ସମୟର ଛାଟ ।
ଅନ୍ତର ବିଚାର ହୀନ
ମୂଲ୍ୟ ହୀନ ଜପ
ନିଜ ପାଇଁ ନିଜେ ହେବ
ଏକ ଅଭିଶାପ ।
ବିଶ୍ୱାସ ଅବିଶ୍ୱାସ ଉର୍ଦ୍ଧେ
ରହିଛି ବାସ୍ତବ ।
ପ୍ରେମ ପ୍ରତାରଣା ପରେ
ତ୍ୟାଗ ତପର ସ୍ତବ ।
ଜୀବନ ଏକ ଉପାସନା
ସଂସାର ତପୋବନ
ବୋଧ ବୁଦ୍ଧି ବିଦ୍ୟା ସାର
କର ଆହାରଣ ।
ଆରେକ ଆରତ ହରେ
କରେ ତିତିକ୍ଷା ତର୍ପଣ
ସେ ଜନ ଧରାର ଦେବ
ଗୁଣ ଶୋଭାବନ ।
ଅଞ୍ଜୁଳା ଅଞ୍ଜୁଳା ଲୁହ
ମୁଠା ମୁଠା ପାଉଁଶ
ସପନ ତ ଦେଖୁ ଦେଖୁ
ସରି ଗଲେ ବୟସ ।


+କଳମ୍ବ(ଡିହସାହି), ପୋଲସରା,
ଗଞ୍ଜାମ-୭୬୧୧୦୫
ମୋ: ୮୧୨୮୯୧୯୨୫୬


### ବୟସ ଯାଇଛି ହଜି


ବେଣୁଧର ସୂତାର


ଗୋଧୂଳି ପଖଳା ଉଛୁଳା ସୁଷମା
ମନୋରମ ଦୃଶ୍ୟ ରାଜି
ଫୁଲରେ ଫୁଲରେ ମହକ ମାଧୁରୀ
ଆଭା ଦିଶୁନାହିଁ ଆଜି
ଜ୍ୟୋତ୍ସ୍ନା ରଜନୀରେ ରଜନୀଗନ୍ଧାଟି
ହସୁନାହିଁ ପ୍ରେମେ ମଜି
ବୟସ ଯାଇଛି ହଜି ।
ନୀଳ ସରସୀରେ ନୀଳୋତ୍ପଳ ଆଉ
ଲୋଡୁନି ଅରୁଣ ପ୍ରୀତି
ଚାରୁ ଚାନ୍ଦିନୀରେ କୁମୁଦ ହସୁନି
ନିଶିଥ ସ୍ୱପ୍ନରେ ମାତି
ହସୁନାହିଁ ମନ କୁସୁମ ବାଟିକା
ଗୋଧୂଳି ରଙ୍ଗରେ ଭିଜି
ବୟସ ଯାଇଛି ହଜି ।
ସହକାର କୁଞ୍ଜେ ଗାଉନି କୋକିଳ
ମିଠା ଫଗୁଣର ଗୀତି
ହଜିତ ଗଲାଣି ପ୍ରୀତିର ସନନ୍ଦୁ
ବୟସର ପ୍ରତିଶ୍ରୁତି
ମରିଛି ମନର ନୀଳ ମାଦକତା
ବସନ୍ତ ପାଉନି ଖୋଜି
ବୟସ ଯାଇଛି ହଜି ।
ଗୁମ୍ଫା ହୋଇଅଛି କେତେଯେ ସ୍ୱାକ୍ଷର
ଅତୀତର ଅନ୍ତରାଳେ
କେତେ ମିଠାମୋହ ସମାଧି ନେଇଛି
ଏମାଟି କବର ତଳେ
ମଉଳି ଗଲାଣି ବୟସର ଫୁଲ
ସମୟେ ଅଲୋଡା ଆଜି
ବୟସ ଯାଇଛି ହଜି ।
ମୋହମାୟା ପୂର୍ଣ୍ଣ ତୁଚ୍ଛା ଏ ସପନ
ଜଳୁଛି ହୃଦୟ ବନ
ସମୟ ଚକ୍ରରେ ସାଜିଛି ଜୀବନ
ଉଆଁସର ମଲାଜହ୍ନ
ସଂସାର ହାଟର ପିଚ୍ଛିଳ ପଥରେ
ହାରିଛି ଜୀବନ ବାଜି
ବୟସ ଯାଇଛି ହଜି ।


+କେଶଦୁରାପାଳ, କେନ୍ଦୁଝର
ମୋ: ୯୧୭୮୫୬୮୨୪୬

# ସମ୍ବାଦ ପ୍ରସାରଣରେ ଗତି ଅପେକ୍ଷା ସଠିକତା ଅଧିକ ଗୁରୁତ୍ୱପୂର୍ଣ୍ଣ : କେନ୍ଦ୍ରମନ୍ତ୍ରୀ ଶ୍ରୀ ଅନୁରାଗ ଠାକୁର

ଭୁବନେଶ୍ୱର, ୨୯/୧୧ (ନି.ପ୍ର): କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅନୁରାଗ ଠାକୁର ଆଜି କହିଛନ୍ତି ଯେ, "ପ୍ରାମାଣିକ ସୂଚନା ଓ ଖବର ପରିବେଷଣ କରିବା ଗଣମାଧ୍ୟମର ମୁଖ୍ୟ ଦାୟିତ୍ୱ ଏବଂ ସମାଚାରକୁ ସର୍ବସମ୍ମୁଖରେ ପ୍ରସାରଣ କରିବାବା ପୂର୍ବରୁ ଏହାକୁ ସଠିକ୍ ଭାବେ ଯାଞ୍ଚ କରାଯିବା ଉଚିତ୍"। ଏସିଆ ପାସିଫିକ୍ ବ୍ରଡକାଷ୍ଟିଂ ୟୁନିୟନ ଜେନେରାଲ ଆସେମ୍ବଲି ୨୦୨୨ର ଉଦଘାଟନୀ ସମାରୋହକୁ ସମ୍ବୋଧିତ କରି ଶ୍ରୀ ଅନୁରାଗ ଠାକୁର କହିଛନ୍ତି ଯେ ଯେଉଁ ଗତିରେ ସୂଚନାକୁ ପ୍ରସାରିତ କରାଯାଉଛି ତାହା ବହୁତ ମହତ୍ୱପୂର୍ଣ୍ଣ । କିନ୍ତୁ ସଠିକତା ଏହାଠାରୁ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ବିଷୟ ପ୍ରତି ସମାଚାର ପରିବେଷଣକାରୀମାନେ ଧ୍ୟାନ ଦେବା ଉଚିତ୍। ସେ କହିଛନ୍ତି ଯେ ସୋସିଆଲ୍ ମିଡିଆର ପ୍ରସାର ସହିତ ମିଛ ଖବର ବା ଫେକ୍ ନ୍ୟୁଜର ମଧ୍ୟ ପ୍ରସାର ହେଉଛି। ତେଣୁ ପ୍ରାମାଣିକ ଖବର ହୋଇନଥିଲେ ଏପରି ଖବରକୁ ବିଶ୍ୱାସ ନକରିବା ଲାଗି ଶ୍ରୀ ଠାକୁର ଏସୀୟ-ପ୍ରଶାନ୍ତ ମହାସାଗରୀୟ ଦର୍ଶକଙ୍କୁ ପରାମର୍ଶ ଦେଇଥିଲେ । ସେ କହିଥିଲେ ମିଛ ଖବରର ଦାବିକୁ ପ୍ରତିହତ କରିବା



ଏବଂ ଲୋକଙ୍କ ନିକଟରେ ସତ୍ୟ ଉପସ୍ଥାପନ କରିବା ପାଇଁ ଭାରତ ସରକାରଙ୍କ ପତ୍ର ସୂଚନା କାର୍ଯ୍ୟାଳୟ ପକ୍ଷରୁ ଫ୍ୟାକ୍ଟ ଚେକ୍ ୟୁନିଟ୍ ପ୍ରତିଷ୍ଠା କରାଯାଇଛି । କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଜନସାଧାରଣଙ୍କ ବିଶ୍ୱାସକୁ ବଜାୟ ରଖିବା ଦାୟିତ୍ୱପ୍ରାପ୍ତ ଗଣମାଧ୍ୟମ ସଂଗଠନଗୁଡିକ ପାଇଁ ସର୍ବୋଚ୍ଚ ମାର୍ଗଦର୍ଶୀ ସିଦ୍ଧାନ୍ତ ହେବା ଉଚିତ୍। ଦେଶରେ ସାର୍ବଜନୀନ ଗଣମାଧ୍ୟମ ସଂସ୍ଥା ଦୂରଦର୍ଶନ ଏବଂ ଅଲ୍ ଇଣ୍ଡିଆ ରେଡିଓ ସର୍ବଦା ସତ୍ୟ ଖବର ପକ୍ଷରେ ରହିଛି । ସଠିକ୍ ଓ ପ୍ରାମାଣିକ ଖବର ପ୍ରସାରଣ ପାଇଁ ଲୋକଙ୍କ ବିଶ୍ୱାସ ହାସଲ କରିଥିବାରୁ ସେ ଏହି ଦୁଇ ଗଣମାଧ୍ୟମ ସଂସ୍ଥାକୁ ପ୍ରଶଂସା କରିଥିଲେ । କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ସଙ୍କଟ ସମୟରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଗଣମାଧ୍ୟମ ସିଧାସଳଖ ଜୀବନ ରକ୍ଷା କରିବା ସହିତ ଜାତୀୟ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରମୁଖ ଭୂମିକା ନିର୍ବାହ କରିଥାଏ। କୋଭିଡ୍ ୧୯ ମହାମାରୀ ସମୟରେ ଘରେ ଅଟକି ରହିଥିବା ଲୋକଙ୍କୁ ସାହାଯ୍ୟ କରିବା କ୍ଷେତ୍ରରେ ଗଣମାଧ୍ୟମର ଭୂମିକାକୁ ଶ୍ରୀ ଅନୁରାଗ ଠାକୁର ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ମିଡିଆ ସେହି ସମୟରେ ଲୋକଙ୍କୁ ବାହ୍ୟ ଜଗତ ସହିତ ଯୋଡି ରଖିଥିଲା। ବିଶେଷ ଭାବରେ ଦୂରଦର୍ଶନ ଏବଂ ଅଲ୍ ଇଣ୍ଡିଆ ରେଡିଓ ଏବଂ ସାଧାରଣତଃ ଭାରତୀୟ ଗଣମାଧ୍ୟମ ଦ୍ୱାରା କରାଯାଇଥିବା ଉଲ୍ଲେଖନୀୟ କାର୍ଯ୍ୟ ବିଷୟରେ କେନ୍ଦ୍ର ମନ୍ତ୍ରୀ ଦର୍ଶକଙ୍କୁ ସୂଚନା ଦେଇଥିଲେ । ସେ କହିଥିଲେ ଯେ ଦୂରଦର୍ଶନ ଏବଂ ଅଲ୍ ଇଣ୍ଡିଆ ରେଡିଓ, ଜନସେବା ଦିଗରେ ଅତ୍ୟନ୍ତ ସନ୍ତୋଷଜନକ ଭାବରେ କାର୍ଯ୍ୟ କରିଛନ୍ତି । ମହାମାରୀ ସମୟରେ ଲୋକଙ୍କ ସହ ଦୃଢ଼ ଭାବରେ ଠିଆ ହୋଇଛନ୍ତି। ସେ କହିଛନ୍ତି ଯେ ସାଧାରଣତଃ ଭାରତୀୟ ଗଣମାଧ୍ୟମ ନିଶ୍ଚିତ କରିଛି ଯେ କୋଭିଡ୍-୧୯ ସଚେତନତା ବାର୍ତ୍ତା, ଗୁରୁତ୍ୱପୂର୍ଣ୍ଣ ସରକାରୀ ନିର୍ଦ୍ଦେଶାବଳୀ ଏବଂ ଡାକ୍ତରଙ୍କ ସହ ମାଗଣା ଅନଲାଇନ୍ ପରାମର୍ଶ ଦେଶର ବିଭିନ୍ନ ସ୍ଥାନରେ ପହଞ୍ଚିଛି। ପ୍ରସାର ଭାରତୀ କୋଭିଡ୍ ୧୯ରେ ଶହେରୁ ଅଧିକ ସଦସ୍ୟଙ୍କୁ ହରାଇଥିଲା। ତଥାପି ଏହି ସଂଗଠନ ଜନସେବା ଯୋଗାଇ ଦେବାରେ ଅବହେଳା କରିନଥିଲା ବୋଲି ମନ୍ତ୍ରୀ କହିଥିଲେ। ଶ୍ରୀ ଠାକୁର ଗଣମାଧ୍ୟମକୁ ଶାସନର ଭାଗୀଦାର ହେବାକୁ ଆମନ୍ତ୍ରଣ କରିଥିଲେ । ସେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଉକ୍ତି ସମ୍ପର୍କରେ କହିଥିଲେ । ତାହା ହେଉଛି ''ସରକାର ଏବଂ ଜନତାଙ୍କ ମଧ୍ୟରେ ଏକ ସମ୍ପର୍କର ସେତୁ ଭାବରେ ଗଣମାଧ୍ୟମ କାର୍ଯ୍ୟ କରିବା ଉଚିତ୍ । ରାଷ୍ଟ୍ରୀୟ ଏବଂ କ୍ଷେତ୍ରୀୟ ଉଭୟ ସ୍ତରରେ ଗଣମାଧ୍ୟମ ନିରନ୍ତର ମତାମତ ଦେବା ଆବଶ୍ୟକ।'' ଏବିୟୁ ସଦସ୍ୟଙ୍କ ସହିତ ଭାରତର ସହଯୋଗ ଏବଂ ଭାଗିଦାରୀ ବିଷୟରେ ଆଲୋଚନା କରି ସେ କହିଥିଲେ ଯେ ପ୍ରସାର ଭାରତୀର ଶୀର୍ଷ ପ୍ରଶିକ୍ଷଣ ସଂସ୍ଥାନ ଏନଏବିଏମ୍ ପ୍ରସାରଣ ଉଦ୍ୟୋଗର ବିଭିନ୍ନ ଦିଗକୁ ସାମିଲ୍ କରି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନରେ ଏବିୟୁ ମିଡିଆ ଏକାଡେମୀ ସହିତ ମିଶି କରି କାମ କରୁଛି। ଭାରତ ପ୍ରାୟ ୪୦ ଦେଶ ସହିତ ସାମଗ୍ରୀ ଆଦାନ-ପ୍ରଦାନ, ସହ-ଉତ୍ପାଦନ, କ୍ଷମତା ନିର୍ମାଣ ଆଦି କ୍ଷେତ୍ରରେ ଦ୍ୱିପାକ୍ଷିକ ରାଜିନାମା କରିଛି। ଏହି ଦେଶ ମାନଙ୍କ ମଧ୍ୟରେ ଅନେକ ସହଯୋଗୀ ଏବିୟୁ ଦେଶ - ଅଷ୍ଟ୍ରେଲିଆ, ବାଂଲାଦେଶ, ଭୁଟାନ, ଫିଜି, ମାଲଦ୍ୱୀପ, ନେପାଳ, ଦକ୍ଷିଣ କୋରିଆ, ଥାଇଲ୍ୟାଣ୍ଡ ଏବଂ ଭିଏତନାମ ସାମିଲ୍ ରହିଛନ୍ତି।

# ବିଧାନସଭା ସମ୍ମୁଖରେ ୧୨ତମ ଦିବସରେ ବିଜେପିର ସତ୍ୟାଗ୍ରହ

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ଆଜିକୁ ଦୀର୍ଘ ୧୨ଦିନ ହେବ ବିଧାନସଭା ସମ୍ମୁଖରେ ବିଜେପି ଓଡିଶାର ଚାଷୀଙ୍କ ନ୍ୟାୟ ପାଇଁ ସତ୍ୟାଗ୍ରହ କରୁଛି। କିନ୍ତୁ ରାଜ୍ୟ ସରକାର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଲେ ନାହିଁ। କେନ୍ଦ୍ର ସରକାର ଚାଷୀଙ୍କ ଲାଗି ଫସଲବୀମା ଯୋଜନା କରିଥିଲେ ମଧ ରାଜ୍ୟ ସରକାର ଚାଷୀଙ୍କୁ ଏଥିରୁ ବଂଚିତ କରୁଛନ୍ତି । ନିର୍ବାଚନ ଆସିଲେ ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀଙ୍କୁ ଭ୍ରମିତ କରନ୍ତି ରାଜ୍ୟ ସରକାର। ଏଥର ବି ପଦ୍ମପୁର ଉପନିର୍ବାଚନରେ ଚାଷୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେବା ସହ କେନ୍ଦ୍ର ମୁଣ୍ଡରେ ଦୋଷ ଲଦି ଭୋଟ ହାତେଇବାର ଅପଚେଷ୍ଟା କରୁଛନ୍ତି ରାଜ୍ୟ ସରକାର। ଭାରତୀୟ ଜନତା ପାର୍ଟି ଶାସକ ଦଳର ଏଭଳି ହୀନ ଚକ୍ରାନ୍ତକୁ କଦାପି ସଫଳ କରିବାକୁ ଦେବ ନାହିଁ ବୋଲି ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ କହିଛନ୍ତି। ସର୍ବଭାରତୀୟ ସ୍ତରରେ ଚାଷୀର ଆୟ କ୍ରମାଗତ ଭାବେ ବୃଦ୍ଧି ପାଇ ୧୦ ହଜାର ହୋଇ ସାରିଥିବାବେଳେ ଦୀର୍ଘ ୨୩ ବର୍ଷ ଧରି ଶାସନ କ୍ଷମତାରେ ଥିବା ବିଜେଡି ସରକାରରେ ଓଡିଶାର ଚାଷୀଙ୍କ ଆୟ ମାତ୍ର ୫ ହଜାରରେ ସୀମିତ ହୋଇ ରହିଛି। ଚାଷ ଜମିକୁ ଜଳ, ଫସଲବୀମା, ଶୀତଳ ଭଣ୍ଡାର, ବ୍ୟବସ୍ଥିତ ଟୋକନ ଏବଂ ଧାନ ମଣ୍ଡି, କେନ୍ଦ୍ର ଦେଉଥିବା କ୍ୱିଟାଂଲ ପିଛା ଏମଏସପି ୨୦୪୦ଟଙ୍କା ଚାଷୀଙ୍କୁ ଦେବାରେ ବିଫଳ ସବୁବେଳେ ବିଫଳ ହୋଇଛନ୍ତି ରାଜ୍ୟ ସରକାର। ୨୨ବର୍ଷ ଶାସନରେ ପ୍ରାୟ ୧୧ଥର ହେବ ରାଜ୍ୟରେ ୩୫% ଜଳସେଚନ କରିବାର ପ୍ରତିଶ୍ରୁତି ଓ ଘୋଷଣାକୁ ଦୋହରାଇଛି ବିଜେଡି ସରକାର। ଅଥଚ ରାଜ୍ୟର ଚାଷ ଜମିର ଜଳସେଚନ ବ୍ୟବସ୍ଥା ସେହି ୩୫% ଭିତରେ ରହିଥିବା ଦୁର୍ଭାଗ୍ୟଜନକ। ଚାଷୀମାନେ ଓଡ଼ିଶାର ଭବିଷ୍ୟତ। କିନ୍ତୁ ନବୀନ ବାବୁ ଓଡିଶାର ଚାଷ ଓ ଚାଷୀଙ୍କୁ ସର୍ବଦା ଅଣଦେଖା କରିଆସୁଛନ୍ତି କାହିଁକି ତାହାର ଜବାବ ରଖନ୍ତୁ। ବିଜେପି ସର୍ବଦା ଚାଷୀଙ୍କ ସାଙ୍ଗରେ ରହିଥିଲା, ରହିଛି ଓ ଆଗକୁ ମଧ ଚାଷୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରଖିବ। ରାଜ୍ୟ ସରକାର ନିର୍ବାଚନ ଆସିଲେ ପ୍ରତିଶୃତିର ଧୂଆଁବାଣ ମାରନ୍ତି କିନ୍ତୁ ଯୋଜନାକୁ କାର୍ଯ୍ୟକାରୀ ନକରି ସେହି ଯୋଜନା ଅର୍ଥରେ ମନ୍ତ୍ରୀ, ବିଧାୟକ ଓ ନେତାଙ୍କ ପକେଟ୍‌କୁ ଗରମ କରିଥାନ୍ତି। ଏପଟେ ଚାଷୀ ନିଜର ହକ୍ ପାଇଁ ଚିତ୍କାର କରୁଥିଲେ ମଧ ଶାସକ ଦଳ ନେତାମାନେ ଚାଷୀଙ୍କୁ ତାଚ୍ଛଲ୍ୟ କରିବାକୁ ପଛାନ୍ତିନାହିଁ। ଗତଦିନରେ ରାଜ୍ୟରେ ଚାଷୀ ଆତ୍ମହତ୍ୟା କରୁଥିବା ପ୍ରସଙ୍ଗରେ ବିଜେପି ଚାଷୀଙ୍କ ସପକ୍ଷରେ ରାଜରାସ୍ତାରେ ଲଢ଼େଇ କରୁଥିବା ସମୟରେ ବର୍ତ୍ତମାନର ରାଜସ୍ୱମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କର ତାଚ୍ଛଲ୍ୟକର ବୟାନ "ଚାଷୀଙ୍କୁ ଅମର ଲଡୁ ଦିଅନ୍ତୁ ବିରୋଧୀ ଦଳ" କହିବା କଟା ଘାଆରେ ଚୂନ ଦେବା ଭଳି କଥା ରାଜ୍ୟବାସୀ ଭୁଲି ନାହାନ୍ତି । ଏଭଳି ଅସମ୍ବେଦନଶୀଳ ମନ୍ତବ୍ୟ ଦେବାରୁ ବିଜେଡି ନେତା, ମନ୍ତ୍ରୀମାନେ ନିବୃତ ରୁହନ୍ତୁ। ଯଦି ଚାଷୀଙ୍କ ପ୍ରତି ଓଡ଼ିଶା ସରକାରଙ୍କ ଏଭଳି ମନବୃତି ରହେ ତାହାଲେ ଆଗାମୀ ଦିନରେ ପଦ୍ମପୁର ଉପନିର୍ବାଚନରେ ଚାଷୀ ଏହାର ଉଚିତ ଜବାବ ଦେବେ ବୋଲି ଶ୍ରୀ ମଲ୍ଲିକ କହିଛନ୍ତ। ବିଜେପିର ଏହି ସତ୍ୟାଗ୍ରହରେ ପୁରୀ ଜିଲ୍ଲାର ସତ୍ୟବାଦୀ, ଜୟଦେବ ଓ ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀର ଚାଷୀମାନେ ସତ୍ୟାଗ୍ରହରେ ସାମିଲ ହୋଇ ଚାଷୀ ବିରୋଧୀ ନବୀନ ସରକାର ବିରୋଧରେ ବିଷଉଦ୍‌ଗାର କରିଛନ୍ତି।

# ଦିବ୍ୟଭୂମିରେ ଜିଲ୍ଲାସ୍ତରୀୟ ପାଠଚକ୍ର ସମ୍ମିଳନୀ

ଭଦ୍ରକ,୨୯/୧୧ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ କୋହ୍ଲସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ଦିବ୍ୟଭୂମି ପରିସରରେ ଏକ ଜିଲାସ୍ତରୀୟ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟଭୂମିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଗୋଲକ ବିହାରୀ ସାହୁ, ସାଧକ ଧରଣୀଧର ପାଲ, ପ୍ରଭାତ କୁମାର ନାୟକ ଓ ପ୍ରଫେସର ଡ. ଅନିଲ କୁମାର ମହାପାତ୍ର ଯୋଗଦେଇ 'ମୃତ୍ୟୁ' ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରର ଦିବ୍ୟଭୂମିର ପ୍ରତିଷ୍ଠାତା ସାଧକ ଅଶୋକ ସାହୁଙ୍କ ସ୍ମୃତିରେ ଏକ ସ୍ମରଣିକାକୁ ମଧ୍ୟ ଅତିଥିମାନେ ଲୋକାର୍ପିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିହିଡ଼ି ପ ।ୟତ ସମିତିର ପୂର୍ବତନ ଅଧ୍ୟକ୍ଷା ସୁଶ୍ରୀ ବିଦ୍ୟୁତଲତା ନାୟକ, ନାରାୟଣ ଅଗସ୍ତି, ଅନନ୍ତ ମହାନ୍ତି, ପ୍ରଦୀପ କୁମାର ଜେନା, ଅମରେଶ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ନିଶାକର ନାୟକ, ଅରୁଣ କୁମାର ପଣ୍ଡା, ପି. ହୃଷୀକେଶ, ନରେନ୍ଦ୍ର କୁମାର ଯତି, ନୃସିଂହ ମହାପାତ୍ର, ହରିହର ସେନାପତି, ବିଷ୍ଣୁମୋହନ ନାୟକ, କାହ୍ନୁ ଚରଣ ମହାନ୍ତି, ବାସନ୍ତୀ ଦାସ, ଗଣେଶ ପ୍ରସାଦ ବେହୁରିଆ, ରବିକୁମାର ମହାନ୍ତି, ବିଶ୍ୱମୈତ୍ରୀ ନାୟକ ପ୍ରମୁଖ ବହୁ ମାତୃଭକ୍ତ ଅଂଶ ଗ୍ରହଣ କରିଥିଲେ। ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ରାଉତ ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଚିଙ୍ଗୁଡ଼ିଘେରୀ ଯୋଗୁଁ ଚାଷଜମିରେ ମାଡୁଛି ଲୁଣାପାଣି : ଜିଲ୍ଲାପାଳଙ୍କଠାରେ ଆଳୁମେଦାର କ୍ଷୁଦ୍ରଚାଷୀଙ୍କ ଫେରାଦ

ବାଲେଶ୍ୱର, ୨୯/୧୧ (ନି.ପ୍ର): ଚାଷଜମିରେ ଚିଙ୍ଗୁଡ଼ି ଘେରୀ ଲୁଣାପାଣି ମାଡ଼ିଯିବା ଫଳରେ ହୋଇଥିବା କ୍ଷତି ଭରଣା ଦାବି ଓ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି ସଦର ବ୍ଲକ ସାର୍ଥା ପଞ୍ଚାୟତ ଆଳୁମେଦା ଅଞ୍ଚଳର କ୍ଷୁଦ୍ରଚାଷୀ କୈଳାସ ଦାସ। ତାଙ୍କ ଆପତ୍ତି ଅନୁସାରେ ମାତ୍ର ଦେଢ଼ ଏକର ଜମିରେ ଚାଷ ସହ ଅନ୍ୟାନ୍ୟ ମୂଲମଜୁରି କରି ପରିବାର ଚଳାନ୍ତି ସେ। ତାଙ୍କ ଜମି ଓ ଘର ପାର୍ଶ୍ୱରେ କେତେକ ଚିଙ୍ଗୁଡ଼ିଚାଷୀ ନାଳ ଖୋଲିବା ଯୋଗୁଁ ଲୁଣାପାଣି ଆଣିବା ଫଳରେ ତାଙ୍କର ଚାଷ କ୍ଷତି ହେବା ସାଙ୍ଗକୁ ନାଳ ଅପର ପାର୍ଶ୍ୱରେ ଥିବା ସରକାରୀ ନଳକୂପରୁ ପାନୀୟ ଜଳ ସଂଗ୍ରହ କରିବାରେ ତାଙ୍କ ପରିବାର ନାନାବିଧ ସମସ୍ୟା ସାମ୍ନା କରୁଥିବା ସେ କହିଛନ୍ତି। ନାଳ ଖୋଲିଥିବା ଚିଙ୍ଗୁଡ଼ି ଘେରୀ ମାଲିକଙ୍କୁ ଏ ବାବଦରେ କିଛି କହିବା ଯୋଗୁଁ ସେମାନେ ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ନାନା ଅଶ୍ଳୀଳ ଗାଳିଗୁଲଜ ଦେବା ସହ ମାଡ଼ ମାରିବାର ଧମକ ଦେଉଥିବା ସେ ଅଭିଯୋଗ କରିଛନ୍ତି। ଏ ବାବଦରେ ସ୍ଥାନୀୟ ଆରଆଇ, ସଦର ତହସିଲଦାରଙ୍କୁ ଆପତ୍ତି ଜଣାଇବା ସହ ଥାନାରେ ଏତଲା ଦେଇଥିଲେ ବି ତାଙ୍କୁ ନ୍ୟାୟ ମିଳିନି କିମ୍ବା ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି କୈଳାସ ଦାସ କହିଛନ୍ତି। ଏ ବାବଦରେ ଉଚିତ ପଦକ୍ଷେପ ନେବାକୁ ସେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# କ୍ୟାପିଟାଲ ହସ୍ପିଟାଲ ବହିର୍ବିଭାଗ ସମୟ ପରିବର୍ତ୍ତନ

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ଆସନ୍ତା ଡିସେମ୍ବର ମାସ ୧ ତାରିଖରୁ ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କ୍ୟାପିଟାଲ ହସ୍ପିଟାଲର ବହିର୍ବିଭାଗ (ଓପିଡ଼ି) ଖୋଲା ରହିବ କିନ୍ତୁ ଅପରାହ୍ଣ ୧ଟାରୁ ୨ଟା ମଧ୍ୟାହ୍ନ ଭୋଜନ ପାଇଁ ବନ୍ଦ ରହିବ । ଏଥିପାଇଁ ପଂଜୀକରଣ କାଉଂଟର ସକାଳ ୮ଟା ୩୦ରୁ ଦିନ ୧୨ଟା ୩୦ ଓ ୧ଟା ୩୦ରୁ ୪ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଖୋଲା ରହିବ । ଏହି ସୁବିଧା ସପ୍ତାହର ସବୁଦିନ ଉପଲବ୍ଧ ହେବ ବୋଲି କ୍ୟାପିଟାଲ୍ ହସ୍ପିଟାଲର ନିର୍ଦ୍ଦେଶକ ଡାକ୍ତର ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି । ରକ୍ତ ନମୁନା ସଂଗ୍ରହ ଏବଂ ପରୀକ୍ଷା ନୂତନ ଓପିଡ଼ି ସମୟ ଅନୁଯାୟୀ ଖୋଲାରହିବ । ଜରୁରୀକାଳୀନ ବିଭାଗ ୨୪ ଘଂଟା ଖୋଲାରହିବ ଏବଂ ଅନ୍ୟାନ୍ୟ ସବୁରୋଗୀ ସେବା ପୂର୍ବଭଳି ଚାଲୁରହିବ ବୋଲି ଡାକ୍ତର ସାହୁ ସୂଚନା ଦେଇଛନ୍ତି ।

# କେନ୍ଦ୍ରାପଡ଼ାରେ ବିଦ୍ୟୁତ୍ ଏନ୍‌ଫୋର୍ସମେଂଟ ଟିମ୍‌ର କ୍ୟାମ୍ପ

କେନ୍ଦ୍ରାପଡ଼ା,୨୯/୧୧ (ନି.ପ୍ର): ରାଜ୍ୟ ବିଦ୍ୟୁତ୍ ବିଭାଗର ଏନ୍‌ଫୋର୍ସମେଂଟ ଟିମ୍ କେନ୍ଦ୍ରାପଡ଼ାରେ ପହଂଚି ସ୍ଥାନୀୟ ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଜରିମାନା ହୋଇଥିବା ମାମଲାଗୁଡ଼ିକୁ ସମାଧାନ କରିଥିଲେ। ମିଟର ବାଇପାସ୍, ହୁକ ପକାଇ ବିଦ୍ୟୁତ୍ ବ୍ୟବହାର କରିବା, ନିଜ ବିଦ୍ୟୁତ୍ ସଂଯୋଗକୁ ବ୍ୟାବସାୟୀକ ଭିତିରେ ଅନ୍ୟକୁ ପ୍ରଦାନ କରିବା, ଅନୁମୋଦିତ ବିଦ୍ୟୁତ୍ ବ୍ୟବହାର ଠାରୁ ଅଧିକ ବ୍ୟବହାର କରିବା ଆଦିକୁ ନେଇ ବିଗତ ଦିନରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଧରା ପଡିଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ଥିଲା। ସେହି ମାମଲାଗୁଡ଼ିକୁ ସମାଧାନ ପାଇଁ ଓ ଜରିମାନା ହୋଇଥିବା ମାମଲାଗୁଡ଼ିକୁ ନିୟମିତ କରିବା ପାଇଁ ଏନ୍‌ଫୋର୍ସମେଂଟ ଟିମ୍‌ର କ୍ୟାମ୍ପ ମଙ୍ଗଳବାର, ବୁଧବାର ଦୁଇ ଦିନ ଧରି ଅନୁଷ୍ଠିତ ହେବ। ଏହି ଟିମ୍‌ରେ କେନ୍ଦ୍ରାପଡ଼ା ଟିପିସିଡିଓଏଲ୍‌ର ଏସଡିଓ ଦେବେନ୍ଦ୍ର ସାହୁ, ଏନ୍‌ଫୋର୍ସମେଂଟ ଟିମ୍‌ର ଲିଡର ସ୍ମୃତିରଞ୍ଜନ ପଲାଇ, ସୌରଭ ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଧର୍ମପ୍ରାଣାଙ୍କ ୧୦୩ ବର୍ଷରେ ପରଲୋକ

ବାଲେଶ୍ୱର, ୨୯/୧୧ (ନି.ପ୍ର): ବାଲେଶ୍ୱର ସହରର ଆକତପୁର ଗୋଲାପୋଖରୀ ଅଞ୍ଚଳର ମହିୟସୀ ମହିଳା ପ୍ରାନ୍ତସିନୀ ଆଶଙ୍କର ୧୦୩ ବର୍ଷରେ ପରଲୋକ ହୋଇଯାଇଛି। ବୟସାଧିକ ରୋଗରେ ପୀଡ଼ିତ ସ୍ୱର୍ଗତ ବ୍ରଜମୋହନ ଆଶଙ୍କ ପତ୍ନୀ ପ୍ରାନ୍ତସିନୀ ବୟସାଧିକ ରୋଗରେ ପୀଡ଼ିତ ହୋଇ ଘରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ସକାଳ ପ୍ରାୟ ୯.୩୦ ସମୟରେ ସେ ଇହଧାମ ପରିତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ପୁତ୍ର ଅସିତ କୁମାର ଆଶ, ଅଜିତ କୁମାର ଆଶ, ଅବନୀ କୁମାର ଆଶ, ଅଶୋକ ଆସ, ଅମର ଆଶ, ଅଘୋର କୁମାର ଆଶ, ଅମିୟ କୁମାର ଆଶ, ଅଶେଷ କୁମାର ଆଶ, ଅଘୋର କୁମାର ଆଶ ଓ ଅଶ୍ୱିନୀ



କୁମାର ଆଶ, ପୁତୁରା ଯଶୋଦା ନନ୍ଦନ ଆଶଙ୍କ ସମେତ ପୁତ୍ରବଧୂ, ଝିଅ-ଜ୍ୱାଇଁ ଓ ନାତି ନାତୁଣୀମାନେ ଶଯ୍ୟାଧାରରେ ଉପସ୍ଥିତ ଥିଲେ। ଜଣେ ଧର୍ମପ୍ରାଣା ମହିଳା ଭାବେ ତାଙ୍କର ବିୟୋଗରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ୧୯୮୫ରୁ ଗନ୍ଧମାର୍ଦ୍ଦନ ଆନ୍ଦୋଳନ ସମୟରୁ ମୁଁ ଲୋକଙ୍କ ସାଙ୍ଗେ ରହିଛି, ଆଗକୁ ରହିଥିବି : ପ୍ରଦୀପ ପୁରୋହିତ

ପଦମପୁର/ଭୁବନେଶ୍ୱର, ୨୯/୧୧ (ନି.ପ୍ର): ମସିହାରେ ଯେତେବେଳେ ତତ୍‌କାଳିନ କଂଗ୍ରେସ ସରକାର ଖଣି ଖୋଳିବା ପାଇଁ ଗନ୍ଧମାର୍ଦ୍ଦନ ପାହାଡକୁ ଘରୋଇ ବେପାରୀଙ୍କ ହାତରେ ବିକି ଦେଇଥିଲା ସେବେଠାରୁ ଗନ୍ଧମାର୍ଦ୍ଦନ, ବାବ ନୃସିଂହନାଥ ମନ୍ଦିର, ବାବା ହରିଶଙ୍କର ମନ୍ଦିରର ସୁରକ୍ଷା ପାଇଁ ମୁଁ ଏ ଅଂଚଳର ଲୋକମାନଙ୍କୁ ନେଇ ଆନ୍ଦୋଳନ କରିଥିଲି । ସାଇକେଲରେ ଗାଁ କୁ ଗାଁ ବୁଲି ଲୋକମାନଙ୍କୁ ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ସ୍ୱର ଉଠାଇବା ପାଇଁ ଅନୁରୋଧ କରିଥିଲେ । ଆଜି ଯେଉଁ ଗନ୍ଧମାର୍ଦ୍ଦନ ପର୍ବତ, ନୃସିଂହନାଥ ମନ୍ଦିର ଅଛି ତାହା ଯଦି ସେତେବେଳେ ଆମେ ଆନ୍ଦୋଳନ କରିନଥାନ୍ତୁ ହୁଏତ ତାହା ଆଜି ନଥାନ୍ତା । ମୁଁ ସେହି ସମୟରୁ ଲୋକଙ୍କ ସାଙ୍ଗରେ, ଲୋକଙ୍କ ପାଇଁ ଅଛି, ଆଗକୁ ମଧ୍ୟ ସେମିତି ଲୋକଙ୍କ ସାଙ୍ଗରେ ରହିବି ବୋଲି ଆଜି ପାଇକମାଳର ମାଣ୍ଡୋସିଲ, ଭିଙ୍ଗରାଜପୁରରେ ଅନୁଷ୍ଠିତ ନିର୍ବାଚନ ସଭାରେ କହିଛନ୍ତି ବିଜେପିର ବିଧାୟକ ପ୍ରାର୍ଥୀ ପ୍ରଦୀପ ପୁରୋହିତ। ଶ୍ରୀ ପୁରୋହିତ କହିଛନ୍ତି ଯେ, ମୁଁ ଜିତିଲେ ବି ଲୋକମାନଙ୍କ ସାଙ୍ଗେ ରହିବି, ହାରିଲେ ବି ଲୋକମାନଙ୍କ ସାଙ୍ଗରେ ରହିବି । ଜିତିଲେ ପଦମପୁର, ପାଇକମାଳ, ଝାରବନ୍ଧର ଚାଷୀ ସସମ୍ୟା, କେନ୍ଦୁପତ୍ର ତୋଳାଳୀଙ୍କ ସମସ୍ୟା, ଧାନ ବିକ୍ରି ସମସ୍ୟା, ଦାଦନର ସମସ୍ୟାକୁ ବିଧାନସଭାରେ ଉଠାଇବେ। ମୋ ବିରୋଧରେ ଯିଏ ଠିଆ ହୋଇଛନ୍ତି ସିଏ ନିର୍ବାଚନ ପରେ ଆଉ ପଦମପୁରରେ ରହିବେନି । ବିଧାନସଭାରେ ସରକାରଙ୍କ ବିରୋଧରେ ପାଟି ଫିଟାଇ ପାରିବେନି । ଆଜି ପଦମପୁର ଉପନିର୍ବାଚନରେ ବିଜେପି ପାଇଁ ପ୍ରଚାର କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ବିଜେପିର ବିଧାୟକ ପ୍ରାର୍ଥୀ ପ୍ରଦୀପ ପୁରୋହିତ, ବରଗଡ ସାଂସଦ ସୁରେଶ ପୂଜାରି, ବିରୋଧୀ ଦଳର ନେତା ଜୟନାରାୟଣ ମିଶ୍ର, ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ପ୍ରଚାରରେ ସାମିଲ ଥିଲେ । ପାଇକମାଳ ଓ ପଦମପୁର ଅଂଚଳରେ ରୋଡ ସୋ, ପଦଯାତ୍ରା, ଜନସଭା ଆଦି କରାଯାଇଥିଲା ।

# ଅଙ୍ଗନୱାଡ଼ି କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଭଦ୍ରକ,୨୯/୧୧ (ନି.ପ୍ର): ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କସ ଆସୋସିଏସନ ଡାକରାରେ ସାରା ରାଜ୍ୟରେ ଅଙ୍ଗନୱାଡ଼ି କର୍ମଚାରୀଙ୍କର କାର୍ଯ୍ୟବନ୍ଦ ଆନ୍ଦୋଳନ ଓ ଧାରଣା ଚାଲିଛି। ଏହି ପରିପ୍ରେକ୍ଷୀରେ ତିହିଡ଼ି ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଥିବା ଅଙ୍ଗନୱାଡ଼ି କର୍ମଚାରୀମାନେ ମଙ୍ଗଳବାର ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ କରି ଧାରଣାରେ ବସିଥିଲେ। ଯେପର୍ଯ୍ୟନ୍ତ ଦାବି ପୂଣ ନହୋଇଛି ସେତେପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ରହିବ ବୋଲି ତିହିଡ଼ି ବ୍ଲକ ଅଙ୍ଗନୱାଡ଼ି କର୍ମଚାରୀ ସଂଘର ସଭାନେତ୍ରୀ ନମିତା ବସନ୍ତରାୟ ଓ ସମ୍ପାଦିକା ସୁଜାତା ଜେନା ଜଣାଇଛନ୍ତି। ସରକାର ସେମାନଙ୍କର ଦାବି ପୂରଣରେ ଅବହେଳା କରୁଥିବାରୁ ଏହି ଆନ୍ଦୋଳନ ଚାଲିଛି। ତେବେ ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ଭାବେ ଘୋଷଣା କରାଯିବା, ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ମାସିକ ୧୮ ହଜାର ଓ ସହାୟିକା ମାନଙ୍କୁ ୧୦ହଜାର ବେତନ ପ୍ରଦାନ କରିବା, ମିନି ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ମୁଖ୍ୟ ଅଙ୍ଗନୱାଡ଼ି କର୍ମଚାରୀ ଭାବେ ଘୋଷଣା କରାଯିବା, କର୍ମଚାରୀମାନଙ୍କର ଇପିଏଫ, ଇଏସ୍‌ଆଇସି ଓ ଗ୍ରାଚୁଇଟି ଲାଗୁ କରାଯିବା, ନୂତନ ଶିକ୍ଷାନୀତିରେ ଅଭିଜ୍ଞତା ଓ ଯୋଗ୍ୟତା ଅନୁଯାୟୀ ଓ ବୟସସୀମା ନରଖି ସମସ୍ତ ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ପ୍ରି-ପ୍ରାଇମେରି ଶିକ୍ଷୟିତ୍ରୀ ମାନ୍ୟତା ପ୍ରଦାନ କରିବା, ସହାୟିକାମାନଙ୍କୁ ଅଗ୍ରାଧିକାରୀ ଭିିରେ ଅଙ୍ଗନୱାଡ଼ି କର୍ମଚାରୀକୁ ପଦୋନ୍ନତି ଦେବା ଓ ୫୦ ପ୍ରତିଶତ ବାହାରୁ ଡାଇରେକ୍ଟ ନେଉଥିବା ପଦବୀରେ ଗ୍ରାଜୁଏଟ ବା ତଦୋଧିକ ଯୋଗ୍ୟତା ଥିବା ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ସୁପରଭାଇଜର ଭାବେ ପଦୋନ୍ନତି ଦେବା ଦାବି କରାଯାଇଛି। ଏହି ଧାରଣାରେ ସରୋଜିନୀ ସେଠୀ, ରୁବିଲତା ଦାସ, ସୀମାଦ୍ରୀ ମଲ୍ଲିକ,ବିଜୟା ପତି, ମମତା ସାହୁ, ସ୍ନେହଲତା ବାରିକ, ବିଜୟଲକ୍ଷ୍ମୀ ସେନାପତି, ଅନ୍ନପୂର୍ଣ୍ଣା ନାୟକ, ଜ୍ୟୋତିର୍ମୟୀ ଦାସ, ମୋନାଲିଶା ରାୟ, କୃଷ୍ଣପ୍ରିୟା ଜେନା, କାଦମ୍ବିନୀ ନାୟକ, ଅନୁସୟା ସ୍ୱାଇଁ, ବାସନ୍ତୀ ଧୁପାଳ, ଅନ୍ନପୂର୍ଣ୍ଣା ସାମଲ, ମନୋରମା ମହାନ୍ତି, ମଧୁସ୍ମିତା ସାହୁ, ପଙ୍କଜିନୀ ସାହୁ, ସବିତା ପାଣି, କବିତା ରାଉତ, ସୁବାଶିଷ ମଲ୍ଲିକ, ବୀଣାପାଣୀ ମାଝି ପ୍ରମୁଖଙ୍କ ସହିତ ଶତାଧିକ ଅଙ୍ଗନୱାଡ଼ି କର୍ମଚାରୀ ସାମିଲ ଥିଲେ।

# 'ବିଜ୍ଞାନ ଐଶ୍ୱର୍ଯ୍ୟର ସୂତ୍ର, ସାହିତ୍ୟ ପ୍ରଶାନ୍ତିର ଚନ୍ଦନ'

## ଭଦ୍ରକ ପୁସ୍ତକମେଳାର ପଞ୍ଚମ ସନ୍ଧ୍ୟା

ଭଦ୍ରକ,୨୯।୧୧: ସଭ୍ୟତାର ପ୍ରଥମ ସୋପାନରୁ ମଣିଷ କେବଳ ପ୍ରକୃତିର ସଂଗୀତରେ ଆତ୍ମହରା ହୋଇନି, ବିଜ୍ଞାନ ସହ ସେ ଯୋଡ଼ି ହୋଇଛି ନିବିଡ଼ ଭାବରେ। ଏହି କ୍ରମରେ ବିଜ୍ଞାନ ଆଜି ପାଲଟିଯାଇଛି ଆମ ଜୀବନର ଅଙ୍ଗ ଓ ଅଙ୍ଗୀକାର। ଏହାକୁ ଅସ୍ୱୀକାର କରିବା ଅର୍ଥ ଜୀବନ ପ୍ରତି ଆତ୍ମପ୍ରବଞ୍ଚନା। ଅଧୁନା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଜୟଯାତ୍ରାରେ ମଣିଷ ଆତ୍ମହରା। ବିଜ୍ଞାନ ଯୋଗୁଁ ଅକଳ୍ପନୀୟ ସୁବିଧା ଉପଭୋଗ କରୁଥିଲେ ହେଁ ମଣିଷ ହୃଦୟରେ ଚନ୍ଦନର ପ୍ରଶାନ୍ତି ଓ ପ୍ରଲେପ ଦିଏ ସାହିତ୍ୟ। ଯେଉଁଠି ସକଳ ଆବିଷ୍କାର ଦୈବଘାତରେ ଆଣ୍ଠେଇ ପଡ଼େ, ସେଇଠି ସାହିତ୍ୟ ଚିରାୟତ ଆନନ୍ଦରେ ଜୀବନକୁ କୋଳେଇ ନିଏ ବୋଲି ମଙ୍ଗଳବାର ସନସାଇନ୍ ମିଶନ ସ୍କୁଲ୍ ନିକଟରେ ଚାଲିଥିବା ୨୨ତମ ଭଦ୍ରକ ପୁସ୍ତକମେଳାର ପଞ୍ଚମ ସନ୍ଧ୍ୟାରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡାକ୍ତର ଦୁର୍ଯ୍ୟୋଧନ ଦାସଙ୍କ




ପୌରୋହିତ୍ୟରେ ଅନୁଷ୍ଠିତ 'କବିଶେଖର ଚିନ୍ତାମଣି ମହାନ୍ତି ମଞ୍ଚ'ରେ ମୁଖ୍ୟ ଅତିଥି ଭାବେ ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ ବିଜ୍ଞାନ ଜୀବନକୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳିତ କରିବାର ସୁଯୋଗ ଦିଏ ସତ, ସାହିତ୍ୟ ସତ୍ୟ-ଶିବ-ସୁନ୍ଦରର ବାର୍ତ୍ତା ପ୍ରଦାନ କରେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡକ୍ଟର କମଳାକାନ୍ତ ଜେନା ଯୋଗଦେଇ ବୈଜ୍ଞାନିକ ଉଦ୍ଭାବନକୁ ଅସ୍ୱୀକାର କରି ଜୀବନର ସାରବତ୍ତା କୁତ୍ରାପି ଅନୁଭବ କରିହୁଏନା ବୋଲି ମତବ୍ୟକ୍ତ କରିଥିଲେ। ବରେଣ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ୍ ଅଧୀକ୍ଷକ ବିକାଶ ଦାଶ ଯୋଗଦେଇ ଜୀବନ ପାଇଁ କଳା ଓ ସାହିତ୍ୟର ଆବଶ୍ୟକତା ଉପରେ ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ବକ୍ତା ଭାବେ ଶିକ୍ଷାବିତ୍ ଗଗନବିହାରୀ ରାଉତ ଓ ଅଧ୍ୟାପକ ନୀହାର ରଞ୍ଜନ କର ଯୋଗଦେଇ ଜୀବନ ପାଇଁ ସାହିତ୍ୟ ଓ ବିଜ୍ଞାନ ଏ ଉଭୟର ଆବଶ୍ୟକତା ଅଛି ବୋଲି କହିଥିଲେ। ପୁସ୍ତକମେଳା କମିଟି ସଦସ୍ୟ ଗୌରାଙ୍ଗ ବାରିକ୍ ଅତିଥିମାନଙ୍କୁ ମଞ୍ଚଆହ୍ୱାନ କରିଥିବା ବେଳେ ନାଟ୍ୟଶ୍ରୀ ନିର୍ମଳ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ କବି ଗୌତମ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଭଦ୍ରକ ପୁସ୍ତକମେଳାର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ଅପୂର୍ବରଞ୍ଜନ ରାୟ, ସମ୍ପାଦକ ସ୍ୱର୍ଗତ ଅକ୍ଷୟ ବାରିକ, ଉପଦେଷ୍ଟା ଦିବଙ୍ଗତ ବିଷ୍ଣୁ ସେଠୀ ଓ ଚିତ୍ରଶିଳ୍ପୀ ଅଶୋକ ମହାନ୍ତିଙ୍କ ବିୟୋଗରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କୋଷାଧ୍ୟକ୍ଷ ବୈଲୋଚନ ବେହୁରିଆ, ସାଂସ୍କୃତିକ ସମ୍ପାଦକ ବସନ୍ତ କୁମାର ମହାନ୍ତି, ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ, ଚର୍ଚ୍ଚିକା ମହାପାତ୍ର, କବି ରମାକାନ୍ତ ନାୟକ, ପୁସ୍ତକମେଳା କମିଟି ସଭାପତି ଅଜୟ ନାୟକ, ସମ୍ପାଦକ ରୂପକବିହାରୀ ରାୟ, ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ଡକ୍ଟର ଅଭୟ କୁମାର ଦାସ, ଡକ୍ଟର ମନୀନ୍ଦ୍ର ମହାନ୍ତି, ଅଧିବକ୍ତା ଗଦାଧର ବଳ, କବି ବିଚିତ୍ରାନନ୍ଦ ଜେନା, ଅଧ୍ୟାପକ ଦତ୍ତାତ୍ରେୟ ଦାଶ, ପ୍ରଦୀପ୍ତ କୁମାର ମହାନ୍ତି, ବିଜୁ ସେଠୀ, ପ୍ରାଧ୍ୟାପକ ରାଇମୋହନ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଦସ୍ୟ ଜୟଜଗନ୍ନାଥ ମଲ୍ଲିକ୍ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ ତିହିଡ଼ି ସଂଗୀତ ମହାବିଦ୍ୟାଳୟ ପକ୍ଷରୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆସନ୍ତାକାଲି ମେଳାର ଷଷ୍ଠସନ୍ଧ୍ୟାରେ 'ଭାରତୀୟ ସଂସ୍କୃତିର ମହନୀୟତା' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଭିନ୍ନକ୍ଷମଙ୍କ ପ୍ରତି ରାଜ୍ୟ ସରକାରଙ୍କ ଦରଦ ନାହିଁ : କଂଗ୍ରେସ

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ଲୋକଦେଖାଣିଆ ଏବଂ ପ୍ରଚାର କୈନ୍ଦ୍ରୀକ ଦରଦ ଦେଖାଇବା ପରିବର୍ତ୍ତେ ସରକାର ଭିନ୍ନକ୍ଷମଙ୍କ ପ୍ରତି ନିଜର ଉତରଦାୟୀତ୍ୱ ପ୍ରଦର୍ଶନ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି। ସୋମବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଭିନ୍ନକ୍ଷମ ସେଲର ଅଧ୍ୟକ୍ଷ ଜିତେନ୍ଦ୍ର ବିଶ୍ୱାଳ ଭିନ୍ନକ୍ଷମଙ୍କ ପ୍ରତି କ୍ରମାଗତ ଛଳନା ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ରାଜ୍ୟରେ କେବଳ ଛଳନା ଓ ବିଜ୍ଞାପନର ସରକାର ଚାଲିଛି ବୋଲି ଆରୋପ କରି ଶ୍ରୀ ବିଶ୍ୱାଳ କହିଥିଲେ ଯେ ରାଜ୍ୟରେ ଭିନ୍ନକ୍ଷମଙ୍କ ସଂଖ୍ୟା କେତେ ଅଛି ସରକାର ତାର ସଠିକ ଗଣନା ମଧ୍ୟ କରି ନାହାନ୍ତି ତଥା ସେଦିଗରେ କୌଣସି ତତ୍ପରତା ମଧ୍ୟ ପ୍ରକାଶ କରୁନାହାନ୍ତି। ଗତ ୯ ମାସ ଧରି ଭିନ୍ନକ୍ଷମ କମିଶନ ପଦବୀ ଖାଲି ପଡ଼ିଛି ଏବଂ ସରକାର ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉନାହାନ୍ତି। ସେହିପରି ମହିଳା କମିଶନ କିମ୍ବା ଏସ୍.ସି କମିଶନର ଅଧ୍ୟକ୍ଷ ପଦରେ ଯେପରି ସେହି ବର୍ଗର ପ୍ରତିନିଧିଙ୍କୁ ପ୍ରାଥମିକତା ଦିଆଯାଏ ଭିନ୍ନକ୍ଷମ କମିଶନର ଅଧ୍ୟକ୍ଷ ପଦବୀରେ ପ୍ରତ୍ୟକ୍ଷ ଅନୁଭୂତି ଥିବା ଜଣେ ଭିନ୍ନକ୍ଷମଙ୍କୁ ଦିଆଯିବାକୁ ସେ ଦାବି କରିଥିଲେ। କେନ୍ଦ୍ରସରକାରଙ୍କ ଏଥିନେଇ ସ୍ୱତନ୍ତ୍ର ଓ ସ୍ପଷ୍ଟ ନିୟମାବଳୀ ଥିଲେ ମଧ୍ୟ ରାଜ୍ୟ ସରକାର ଏହାକୁ ଏକ ରାଜନୈତିକ ଥଇଥାନ କେନ୍ଦ୍ରରେ ପରିଣତ କରିଦେଇଛନ୍ତି ବୋଲି ସେ ଅଭିଯୋଗ କରିଥିଲେ।

ସେହିପରି ପଡ଼ୋଶୀ ଛତିଶଗଡ଼ ସରକାର ଭିନ୍ନକ୍ଷମ ମାନଙ୍କୁ ଦୁଇହଜାର ଟଙ୍କା ମାସିକ ଭତା ଦେଉଥିବା ବେଳେ ଏବଂ ଦିଲ୍ଲୀ, ହରିଆନା, ଅରୁଣାଚଳ ଓ ମିଜୋରାମ ଆଦି ସରକାର ଦୁଇହଜାର ଟଙ୍କା ଦେଉଛନ୍ତି। ଅଥଚ ଆମ ରାଜ୍ୟ ସରକାର ମାତ୍ର ୫୦୦ ଟଙ୍କା ଦେଇ ଦରଦ ପଣିଆର ମିଛ ନାଟକ କରୁଛନ୍ତି ବୋଲି କହିବା ସହ ଆମ ରାଜ୍ୟ ସରକାର ମଧ୍ୟ ସର୍ବନିମ୍ନ ୨୦୦୦ ଟଙ୍କା ମାସିକ ଭତା ପ୍ରଦାନ କରିବାକୁ ଦାବୀ କରିଥିଲେ। ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କୁ ପଢ଼ାଇବା ପାଇଁ ସ୍ୱତନ୍ତ୍ରକୋର୍ସ କରିଥିବା ତାଲିମପ୍ରାପ୍ତ ଶିକ୍ଷକମାନଙ୍କ ରାଜ୍ୟର ସ୍କୁଲ କଲେଜରେ ନିଯୁକ୍ତି ନଦେଇ ସେମାନଙ୍କ ସହ ରାଜ୍ୟ ସରକାର ଖେଳ ଖେଳୁଛନ୍ତି ବୋଲି ସେ କହିଥିଲେ। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗରେ ରିଲିଫ ଓ ଥଇଥାନ ନିୟମାବଳୀରେ ଭିନ୍ନକ୍ଷମଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବାରମ୍ବାର ଦାବି କରାଯିବା ପରେ ଦୁଇ ଦୁଇ ଥର ଏଥିନେଇ ବୈଠକ ହୋଇଥିଲେ ମଧ୍ୟ ୨୦୧୯ ମସିହା ପରଠାରୁ ଏହା କାର୍ଯ୍ୟକାରୀ ହୋଇନପାରିବା ନବୀନ ସରକାରଙ୍କର ଆନ୍ତରିକତାର ଅନ୍ତସାରଶୂନ୍ୟତାକୁ ହିଁ ପ୍ରମାଣିତ କରୁଛି ବୋଲି ଅଭିଯୋଗ କରିବା ସହ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଗୁରୁତ୍ୱାରୋପ କରିଥିଲେ।

ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ଅମିୟ ପାଣ୍ଡବ ଓ ସାଧାରଣ ସଂପାଦକ ବିସ୍ମୟ ମହାପାତ୍ର ଉପସ୍ଥିତ ଥିଲେ ଏବଂ ରାଜ୍ୟ ସରକାର ସ୍କୁଲପାଠ୍ୟକ୍ରମରେ ଭିନ୍ନକ୍ଷମଙ୍କ ପ୍ରତି ଆମ ସାମାଜିକ ଦାୟୀତ୍ୱ ଓ ଦୃଷ୍ଟିଭଙ୍ଗ ସଂପର୍କରେ ଖସଡ଼ା ଅର୍ନ୍ତଭୁକ୍ତ କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ।

# ସୋଡିୟମ ଭାଲପ୍ରୋଏଟ୍ ବଟିକା ନିମ୍ନମାନର ଥିବା ରିପୋର୍ଟ ହସ୍ତଗତ ହୋଇନାହିଁ



ଭୁବନେଶ୍ୱର , ୨୯/୧୧ (ନି.ପ୍ର): କ୍ୟାପିଟାଲ ହସ୍ପିଟାଲକୁ ଯୋଗାଣ ହେଉଥିବା ସୋଡିୟମ୍ ଭାଲପ୍ରୋଏଟ୍ ୫୦୦ ଏମ୍.ଜି ବଟିକାକୁ କେ ?ଣସି ଉପଭୋକ୍ତା ଅନୁଷ୍ଠାନ, ଔଷଧର ପ୍ରତିକୂଳ ପ୍ରତିକ୍ରିୟା କିମ୍ବା ଏନ୍ଏବିଏଲ୍ ପରୀକ୍ଷାଗାରରୁ ନିମ୍ନମାନର ରିପୋର୍ଟ ହସ୍ତଗତ ହୋଇନାହିଁ। ରାଜ୍ୟ ଔଷଧ ନିଗମ ଦ୍ୱାରା କ୍ରୟ କରାଯାଇଥିବା ସୋଡିୟମ୍ ବଟିକା ସ୍ୱୀକୃତିପ୍ରାପ୍ତ ଏନ୍ଏବିଏଲ୍ ପରୀକ୍ଷାଗାରରେ ପରୀକ୍ଷା କରାଯାଇଥିଲା ଓ ଗୁଣବତ୍ତାମାନଙ୍କ ରିପୋର୍ଟ ଉପରେ ଆଧାର କରି ମୁକ୍ତ କରାଯାଇଥିବା ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ।

ବିଧାୟକ ରଘୁନନ୍ଦନ ଦାସଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଦାସ କହିଛନ୍ତି ଯେ କ୍ୟାପିଟାଲ ହସ୍ପିଟାଲକୁ ରାଜ୍ୟ ଔଷଧ ନିଗମ ଦ୍ୱାରା ଔଷଧ ଯୋଗାଣ କରାଯାଉଛି। ଏହାବାଦ୍ କ୍ୟାପିଟାଲ ହସ୍ପିଟାଲ ଦ୍ୱାରା ଲୋକାଲ ପରଚେଜ୍ କରାଯାଇଥାଏ। ରାଜ୍ୟ ଔଷଧ ନିଗମ ଦ୍ୱାରା କିଣାଯାଇଥିବା ଔଷଧ ଗୁଡ଼ିକର ଉଦ୍ଦିଷ୍ଟ ବ୍ୟବହାର ପାଇଁ ମୁକ୍ତ ହେବା ପୂର୍ବରୁ ପରୀକ୍ଷଣ ଉଦ୍ଦେଶ୍ୟରେ ଏନ୍ଏବିଏଲ୍ ପରୀକ୍ଷାଗାର ଗୁଡ଼ିକୁ ପଠାଯାଇଥାଏ। ଜରୁରୀକାଳୀନ ପରିସ୍ଥିତିରେ କେତେକ ଔଷଧ ଭୁବନେଶ୍ୱର ରାଜ୍ୟ ଡ୍ରଗ୍ ଟେଷ୍ଟିଂ ଏଣ୍ଡ ରିସର୍ଚ ଲାବୋରେଟାରିରେ ମଧ୍ୟ ପରୀକ୍ଷା କରାଯାଇଥାଏ। ଔଷଧର ପ୍ରତିକୂଳ ପ୍ରତିକ୍ରିୟା କିମ୍ବା ଅନ୍ୟ କୌଣସି ମାମଲାରେ ଏହି ଔଷଧ ଗୁଡ଼ିକ ପରୀକ୍ଷା ଉଦ୍ଦେଶ୍ୟରେ ବିଭିନ୍ନ ଜିଲ୍ଲାର ଡ୍ରଗ୍ ଇନ୍ସପେକ୍ଟରଙ୍କ ଦ୍ୱାରା କୋଲକାତାସ୍ଥିତ ସିଡିଏଲ୍‌କୁ ପଠାଯାଉଥିବା ସେ ସୂଚନା ଦେଇଛନ୍ତି।

## ସବୁ ସିଡିଏମ୍‌ଓଙ୍କୁ ଚିଠି ଲେଖିଲେ ସ୍ୱାସ୍ଥ୍ୟ ସଚିବ: ଆଉଟସୋର୍ସିଂ କର୍ମଚାରୀ ନିଯୁକ୍ତିରେ ସ୍ୱଚ୍ଛତା ରଖ

ଭୁବନେଶ୍ୱର : ବିଭିନ୍ନ ଯୋଜନା ଅଧୀନରେ ପାରାମେଡିକ କର୍ମଚାରୀ ନିଯୁକ୍ତି ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ତେବେ କିଛି କର୍ମଚାରୀ ଆଉଟସୋର୍ସିଂ କର୍ମଚାରୀଙ୍କ ନିଯୁକ୍ତି ପାଇଁ ଟଙ୍କା ଆଦାୟ କରୁଥିବା ଅଭିଯୋଗ ଆସିଛି। ଏଭଳି ଘଟଣାକୁ ବରଦାସ୍ତ କରାଯିବ ନାହିଁ। ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେଣୁ ଆଉଟସୋର୍ସିଂ କର୍ମଚାରୀ ନିଯୁକ୍ତିରେ ସ୍ୱଚ୍ଛତା ବଜାୟ ରଖିବା ଲାଗି ସବୁ ସିଡିଏମ୍‌ଓଙ୍କୁ ଚିଠି ଲେଖିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ।

ବିଭାଗ ପକ୍ଷରୁ କୁହାଯାଇଛି ଯେ ନିୟମିତ ପଦବିରେ କର୍ମଚାରୀ ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ଆଉଟସୋର୍ସିଂ ଜରିଆରେ କର୍ମଚାରୀ ନିଯୁକ୍ତିକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ଏଥିପାଇଁ ଜାରି ନିର୍ଦ୍ଦେଶାବଳୀରେ ନିଯୁକ୍ତି ବେଳେ ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ମାତ୍ର କିଛି କର୍ମଚାରୀ ଏଥିପାଇଁ ଟଙ୍କା ଆଦାୟରେ ଲିପ୍ତ ରହିବା ଅଭିଯୋଗ ଆସିବା ପରେ ସବୁ ଜିଲ୍ଲା ଏହା ଉପରେ ସତର୍କ ଦୃଷ୍ଟି ରଖିବା ଜରୁରୀ ହୋଇ ପଡ଼ିଛି। ଆଉଟସୋର୍ସିଂ କର୍ମଚାରୀ ନିଯୁକ୍ତି ସମୟରେ ଯେପରି କୌଣସି ଅଭିଯୋଗ ନ ଆସିବ ସେଥିପ୍ରତି ଦୃଷ୍ଟି ଦେବାକୁ ସବୁ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ସିଆଇଟିୟୁର ୧୫ଶ ରାଜ୍ୟ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୨୯/୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟତ ସମ୍ପତିକୁ ଆଦାନୀ ଓ ଆମ୍ବାନୀ ଭଳି ନିଜର କର୍ପୋରେଟ ମିତ୍ରମାନଙ୍କୁ ବିକ୍ରି କିରବା ଓ ମାଲିକମାନଙ୍କ ସପକ୍ଷରେ ଶ୍ରମ ଆଇନର ପରିବର୍ତନ ବିରୁଦ୍ଧରେ ବ୍ୟାପକ ଐକ୍ୟବଦ୍ଧ ଆନ୍ଦୋଳନ ଗଢିତୋଳିବା ପାଇଁ ସିଆଇଟିୟୁର ସର୍ବଭାରତୀୟ ସଭାନେତ୍ରୀ ଡଃ କେ ହେମଲତା ଆହ୍ୱାନ ଦେଇଛନ୍ତି। କସ୍ତୁରବା ନାରୀମହଲଠାରେ ଅନୁଷ୍ଠିତ ସାଥୀ ଶିବାଜୀ ପଟ୍ଟନାୟକ ନଗର ଓ ବନମାଳୀ ଧୂପାଳ ମଂଚରେ ଅନୁଷ୍ଠିତ ୧୫ଶ ରାଜ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରି ସେ ଏଥିପାଇଁ ସିଆଇଟିୟୁର ସଂଗଠନକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସାଥୀ ଜନାର୍ଦ୍ଦନ ପତି ଓ ସିଆଇଟିୟୁର ରାଜ୍ୟ ଉପସଭାପତି ମାନଙ୍କ ଦ୍ୱାରା ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀକୁ ପରିଚ୍ଳନା କରିଥିଲେ। ଏହି ଉପଲକ୍ଷେ ସିଆଇଟିୟୁର ପତାକା ଉତୋଳନ ହେବା ସହିତ ସହୀଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

ଏହି ସମୟ ମଧ୍ୟରେ ମୃତ୍ୟୁବରଣ କରିଥିବା ଶ୍ରମିକଶ୍ରେଣୀ ଓ ଗଣତାନ୍ତ୍ରିକ ଆନ୍ଦୋଳନର ନେତୃମାନଙ୍କ ପ୍ରତି ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ସମସ୍ତ ନେତୃତ୍ୱ ଓ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ଶିଳ୍ପରୁ ଆସିଥିବା ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇଥିଲେ। ସାଧାରଣ ସମ୍ପାଦକ ସାଥୀ ବିଷ୍ଣୁ ମହାନ୍ତିଙ୍କ ରାଜନୈତିକ, ସାଂଗଠନିକ ଓ ବିଗତ ସମ୍ମିଳନୀ ଠାରୁ ଏପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଓ ଆନ୍ଦୋଳନରତ ରିପୋର୍ଟ ଉପସ୍ଥାପନ କରିଥିଲେ। ସମ୍ମିଳନୀ ଦ୍ୱିତୀୟ ଦିନର ପ୍ରତିନିଧି ଅଧିବେଶନରେ ଇସ୍ପାତ, ବିଦ୍ୟୁତ, ନାଲକୋ, ଏନ୍‌ଟିପିସି ଆଦି ସଂଗଠିତ ଶିଳ୍ପକୁ ଓ ଅସଂଗଠିତ ଶିଳ୍ପର ଠିକା ଶ୍ରମିକ ୟୁନିୟନ / ସ୍କିମ ଶ୍ରମିକ ୟୁନିୟନର ପ୍ରତିନିଧିମାନେ ସାଧାରଣ ସମ୍ପାଦକଙ୍କ ରିପୋର୍ଟ ଉପରେ ଆଲୋଚନା କରିଥିଲେ।

ସମ୍ମିଳନୀରେ ସାମ୍ପ୍ରଦାୟିକ ବିଦ୍ୱେଷ ବିରୁଦ୍ଧରେ ବ୍ୟାପକ ପ୍ରଚ୍ଚର ଅଭିଯାନ କରିବା, ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର କରିବା, ଦରବୃଦ୍ଧି ବନ୍ଦ କରିବା, ବେକାରୀ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟକାରୀ ପଦକ୍ଷେପ ସହିତ ନିଯୁକ୍ତି ସୁଯୋଗ ଦେବା, ଶ୍ରମିକ-କୃଷକମାନଙ୍କ ମିଳିତ ପାର୍ଲାମେଂଟ ଅଭିଯାନକୁ ସଫଳ କରିବା, ମହିଳାମାନଙ୍କୁ ସାମାଜିକ ନିରାପତା ଦେବା ଆଦି ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ୟୁନିୟନ ମାନଙ୍କରୁ ୫ ଶହରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଛନ୍ତି। ଆସନ୍ତା ୨୯ ତାରିଖ ଶେଷ ଦିନରେ କେନ୍ଦ୍ର ସରକାରଙ୍କ କର୍ପୋରେଟ ସାମ୍ପ୍ରଦାୟିକ ଗଠବନ୍ଧନ ବିରୁଦ୍ଧରେ ବ୍ୟାପକ ଆନ୍ଦୋଳନ କରିବାକୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ରାଜ୍ୟରେ ସମସ୍ତ ଅପହଂଚ ଶ୍ରମିକମାନଙ୍କ ପାଖରେ ପହଂଚିବା ଓ ସରକାରଙ୍କ ନୀତି ପଛରେ ନିହତ ରାଜନୀତିକୁ ଉନ୍ମୋଚିତ କରିବା ପାଇଁ ସିଆଇଟିୟୁ ସମ୍ମିଳନୀ ସ୍ଥିର କରିଛି। ଅପ୍ରେଲ ୫, ୨୦୨୩ରେ ପାର୍ଲାମେଂଟର ବଜେଟ ଅଧିବେଶନ ସମୟରେ ଶ୍ରମିକ-କୃଷକମାନଙ୍କ ଦିଲ୍ଲୀ ଅଭିଯାନ ପାଇଁ ଡ଼ାକରା ଦିଆଯାଇଛି।

# ମେକ୍ ଇନ୍ ଓଡ଼ିଶାରେ ବେଦାନ୍ତ ଆଲୁମିନିୟମ ଷ୍ଟଲ୍ ଖୋଲିବ



ଭୁବନେଶ୍ୱର , ୨୯/୧୧ (ନି.ପ୍ର): ଭୁବନେଶ୍ୱରର ଜନତା ମଇଦାନରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା ୨୦୨୨ ସମ୍ମିଳନୀରେ ବେଦାନ୍ତ ଆଲୁମିନିୟମର ଷ୍ଟଲ ଖୋଲିବ। କମ୍ପାନି ଏଠାରେ ଏହାର ଉତ୍ପାଦନର ଉତ୍କର୍ଷକୁ ଉପସ୍ଥାପନ କରିବ। ଅତୀତର କଳା ପ୍ରତିପୋଷଣ ଠାରୁ ଆରମ୍ଭ କରି ଭବିଷ୍ୟତର ଧାତୁରେ ବିନିଯୋଗ ପର୍ଯ୍ୟନ୍ତ ବିଷୟବସ୍ତୁ ବିଭିନ୍ନ ବର୍ଗର ଲୋକଙ୍କୁ ଆକର୍ଷିତ କରିବ । ଛାତ୍ର, ସିଇଓ ବା ଗୃହ ନିର୍ମାଣକାରୀ ସମସ୍ତଙ୍କ ପାଇଁ ଏଠାରୁ ଏକ ସ୍ମରଣୀୟ ଅନୁଭୂତି ମିଳିପାରିବ । କଂପାନି ମଧ୍ୟ ବହୁ ଅଗ୍ରଣୀ ବିଦ୍ୟାଳୟ ଓ କଲେଜକୁ ବିଶେଷ ନିମନ୍ତ୍ରଣ କରିଛି। ବେଦାନ୍ତ ଆଲୁମିନିୟମ ସିଇଓ ରାହୁଲ ଶର୍ମା କହିଛନ୍ତି ଚାରି ବର୍ଷ ପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଅଂଶ ହୋଇଥିବାରୁ ଆମେ ଆନନ୍ଦିତ। ଓଡ଼ିଶାର ଲୋକ, ଗ୍ରାହକ, ଅଂଶୀଦାର ଓ ସମସ୍ତ ଶୁଭେଚ୍ଛୁମାନଙ୍କୁ ଷ୍ଟଲ ପରିଦର୍ଶନ କରିବାକୁ ସେ ଆମନ୍ତ୍ରଣ କରିଛନ୍ତି।

# ମେକ୍ ଇନ ଓଡ଼ିଶା କନକ୍ଲେଭ ନେଇ ଡିସିପିଙ୍କ ସୂଚନା : କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଛି



ଭୁବନେଶ୍ୱର, ୨୯/୧୧ (ନି.ପ୍ର): ମେକ୍ ଇନ ଓଡ଼ିଶା କନକ୍ଲେଭ ନେଇ ଡିସିପି ପ୍ରତୀକ ସିଂ ବିସ୍ତୃତ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନଭେମ୍ବର ୩୦ ରୁ ୪ ଡିସେମ୍ବର ୪ ତାରିଖ ଯାଏ ଚାଲିବାକୁ ଥିବା ମେକ୍ ଇନ ଓଡ଼ିଶା କନକ୍ଲେଭରେ ଜାପାନ, ନରୱେ, ଜର୍ମାନୀ, ନେପାଳ ଓ ବାଂଲାଦେଶ ଭଳି ଦେଶର ସମ୍ମାନାସ୍ପଦ ବ୍ୟକ୍ତିମାନେ ଯୋଗ ଦେବେ। ଏହାକୁ ଆଖି ଆଗରେ ରଖି ବିମାନ ବନ୍ଦରରୁ ଆରମ୍ଭ କରି ରାସ୍ତା, ହୋଟେଲ, ଜନତା ମଇଦାନ, ପାର୍କିଂ ଓ ଟ୍ରାଫିକ ପର୍ଯ୍ୟନ୍ତ ସମସ୍ତ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ହୋଇଛି।

ପୁଲିସ ଫୋର୍ସ ଦୁଇଟି ସିଫ୍ଟରେ ରାଜଧାନୀକୁ ଜଗିବେ। ୧୦ପ୍ଲାଟୁନ ପୁଲିସ ଫୋର୍ସ ଓ ୨୧୩ ପୁଲିସ ଅଧିକାରୀ ଏହି ଦାୟିତ୍ୱରେ ରହିବେ। ଓ ଆର, ଏପିଆରକୁ ନେଇ ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି।ସୁରକ୍ଷା ବ୍ୟବସ୍ଥା ଲାଗି ଜଣେ ଏସପି, ୧୨ ଅତିରିକ୍ତ ଡିସିପି ୩ ଜଣ ଇନ୍ସପେକ୍ଟର ୨୧, ଏସ.ଆଇ ଓ ୪୭ ଜଣ ଏ.ଏସ.ଆଇ ମୁତୟନ ହୋଇଛନ୍ତି। ଡିସିପି ଆହୁରି ସୂଚନା ଦେଇଛନ୍ତି ଯେ ସ୍ୱସ୍ତି ହୋଟେଲ ଲେନରେ ଭିଭିଆଇପି ଓ ଭିଆଇପି ,ଗେଟ୍ ୩ରେ ଗଣମାଧ୍ୟମ ଓ ଗେଟ୍ ୪ ରେ ସାଧାରଣ ଲୋକେ ପ୍ରବେଶ କରିପାରିବେ। ସାଧାରଣ ଲୋକ କେବଳ ୪ ତାରିଖ ସନ୍ଧ୍ୟାରେ ଜନତା ମଇଦାନରେ ଆସି ବୁଲିପାରିବେ।

# ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ମିଳିତ ମହାସଂଘର ଚେତାବନୀ: ୭ରୁ କଳାବ୍ୟାଜ୍, ୧୪ରୁ ଅସହଯୋଗ



ଭୁବନେଶ୍ୱର , ୨୯/୧୧ (ନି.ପ୍ର): ଜନ୍ମଠୁ ମୃତ୍ୟୁ ଯାଏ ସରକାର ସମସ୍ତ ଯୋଜନାକୁ ସଫଳ ରୂପାୟନ କରିଆସୁଥିବା ସତ୍ତ୍ୱେ ସରକାର ସେମାନଙ୍କୁ ଅଣଦେଖା କରିଆସୁଛନ୍ତି। ତେଣୁ ସେମାନଙ୍କ ୫ଦଫା ଦାବି ଶୀଘ୍ର ପୂରଣ କରାନଗଲେ, ଆସନ୍ତା ୭ ତାରିଖରୁ ସେମାନେ କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନ କରିବେ। ଏହା ପରେ ବି ସରକାର ନ ଶୁଣିଲେ ୧୪ରୁ ଅସହଯୋଗ ଓ ୨୧ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ସରକାରଙ୍କୁ ଅଡୁଆରେ ପକାଇବ ବୋଲି ଚେତାବନୀ ଦେଇଛି ଓଡ଼ିଶା ରାଜ୍ୟ ପୁରୁଷ ଓ ମହିଳା ବହୁମୁଖୀ ମିଳିତ ମହାସଂଘ ଚେତାବନୀ ଦେଇଛି। ଏହି ଅବସରରେ ମହାସଂଘ ପକ୍ଷରୁ ଆଜି ଏକ ଦାବିପତ୍ର ଏଡିୟୁପିଏଚ୍‌ଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

ମହାସଂଘର ଦାବିଗୁଡ଼ିକ ହେଲା, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ କ୍ୟାଡର ପୁନର୍ଗଠନ କରି ଚାକିରି କାଳରେ ସର୍ବନିମ୍ନ ୪ଟି ପଦୋନ୍ନତି, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୦୨୦ ନଭେମ୍ବର ୩ ତାରିଖରେ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରି ଅର୍ଥ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗ୍ରେଡ୍-ପେ’ ୪୨୦୦, ୪୬୦୦ ଏବଂ ୪୮୦୦ ଆରଏସିପି ଆକାରରେ ପ୍ରଦାନ, ୨୦୧୩ ମସିହାରେ ଜିଏପିଜି ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରି ଠିକା ବ୍ୟବସ୍ଥାକୁ ଉଚ୍ଛେଦ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ପଦର ନାମ ପରିବର୍ତ୍ତନ, ପୋଷାକ ଭତ୍ତା ଆକାରରେ ବାର୍ଷିକ ୫ହଜାର ଟଙ୍କା ପ୍ରଦାନ ଇତ୍ୟାଦି। ସରକାର ତୁରନ୍ତ ଦାବି ପୂରଣ ନକଲେ, ଆସନ୍ତା ୭ ତାରିଖରୁ ୨୦ ହଜାର କର୍ମୀ କଳାବ୍ୟାଜ୍ ପିନ୍ଧି ନିରବ ପ୍ରତିବାଦ କରିବେ। ତଥାପି ସରକାର ନ ଶୁଣିଲେ, ୧୪ ତାରିଖଠାରୁ ଅସହଯୋଗ ଆନ୍ଦୋଳନ ଓ ୨୧ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ।

# ୭୦ ମାସରେ ୨୩୨୨ଜଣ ଇଞ୍ଜିନିୟରଙ୍କୁ ଧରିଛି ଭିଜିଲାନ୍ସ

ଭୁବନେଶ୍ୱର , ୨୯/୧୧ (ନି.ପ୍ର): ଭିଜିଲାନ୍ସ ପକ୍ଷରୁ ଜାନୁଆରି ୧, ୨୦୧୭ରୁ ଅକ୍ଟୋବର ୩୧, ୨୦୨୨ ମଧ୍ୟରେ (୭୦ମାସରେ) ୨୩୨୨ଜଣ ସରକାରୀ କର୍ମଚାରୀ (ଇଞ୍ଜିନିୟର)ଙ୍କ ନାମରେ ଭିଜିଲାନ୍ସ ମାମଲା ରୁଜୁ ହୋଇଛି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ନିର୍ମାଣ କାର୍ଯ୍ୟରେ ନିୟୋଜିତ ଯନ୍ତ୍ରୀ ତଥା ଇଞ୍ଜିନିୟରଙ୍କ ମଧ୍ୟରୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଜଣେ ମୁଖ୍ୟ ଯନ୍ତ୍ରୀ, ଜଣେ ନିର୍ବାହୀ ଯନ୍ତ୍ରୀ, ଜଣେ ଉପନିର୍ବାହୀ ଯନ୍ତ୍ରୀ, ୧୦ଜଣ ସହାୟକ ନିର୍ବାହୀ ଯନ୍ତ୍ରୀ, ୧୪ଜଣ ସହାୟକ ଯନ୍ତ୍ରୀ, ୮୩ଜଣ କନିଷ୍ଠ ଯନ୍ତ୍ରୀ, ନଗର ଉନ୍ନୟନ ବିଭାଗର ଜଣେ ଅଧୀକ୍ଷଣ ଯନ୍ତ୍ରୀ, ୪ଜଣ ନିର୍ବାହୀ ଯନ୍ତ୍ରୀ, ୩ଜଣ ସହାୟକ ନିର୍ବାହୀ ଯନ୍ତ୍ରୀ, ୮ଜଣ ସହାୟକ ଯନ୍ତ୍ରୀ, ୮ଜଣ କନିଷ୍ଠ ଯନ୍ତ୍ରୀ, ପର୍ଯ୍ୟଟନ ବିଭାଗର ଜଣେ ସହାୟକ ଯନ୍ତ୍ରୀ ଓ ଜଣେ କନିଷ୍ଠ ଯନ୍ତ୍ରୀ, ପୂର୍ତ୍ତ ବିଭାଗର ଜଣେ ମୁଖ୍ୟ ଯନ୍ତ୍ରୀ, ୩ଜଣ ଅଧୀକ୍ଷଣ ଯନ୍ତ୍ରୀ, ୭ଜଣ ନିର୍ବାହୀ ଯନ୍ତ୍ରୀ, ଜଣେ ଉପନିର୍ବାହୀ ଯନ୍ତ୍ରୀ, ୧୧ଜଣ ସହାୟକ ନିର୍ବାହୀ ଯନ୍ତ୍ରୀ, ୧୫ଜଣ ସହାୟକ ଯନ୍ତ୍ରୀ, ୩ଜଣ କନିଷ୍ଠ ଯନ୍ତ୍ରୀ, ଶକ୍ତି ବିଭାଗରେ ଜଣେ ମୁଖ୍ୟ ଯନ୍ତ୍ରୀ, ୨ଜଣ ଅଧୀକ୍ଷଣ ଯନ୍ତ୍ରୀ, ୬ଜଣ ନିର୍ବାହୀ ଯନ୍ତ୍ରୀ, ଜଣେ ଉପନିର୍ବାହୀ ଯନ୍ତ୍ରୀ, ୧୦ଜଣ ସହାୟକ ଯନ୍ତ୍ରୀ, ୨୧ଜଣ କନିଷ୍ଠ ଯନ୍ତ୍ରୀ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଜଣେ ସହାୟକ ଯନ୍ତ୍ରୀ, ୬ଜଣ କନିଷ୍ଠ ଯନ୍ତ୍ରୀ, ଜଳସମ୍ପଦ ବିଭାଗର ଜଣେ ମୁଖ୍ୟ ଯନ୍ତ୍ରୀ, ୪ଜଣ ଅଧୀକ୍ଷଣ ଯନ୍ତ୍ରୀ, ୯ଜଣ ନିର୍ବାହୀ ଯନ୍ତ୍ରୀ, ୧୧ଜଣ ସହାୟକ ନିର୍ବାହୀ ଯନ୍ତ୍ରୀ, ୧୯ଜଣ ସହାୟକ ଯନ୍ତ୍ରୀ, ୫ଜଣ କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ଅଧୀକ୍ଷଣ ଯନ୍ତ୍ରୀ, ୮ଜଣ ନିର୍ବାହୀ ଯନ୍ତ୍ରୀ, ୫ଜଣ ସହାୟକ ନିର୍ବାହୀ ଯନ୍ତ୍ରୀ, ୫ଜଣ ସହାୟକ ଯନ୍ତ୍ରୀ, ୨ଜଣ କନିଷ୍ଠ ଯନ୍ତ୍ରୀ, ଅନୁସୂଚିତ ଜାତି ଓ ଜନଜାତି ବିଭାଗରେ ୨ଜଣ ସହାୟକ ନିର୍ବାହୀ ଯନ୍ତ୍ରୀ, ୪ଜଣ ସହାୟକ ଯନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୨ଜଣ ସହାୟକ ଯନ୍ତ୍ରୀ, ୩ଜଣ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଭିଜିଲାନ୍ସ ମାମଲା ରୁଜୁ ହୋଇଛି।

# ୭୦ବର୍ଷ ହେଲା କଷ୍ଟ ପାଉଛନ୍ତି ୯୫୦ ପରିବାର

ଭୁବନେଶ୍ୱର , ୨୯/୧୧ (ନି.ପ୍ର): ୧୯୫୨ ମସିହାରେ କେନ୍ଦ୍ର ସରକାର ୯୫୦ଟି ପରିବାରକୁ ଖୋର୍ଦ୍ଧା ବ୍ଲକରେ ଥଇଥାନ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସେମାନଙ୍କ ଆରଓଆର (ରେକର୍ଡ ଅଫ୍ ରାଇଟ୍‌ସ) ସଂଶୋଧନ ହୋଇପାରୁନି। ଫଳରେ ସେମାନେ ନିଜର ଜାତି ପ୍ରମାଣପତ୍ରରୁ ଆରମ୍ଭ କରି ଆୟ ପ୍ରମାଣପତ୍ର, ଆବାସିକ ପ୍ରମାଣପତ୍ର କିଛି ପାଇପାରୁନାହାନ୍ତି। ଏ ଦିଗରେ ରାଜସ୍ୱ ବିଭାଗ ପଦକ୍ଷେପ ନେବାକୁ ଜୟଦେବ ବିଧାୟକ ଅରବିନ୍ଦ ଢାଲି ଗୃହରେ ଦାବି କରିଛନ୍ତି। ଶ୍ରୀ ଢାଲି କହିଥିଲେ, ଖୋର୍ଦ୍ଧାର ଏହି ୯୫୦ ପରିବାରର ସମସ୍ୟା ନେଇ ସମସ୍ତେ ଅବଗତ ଅଛନ୍ତି। ୭୦ବର୍ଷ ହେଲା ୯୫୦ ପରିବାର କଷ୍ଟ ପାଉଛନ୍ତି। କିଛି ବର୍ଷ ତଳେ ୫୨୧ଜଣଙ୍କର ଆରଓଆର କିଛି ସଂଶୋଧନ ହୋଇଥିଲେ ବି ଏହା କେ ?ଣସି କାମରେ ଲାଗୁନି।



# ରାଜ୍ୟରେ ଯୌତୁକ ନିର୍ଯାତନା ବଢ଼ିଛି

ଭୁବନେଶ୍ୱର , ୨୯/୧୧ (ନି.ପ୍ର): ରାଜ୍ୟରେ ଯୌତୁକ ନିର୍ଯାତନା ମାମଲା ବଢ଼ିବାରେ ଲାଗିଛି। ଗତବର୍ଷ ତୁଳନାରେ ଚଳିତବର୍ଷ ଏହି ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ହୋଇଛି। ଯଦିଓ ଗତବର୍ଷ ତୁଳନାରେ ଚଳିତବର୍ଷ ହତ୍ୟା ଓ ଦୁଷ୍କର୍ମ ମାମଲା ହ୍ରାସ ପାଇଛି, ମାତ୍ର ଏଥିରେ ବଡ଼ ଧରଣର ପରିବର୍ତନ ଦେଖିବାକୁ ମିଳିନାହିଁ। ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ ୨୦୨୧ ମସିହା ସେପଟ୍ଟେମ୍ବର ବେଳକୁ ରାଜ୍ୟରେ ୩୬୯୩ ଯେ ?ତୁକ ନିର୍ଯାତନା ମାମଲା ରୁଜୁ ହୋଇଥିଲା। ତେବେ ୨୦୨୨ ସେପଟ୍ଟେମ୍ବର ବେଳକୁ ଏହା ବୃଦ୍ଧି ପାଇଁ ୩୯୨୬ରେ ପହଞ୍ଚିଛି।ସେହିପରି ଗତବର୍ଷ ଏହି ସମୟରେ ରାଜ୍ୟରେ ୧୧୯୧ ହତ୍ୟା ମାମଲା ଆସିଥିବା ବେଳେ ଚଳିତବର୍ଷ ୧୧୩୮, ଗତବର୍ଷ ୨୩୬୮ ଦୁଷ୍କର୍ମ ମାମଲା ଓ ଚଳିତ ବର୍ଷ ୨୨୬୯ ମାମଲା ଦାୟର ହୋଇଛି। ତେବେ ଅଣ ଯୌତୁକ ଜନିତ ମାମଲାରେ ଯଥେଷ୍ଟ ବୃଦ୍ଧି ହୋଇଛି। ଗତବର୍ଷ ଏହି ସଂଖ୍ୟା ୩୪୨୯ ଥିବା ବେଳେ ଚଳିତବର୍ଷ ୪୦୭୨, ସାଇବର ଅପରାଧ ଗତବର୍ଷ ୧୫୩୧ ଥିବା ବେଳେ ଚଳିତବର୍ଷ ୧୪୬୨ ଓ ଗତବର୍ଷ ୧୦୯୩ ଏନ୍‌ଡିପିଏସ୍ ମାମଲା ଥିବା ବେଳେ ଚଳିତବର୍ଷ ୧୨୫୧କୁ ବୃଦ୍ଧି ପାଇଛି। ତେବେ ଏହି ମାମଲାଗୁଡ଼ିକରେ ଦୋଷୀ ସାବ୍ୟସ୍ତ ହାର ସହ ଜାତୀୟ ହାରର ତୁଳନାତ୍ମକ ଚିତ୍ର ସଂଗ୍ରହ କରାଯାଉଥିବା ଶ୍ରୀ ବେହେରା ସୂଚନା ଦେଇଛନ୍ତି।

# ଦିବଂଗତ ଅଭିନେତା କମଳ ଲୋଚନ ଦାଶଙ୍କ ଉଦ୍ଦେଶ୍ୟରେ ଶୋକାଞ୍ଜଳି



ବାଲେଶ୍ୱର, ୨୯/୧୧ (ନି.ପ୍ର): ଜଣକ ପରେ ଜଣେ କଳା-ସାହିତ୍ୟ-ସଂସ୍କୃତିର ସ୍ମରଣୀୟ ସ୍ରଷ୍ଟାଙ୍କ ବିୟୋଗ ସମଗ୍ର ଦେଶ, ଓଡ଼ିଶା ରାଜ୍ୟ, ସର୍ବୋପରି ଆମ ବାଲେଶ୍ୱର ଜିଲ୍ଲାରେ ନିରବଚ୍ଛିନ୍ନ ଆଘାତ ଦେଇଚାଲିଛି । ଏମିତିକି ସାମ୍ପ୍ରତିକ ସମାଜରେ ଗୋଟିଏ ବିରାଟ ଶୂନ୍ୟତା ସୃଷ୍ଟି ଏଇ ସମାଜରେ ହୋଇ ଚାଲିଛି ବୋଲି ଅନ୍ନପୂର୍ଣ୍ଣା ଥିଏଟରର ବିଶିଷ୍ଟ ଅଭିନେତା-ନିର୍ଦ୍ଦେଶକ କମଳଲୋଚନ ଦାଶଙ୍କ ଦୁଃଖଦ ପ୍ରସ୍ଥାନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକାଶ ଅବସରରେ ମତ ଦେଇଥିଲେ । ସ୍ଥାନୀୟ ନୃତ୍ୟ-ସଂଗୀତ-କଳା ମନ୍ଦିର ଓ ବାଲେଶ୍ୱର ଷ୍ଟେସନ୍ କ୍ଲବ୍ ପରିସରରେ ଅନୁଷ୍ଠିତ 'କମଳଲୋଚନ ଶୋକାଞ୍ଜଳି' ସଭାରେ ଚନ୍ଦ୍ରଭାଗାର ନିର୍ଦ୍ଦେଶକ କବି ଶ୍ରୀଦେବ ପୌରୋହିତ୍ୟ କରିଥିଲେ। ନାଟ୍ୟକାର ନିର୍ଦ୍ଦେଶକ ଡ. ପ୍ରଦୀପ ଭୌମିକ, ରାଜ୍ୟ ସଂଗୀତ ନାଟକ ଏକାଡେମୀର ସଦସ୍ୟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ବରିଷ୍ଠ ନାଗରିକ ଧୀରେନ୍ଦ୍ର ନାରାୟଣ ଦାସ, ଡ. ଭାଗବତ ପାଣିଗ୍ରାହୀ, ଅଭିନେତା-ନିର୍ଦ୍ଦେଶକ ଚନ୍ଦ୍ରଶେଖର ଖିଲାର୍, ନିରଞ୍ଜନ ଖୁଣ୍ଟିଆ, କୈଳାସ ଦାସ, ବ୍ୟଙ୍ଗସ୍ରଷ୍ଟା ଗାଳ୍ପିକ ଅଞ୍ଜନ ଚାନ୍ଦ, ଗଂଗାଧର ବିଶ୍ୱାଳ, ଆଡ୍. ଅଶୋକ ସେନାପତି, ଅଭିନେତା ବିଶ୍ୱଜିତ୍ ମହାପାତ୍ର, ଲକ୍ଷ୍ମୀ ଘୋଷ, ଆଶୀଷ ବର୍ଦ୍ଧନ, ଅର୍ଣ୍ଣବ କର, ରାମଚନ୍ଦ୍ର ମହାପାତ୍ର, ଅଜୟ ଆଚାର୍ଯ୍ୟ, ରାଜେନ୍ଦ୍ର ରାଉତ, ଅରୁଣାଂଶୁ ପାଣିଗ୍ରାହୀ, ଡ. ଶଶିକାନ୍ତ ମହାନ୍ତି, ସୁନୀଲ୍ ପଣ୍ଡା, କିଶୋର ପତି, ରୀନା ପାତ୍ର, ରୋ. ସୁକୁମାର ରଣା, ରାଜେନ୍ଦ୍ର ଗିରି, ଜଗବନ୍ଧୁ ପୃଷ୍ଟି, ସନ୍ତୋଷ ପଣ୍ଡା, ସତ୍ୟ ସାହୁ, ଅବନୀ ରାଉତ, ରଜନୀକାନ୍ତ ଶତପଥୀ, ସଞ୍ଜୟ ମହାପାତ୍ର, ରଣଜିତ୍ ପୃଷ୍ଟି ଏବଂ ଜ୍ୟୋତିମୟୀ ଶତପଥୀ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ ସହ ଦିବଂଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅବନୀ ଜେନା ଶେଷ ଶ୍ରଦ୍ଧାଞ୍ଜଳି ପ୍ରଦାନ ପୂର୍ବକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ବିବାହର ପ୍ରଲୋଭନ ଦେଖାଇ ଦୁଷ୍କର୍ମ

ଜୟପୁର, ୨୯/୧୧ (ନି.ପ୍ର): ବିବାହର ପ୍ରୋଲଭନ ଦେଖାଇ ଯୁବତିକୁ ଦୁଷ୍କର୍ମ କରିଥିବା ନେଇ ଜୟପୁର ମହିଳା ଥାନାରେ ହୋଇଛି ଅଭିଯୋଗ । ପୋଲିସ ସୁଚନା ଅନୁଯାଇ ବୋରିଗୁମ୍ମା ବ୍ଲକ ବିସିଂପୁର ଅଞ୍ଚଳରେ ରହୁଥିବା ଜଣେ ଯୁବତିକୁ ବିବାହର ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଛି । ଦୁଷ୍କର୍ମ କରିବା ପରେ ଅଭିଯୁକ୍ତ ପର୍ଶୁ ପେଣ୍ଠିଆ ଯୁବତି କୁ ବିବାହ କରିବାକୁ ମନା କରିଥିଲେ । ଏନେଇ ଗ୍ରାମରେ ବୈଠକ ମଧ ବସିଥିଲା କିଛି ସମାଧାନ ହୋଇପାରି ନଥିଲା । ଶେଷରେ ଯୁବତି ଜଣକ ମହିଳା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ମହିଳା ପୋଲିସ ମାମଲା ୧୩୨/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ମହିଳା ଥାନା ଅଧିକାରି ମମତା ପାଣିଗ୍ରାହୀ ସୁଚନା ଦେଇଛନ୍ତି ।

## ମଧୁସାଗର ବିଦ୍ୟାପୀଠରେ ଚିନ୍ତାମଣି ଗୁରୁଜୀଙ୍କ ଜୟନ୍ତୀ

କେନ୍ଦ୍ରାପଡ଼ା, ୨୯/୧୧ (ନି.ପ୍ର): ଚିନ୍ତାମଣୀ ଗୁରୁଜୀ ଓ ରୁକମଣୀ ଦେବୀ ନ୍ୟାସ ଓ ମଧୁସାଗର ବିଦ୍ୟାପୀଠ ମିଳିତ ଉଦ୍ୟମରେ ବିଦ୍ୟାପୀଠର ପ୍ରତିଷ୍ଠାତା ସ୍ୱାଧିନତା ସଂଗ୍ରାମୀ ଚିନ୍ତାମଣୀ ଗୁରୁଜୀଙ୍କ ୧୦୬ତମ ଜୟନ୍ତୀ ପାଳନ କରାଯାଇଛି । ପ୍ରଭାତ ଫେରି, ସଫେଇ ଓ ରାମଧୁନ ଗାନ ପରେ ପ୍ରଧାନ ଗୁରୁଜୀ ସୁଦ୍ଧି ରଞ୍ଜନ ବାରିକଙ୍କ ଅଧକ୍ଷତାରେ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ନରହରି ସୁତାର, ହୃଦାନନ୍ଦ ରାଉତ, ଭ୍ରମର ରାଉତ ପ୍ରମୁଖ ଗୁରୁଜୀଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାଧୁରୀ ଭଦ୍ର, ସସୁନିତା ମହାନ୍ତି, ମାଧବିକା ସାହୁ, ସ୍ୱର୍ଣ୍ଣମିତ୍ରା ଦୈବେଦୀ, ଗୀତାଞ୍ଜଳୀ ସାମଲ ପ୍ରମୁଖ ସ୍ମୃତିଚାରଣ କରିଥିଲେ । ଶେଷରେ ଯଦୁମଣି ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ନୀଳଗିରିରେ ସରକାରୀ ଶିଳ୍ପତାଲିମ କେନ୍ଦ୍ର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ସବୁଜ ସଂକେତ

ନୀଳଗିରି, ୨୯/୧୧ (ନି.ପ୍ର): ନୀଳଗିରି ମାନ୍ୟବର ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ବହୁ ଦିନର ପ୍ରଚେଷ୍ଟା ପରେ ଶେଷରେ ଫଳବତୀ ହେବାକୁ ଯାଉଛି । ଦୀର୍ଘଦିନ ପରେ ନୀଳଗିରି ଭଳି ଆଦିବାସୀ ଅଧ୍ୟୁଷିତ ଅଂଚଳରେ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାର ସବୁଜ ସଂକେତ ପ୍ରାନ କରିଥିବାରୁ ନୀଳଗିରିରେ ଯୁବ ପୀଢ଼ି ମାନଙ୍କ ମଧ୍ୟରେ ଉତ୍ସାହ ଭରି ଉଠିଛି । ନୀଳଗିରି ଏକ ଆଇ.ଟି.ଡି.ଏ. ବ୍ଲକ ହୋଇଥିବାରୁ ବହୁ ଶିକ୍ଷିତ ବେକାର ଯୁବକ ବିଭିନ୍ନ ପ୍ରକାର ଦକ୍ଷତା ଥାଇ ମଧ ବେକାର ହୋଇ ବୁଲୁଥିଲେ । ଶେଷରେ ବିଧାୟକ ଙ୍କ ବାରମ୍ବାର ନୀଳଗିରି ଭଳି ଆଦିବାସୀ ବହୁଳ ବ୍ଲକରେ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାରଙ୍କ ଠାରେ ଗୁହାରି କରି ଆସୁଥିଷଲ । ୨୯ତାରିଖ ପ୍ରଶ୍ନକାଳ ସମୟରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକଙ୍କ ପ୍ରଶ୍ନର ଉତର ଦେଇ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ପ୍ରତିରଂଜନ ଘଡ଼େଇ ନିଜ ଉତରରେ ନୀଳଗିରରି ଠାରେ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱିକୃତୀ ପ୍ରଦାନ କରିଥିବା କହିଥିଲେ । ଖୁବ୍ ଶୀଘ୍ର ନୀଳଗିରି ଠାରେ ଏହି ସଂସ୍ଥା କାର୍ଯ୍ୟକାରୀ ହେବା ସହ ନୀଳଗିରି ଏନ.ଏ.ସି. ଏବଂ ଏହାର ଆଖପାଖ ଅଂଚଳରେ ଛାତ୍ରମାନେ ଏଠାରେ ପାଠ ପଢ଼ିବାର ସୁଯୋଗ ପାଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ଘଡ଼େଇ ପ୍ରକାଶ କରିଥିଲେ । ଖବରର ଶୁଣିବା ପରେ ନୀଳଗିରି ଅଂଚଳର ବହୁ ବୁଦ୍ଧିଜୀବୀ ସନ୍ତୋଷ ବ୍ୟକ୍ତି କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି ।

# ଅମର୍ଦ୍ଦାରୋଡରେ ସାମଲ ହୋଣ୍ଡା ଉଦ୍‌ଘାଟିତ



ବସ୍ତା, ୨୯/୧୧ (ନି.ପ୍ର): ବସ୍ତା ଥାନା ଅମର୍ଦ୍ଦାରୋଡ ରେ ନୂଆକରି ସାମଲ ହୋଣ୍ଡା ଉଦଘାଟନ ହୋଇଯାଇଅଛି । ଅମର୍ଦ୍ଦାରୋଡ ରେ ଫିତାକାଟି ପ୍ରଦୀପ ପ୍ରଜ୍ୱଳନକରି ଶୁଭାରମ୍ଭ କରିଥିଲେ ରାଜ୍ୟ ହୋଣ୍ଡା ମଟର ସାଇକେଲ ସେଲସ ଜୋନାଲ ହେଡ଼ ରାଜେଶ ଚୌଧୁରୀ ଓ ଡୈଲୁକ ସାମଲ । ବିଷେଶ କରି ଏହି କମ୍ପାନୀର ସାମଗ୍ରୀ ବା ଆଗରୁ କେବେ ନଥିଲା । ଏହାଫଳରେଉକ୍ତ ଅଞ୍ଚରେ ଉପଭୋକ୍ତା ମାନଙ୍କୁ ସୁବିଧା ପାଇ ପାରିବାସହିତ ସୁଲଭମୂଲ୍ୟରେ ଅଞ୍ଚଳବାସୀ ପାଇପାରିବେ ବୋଲି ମୁଖ୍ୟ ଅତିଥି ଆଶାପୋଷଣ କରିଛନ୍ତି । ଏହି ଅବସରରେ ଏରିଆ ସେଲସ ଇନଚାର୍ଜ ଅଭିଷେକ ଚକ୍ରବର୍ତ୍ତୀ, ସାମଲ ହୋଣ୍ଡା ର ଅନର ସୁଦାମ ସାମଲ, ନମିତା ସାମଲ, ରାଧାଗୋବିନ୍ଦ ଜଳେଶ୍ୱର ଶାଖା ର ଡାଇରେକ୍ଟର ମାନସ ଜେନା, ରାମେଶ୍ୱର ଜେନା, ଏବଂ ଜେନେରାଲ ମ୍ୟାନେଜର ଜିତେନ୍ଦ୍ର ମହାନ୍ତି ଓ ସର୍ଭିସ ମ୍ୟାନେଜର ଅକ୍ଷୟ ପରିଡା ଏବଂ ସାମଲ ହୋଣ୍ଡା ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ କ୍ଷ ଆଜିର ଏହି ପ୍ରଥମ ଦିନରେ ୧୭ ଟି ସ୍କୁଟି ଏବଂ ବାଇକ ବିକ୍ରି ହୋଇଥିଲା ।

# ବାଲିଆ ବାଣ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ସହାୟତା ଦାବି

କେନ୍ଦ୍ରାପଡ଼ା, ୨୯/୧୧ (ନି.ପ୍ର): ଓଡ଼ିଶା ନଜୱାନ ୟୁନିୟନ କେନ୍ଦ୍ରାପଡ଼ା ଶାଖା ତରଫରୁ ବାଲିଆ ବାଣ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ମଙ୍ଗଳବାର ୟୁନିୟନର ରାଜ୍ୟ କାର୍ଯ୍ୟକାରୀ ସଭାପତି ମିର୍ ଅମିରଙ୍କ ନେତୃତ୍ୱରେ ବରିଷ୍ଠ ଉପଦେଷ୍ଟା ସେକ ଲିଆକତ ଅଲ୍ଲୀଙ୍କ ସମେତ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣାଙ୍କୁ ଭେଟି ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଓ ଆହତମାନଙ୍କୁ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବା ପାଇଁ ସଂଘ ତରଫରୁ ଦାବି କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଅବରାର ହସରତ ଖାନ, ମହମ୍ମଦ ଅସାହାବୁଲ ହକ, ସେକ ନିୟାଜୁଦ୍ଦିନ, ରଶ୍ମି ରଞ୍ଜନ ମହାପାତ୍ର, ନଇମଖାନ, ସେକ ଜୁନେଦ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଦାବିପତ୍ରର ଏକକିତା ନକଲ ସାଂସଦ ଓ କେନ୍ଦ୍ରାପଡ଼ା ବିଧାୟକଙ୍କୁ ମଧ ପ୍ରଦାନ କରାଯାଇଛି ।

# ଜଳେଶ୍ୱର ଜିଲ୍ଲା ଲାଗି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ସଚିବଙ୍କୁ ସ୍ମାରକପତ୍ର

ଜଳେଶ୍ୱର, ୨୯/୧୧(ନି.ପ୍ର): ରାଜ୍ୟର ଉତ୍ତର ସୀମା ଜଳେଶ୍ୱରକୁ କେନ୍ଦ୍ର କରି ଏକ ଜିଲା ପରିକଳ୍ପନା କରିଛି ସମାଜ କଲଣ୍ୟାଣ ବିକାଶ ପରିଷଦ । ଏଥିଲାଗି ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ପ୍ରମୁଖ ସଚିବ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା ଓ ରାସଗୋବିନ୍ଦପୁର ବ୍ଲକ ଓ ତହସିଲକୁ ନେଇ ଜଳେଶ୍ୱର ଜିଲାର ପରିକଳ୍ପନା କରାଯାଇଛି । ଉପରୋକ୍ତ ଅଂଚଳର ଜନସଂଖ୍ୟା ପ୍ରାୟ ୧୨ଲକ୍ଷ ହୋଇଥିବା ବେଳେ ବାଲେଶ୍ୱର ଜିଲା ମହକୁମାରୁ ଉତ୍ତର ସୀମାର ଶେଷ ଯାଏ ୧୦୦ କି.ମି ଦୂରତ୍ୱ ଦେଉଥିବା ବେଳେ ପ୍ରକୃତିକ ଦୁର୍ବିପାକ ସମୟରେ ଜନସାଧାରଣଙ୍କୁ ସୁରକ୍ଷା ଦେବାରେ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇଥାଏ । ଓଡିଶାର ଉତ୍ତର ସୀମାରେ ଥିବା ୮୨ ଗାଁ ସହିତ ପଶ୍ଚିମବଂଗର ୯୧ଟି ଗାଁ ସୀମା ବିବାଦ, ସୁବର୍ଣ୍ଣରେଖା ବାଲି ବିବାଦ, ପଶ୍ଚିମବଂଗର ଉଦ୍‌ବୃତ୍ତ ବର୍ଷାପାଣିର ସୁପରିଚାଳନା, ସମୁଦ୍ର ତଟ ସୁରକ୍ଷା, ଅବାଧ ନିଶା କାରବାର ରୋକିବା, ସୁବର୍ଣ୍ଣରେଖା ବନ୍ଦର ପ୍ରତିଷ୍ଠା, ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ୍ ନେଇ ଜଳେଶ୍ୱର ଜିଲ୍ଲା ଘୋଷଣା ଅପରିହାର୍ଯ୍ୟ ହୋଇଛି ବୋଲି ପରିଷଦ ପକ୍ଷରୁ ଦର୍ଶା ଯାଇଛି । ପର୍ଯ୍ୟଟନର ବିକାଶ ଲାଗି ରାଇବଣିଆ ଦୁର୍ଗ, ମହାଶୟ ଗଡ, ଭୂଷଣ୍ଡେଶ୍ୱର, ଚନ୍ଦନେଶ୍ୱର ମହାଦେବମନ୍ଦିର, ଡଗରା, ତାଳସାରୀ ଓ ଉଦୟପୁରର ବିସ୍ତର୍ଣ୍ଣ ବେଳାଭୂମୀର ସୁରକ୍ଷା ଇତ୍ୟାଦି ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଲାଗି ସ୍ମାରକପତ୍ରରେ ଦର୍ଶା ଯାଇଛି । ଜିଲା ଘୋଷଣା ପରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, କୃଷିର ବିକାଶ ସହିତ ଅପରାଧ ନିୟନ୍ତ୍ରଣ ସୁଚାରୁରୂପେ ହୋଇ ପାରିବ ବୋଲି ଉଲ୍ଲେଖ କରାଯାଇଛି । ଏ ସଂପର୍କରେ ଆଜି ପରିଷଦ ପକ୍ଷରୁ କାର୍ଯ୍ୟକାରୀ ସଭାପତି ଡ. ରମାକାନ୍ତ ଭଂଜ, ସଂପାଦକ ରାମଚନ୍ଦ୍ର ଜେନା, ଶରତ ଚନ୍ଦ୍ର ପରିଡା, ଡ. ଅଜିତ୍ ମହାନ୍ତି, ମୂରଲୀମୋହନ ପ୍ରଧାନ, ଇଂ ରାମଚନ୍ଦ୍ର ସାହୁ, ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ସିଦ୍ଧେଶ୍ୱର ପଣ୍ଡା, ଜିତାରାମ ଦେ, ଆଦିତ୍ୟ ନାରାୟଣ ପାତ୍ର, ରବିନ୍ଦ୍ର ପାତ୍ର, ଅବନୀ ଚାନ୍ଦ, ରବିନାରାୟଣ ପାତ୍ର ଓ ଦୁର୍ଗାଶଂକର ଗିରି ପ୍ରମୁଖ ଉପସ୍ଥିତ ରହି ଜଳେଶ୍ୱର ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ବଉଳଗଡ଼ିଆ ଅଂଚଳରେ ଚାଲିଛି ବେଧଡ଼କ ମୋରମ ଚାଲାଣ

ନୀଳଗିରି, ୨୯/୧୧ (ନି.ପ୍ର): କିଛିଦିନ ଧରି ନୀଳଗିରି ବଉଳଗଡ଼ିଆ ଅଂଚଳରେ ଚୋରାରେ ଖୁଲମଖୋଲା ପ୍ରତିଦିନ ଟ୍ରିପଟ୍ରିପ୍ ମୋରମ ଚାଲାଣ କରାଯାଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ରାତି ଅଧିଆ ଚଢ଼ାଉ କରି ବେଆଇନ ମୋରମ ଡମ୍ପରରୁ ୫୦ହଜାର ଟଙ୍କା ଜୋରିମାନା ଆଦାୟ କରିଛନ୍ତି । ବଉଳଗଡ଼ିଆ ଅଂଚଳରୁ ପ୍ରତିଦିନ ଟ୍ରିପ ଟ୍ରିପ ମୋରମ ଚୋରା ଚାଲାଣ ହେଉଥିବା ବେଳେ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ ହେଉଛି । ନୀଳଗିରି ତହସିଲଦାରଙ୍କ ରାତିଅଧିଆ ଚଢ଼ାଉ ଦେଖି ମୋରମ ମାଫିଆଙ୍କ ନିଦ ହଜି ଯାଇଛି । ଏହି ଚଢ଼ାଉରେ ସନ୍ତରାଗଡ଼ିଆ ଆର.ଆ.ଇ. ମିଥୁନ କୁମାର ସେଠୀ ସାମିଲ ଥିଲେ । ତହସିଲଦାରଙ୍କ ଏଭଳି ଚଢ଼ାଉକୁ ସାଧାରଣରେ ପ୍ରଶଂସା କରାଯାଉଛି ।

## ସିପିଆଇଏମ୍ ନେତା ଅଲ୍ଲି ଅହମ୍ମଦ ଖାନଙ୍କ ବିୟୋଗରେ ଶୋକ

ଜଳେଶ୍ୱର, ୨୯/୧୧(ନି.ପ୍ର): ଜଳେଶ୍ୱର ପୌରପାଳିକାର ୧ନଂ ୱାର୍ଡର ସିପିଆଇଏମ୍‌ର ନେତୃସ୍ଥାନୀୟ ବ୍ୟକ୍ତି ଅଲ୍ଲି ଅହମ୍ମଦ ଖାଁ (୬୭)ଙ୍କର ପରଲୋକ ହୋଇଛି । ସୋମବାର ରାତି ୩ଟାରେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ବେଳେ ମୃତ୍ୟୁ ଶର୍ଯ୍ୟାନିକଟରେ ସ୍ତ୍ରୀ ମୁମୁତାଜ ବିବି, ପୁଅ ଆୟୁବ ଖାଁ, ଆଖତାର ଖାଁ, ମୁକ୍ତାର ଖାଁ, ଝିଅ ୟାସିନ୍ ଖାତୁନ, ଜ୍ୱାଇଁ ମହମ୍ମଦ ଆରିଫ ଖାଁ ଓ ପରିବାରବର୍ଗ ଉପସ୍ଥିତ ଥିଲେ । ସେ କୋଲକତା ଝୋଟ ମିଲରୁ ଅବସରନେବାପରେ ସେ ସକ୍ରିୟ ସିପିଆଇଏମ୍‌ର ଦକ୍ଷ ସଂଗଠକ, ସମାଜସେବୀ ଅମାୟିକ ବ୍ୟର୍ତ୍ର ଅଧିକାରୀ ଥିଲେ । ସେ କିଛିଦିନ ଧରି ପକ୍ଷାଘାତ ରୋଗରେ ପିଡିତ ଥିଲେ । ତାଙ୍କ ମୃତ୍ୟୁରେ ଆଇନ୍‌ଜିବୀ ଜିତାଂଶୁ ନନ୍ଦି, ଦିଲ୍ଲିପ ଗିରି, ଦିପ୍ତିମାନ ଆଚାର୍ଯ୍ୟ, ରବିନ୍ଦ୍ର ବାରିକ, ଜୀବନ ପରିଡା ପ୍ରମୁଖ ଶେଷ ଦର୍ଶନ କରିଥିଲେ ।

## ପାଚିକା ସହାୟିକା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, ୨୯/୧୧ (ନି.ପ୍ର): ନିଖିଳ ଓଡ଼ିଶା ମଧାହ୍ନ ଭୋଜନ ପାଚିକା ସହାୟିକା ସଂଘର କେନ୍ଦ୍ରାପଡ଼ା ୟୁନିଟ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ୧୩ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ସଂଘ ପକ୍ଷରୁ କରାଯାଇ ଥିବା ଦାବିଗୁଡ଼ିକ ମଧ୍ୟରେ ପ୍ରତି ମାସରେ ମିଳୁଥିବା ମାସିକ ଦରମା ବୃଦ୍ଧି କରିବା, ବକେୟା ଅର୍ଥ ପ୍ରଦାନ, ବର୍ଷକ ୧୨ ମାସର ପ୍ରାପ୍ୟ ପ୍ରଦାନ, ସର୍ବନିମ୍ନ ପେନଶନ ଦେବା, ସ୍କୁଲ ମିଶ୍ରଣରେ ବାଦ ପଡ଼ିଥିବା ପାଚିକାମାନଙ୍କୁ ନିକଟବର୍ତ୍ତୀ ବିଦ୍ୟାଳୟ ରେ ଥଇଥାନ କରିବା, ସରକାର ଘୋଷଣା କରିଥିବା ଶାଢ଼ୀ ପାଇଁ ଏକ ହଜାର ଟଙ୍କା ପ୍ରଦାନ କରିବା ଆଦି ଦାବିଗୁଡ଼ିକ ରହିଛି । ସଂଘର ଉପଦେଷ୍ଟା ରମଣୀ ରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ଭଜହରି ପ୍ରଧାନ, ଅକ୍ଷୟ କୁମାର ସେଠୀ, ସଂଜୟ କୁମାର ବସନ୍ତିଆ, ସୁହାନା ବେଗମ, ସୌଭାଗିନୀ ପତି, ଗଜେନ୍ଦ୍ର ନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପଦ୍ମପୁରରେ ଧର୍ମେନ୍ଦ୍ରଙ୍କ .....

ଯାହା କରିଥିଲେ । ଏଇ ୧୮ ମାସରେ କଳବଳ କୌଶଳ ପଇସା ଲଗେଇ ନିର୍ବାଚନ ଲଢ଼େଇ କରିବାକୁ ଆସିଛନ୍ତି । ଉପ ନିର୍ବାଚନରେ ଚାଷୀ ସମସ୍ୟା ପ୍ରମୁଖ ପ୍ରସଙ୍ଗ ପାଲଟିଥିବାବେଳେ ଧର୍ମେନ୍ଦ୍ର ସିଧାସଳଖ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ଦୋଷ ଦେଇଛନ୍ତି । ଧାନ ମଣ୍ଡି ଅବ୍ୟବସ୍ଥା କଥା ଉଠାଇ ବର୍ଷିଛନ୍ତି । କହିଛନ୍ତି, ମିଲର ସହ ରାଜ୍ୟ ସରକାରଙ୍କ ମଧୁଚନ୍ଦ୍ରିକାର ଜବାବ ଦେବେ ପଦ୍ମପୁରବାସୀ । ସେହିପରି ଦାଦନ ପ୍ରସଙ୍ଗ ଉଠାଇ ବର୍ଷିଛନ୍ତି ଧର୍ମେନ୍ଦ୍ର । ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍ଗ ମଧ ଟାର୍ଗେଟ କରି କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗ ପଛେ ଉବୁଟୁବୁ ହେଉ କିନ୍ତୁ ମନ୍ତ୍ରୀ ତାଙ୍କ କାନ୍ଧରେ ଟଙ୍କା ମୁଣି ପକାଇ ପଦ୍ମପୁରରେ ଡେରା ପକାଇଛନ୍ତି । ଜବାବ ରଖି ଧର୍ମେନ୍ଦ୍ରଙ୍କ ଉପରେ ପାଲଟା ବର୍ଷିଛି ବିଜେଡି । ଧର୍ମେନ୍ଦ୍ର ପ୍ରଧାନ ପ୍ରଦୀପ ପୁରୋହିତଙ୍କ ସହ ରୋଡ ଶୋ କରୁଥିବାବେଳେ ଦେଖିବାକୁ ମିଳିଥିଲା ଏକ ଭାବବିହ୍ୱଳ କଲା ଭଳି ଦୃଶ୍ୟ । ଧର୍ମେନ୍ଦ୍ରଙ୍କ ସହ ଯିବାବେଳେ ହଜାର ହଜାର ଲୋକଙ୍କ ଆଗରେ ଭୋ ଭୋ କାନ୍ଦିଥିଲେ ପ୍ରଦୀପ ପୁରୋହିତ । ତା ପରେ ଜନସଭାରେ ପ୍ରଦୀପ ପୁରୋହିତଙ୍କୁ ଢ଼େର ପ୍ରଶଂସା କରିଥିଲେ ଧର୍ମେନ୍ଦ୍ର ପ୍ରଧାନ । ଆଉ ତାଙ୍କ ପାଇଁ ଭୋଟ ମାଗିଥିଲେ । ଏସବୁ ଭିତରେ କିନ୍ତୁ ବିଜେଡି ପ୍ରାର୍ଥୀ ବର୍ଷା ବିଜୟୀ ହେବେ ବୋଲି ଦୃଢ଼ୋକ୍ତି ଦେଖାଇବା ସହ ଧର୍ମେନ୍ଦ୍ରଙ୍କୁ ଖୋଲା ଚାଲେଞ୍ଜ ଦେଇଛନ୍ତି ବିଜେଡି ବିଧାୟକ ସୁଶାନ୍ତ ସିଂ । ଧର୍ମେନ୍ଦ୍ର ପ୍ରଧାନ ପଦ୍ମପୁର ନିର୍ବାଚନମଣ୍ଡଳୀରେ ତିନି ଦିନ ଧରି ଦଳୀୟ ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପାଇଁ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି । ତେଣୁ ଆଗକୁ ଏହି ପ୍ରଚାର ଆହୁରି ସରଗରମ ହେବ ବୋଲି ଚର୍ଚ୍ଚା ହେଉଛି ।

## ଫିଲ୍ମ ପ୍ରଯୋଜକ ପ୍ରମୋଦ....

କାରବାର ହୋଇଥିଲା ତାର ଖିଅ ଖୋଜୁଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ସବୁଠୁ ବଡ଼ କଥା ହେଲା ଅର୍ଚ୍ଚନାଙ୍କ ପରେ ସମାନ ଘରେ ରହୁଥିଲେ ଶ୍ରଦ୍ଧାଞ୍ଜଳି । ଏହା ସଂଯୋଗ ଥିଲା ନା ଉଦ୍ଦେଶ୍ୟମୂଳକ ଥିଲା ତାହାର ତଦନ୍ତ କରୁଛି ଇଡି । ଏସବୁ ଭିତରେ ସାମନାକୁ ଆସିଛି ୨୦୧୭ ମସିହାର ପ୍ରମୋଦଙ୍କ ବିରୋଧରେ ଅର୍ଚ୍ଚନା ଦେଇଥିବା ଏଫଆଇଆର କପି । ଏହି ଏଫଆଇଆର କପି ୨୦୧୭ରେ ପ୍ରମୋଦଙ୍କ ବିରୋଧରେ ଦେଇଥିଲେ ଅର୍ଚ୍ଚନା । ଏତଲାରେ ଅର୍ଚ୍ଚନା ଅଭିଯୋଗ କରିଥିଲେ, ପ୍ରମୋଦ ତାଙ୍କୁ ଫିଲ୍ମରେ ଅଭିନୟ କରିବାର ସୁଯୋଗ ଦେବାକୁ କହି ଲୋଭ ଦେଖାଇଥିଲେ । ମାସିକ ଦରମା ସହ ଘର ଦେବାକୁ କହିଥିଲେ । ତାପରେ ସୁଯୋଗ ଦେଖି ତାଙ୍କ ବାସଭବନରେ ଚା'ରେ କିଛି ନିଶାଦ୍ରବ୍ୟ ମିଶାଇ ତାଙ୍କର ନ୍ୟୁଡ ଫଟୋ ଓ ଭିଡିଓ କରିଥିଲେ । ଯାହାକୁ ଦେଖାଇ ବାରମ୍ବାର ତାଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ । ଏପରିକି ସେ ଗର୍ଭବତୀ ଥିବା ସମୟରେ ମଧ ତାଙ୍କ ସହ ସମ୍ପର୍କ ରଖିବାକୁ ବାଧ କରିଥିଲେ । ତେବେ ଅର୍ଚ୍ଚନା ଥାନାରେ ଅଭିଯୋଗ କରିବା ପୂର୍ବରୁ, ଭଡା ଦେଉନଥିବା ଅଭିଯୋଗ ଆଣି ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ ପ୍ରମୋଦ । ଏବେ ପ୍ରଶ୍ନ ଉଠୁଛି ପ୍ରମୋଦଙ୍କ ସହ ଅର୍ଚ୍ଚନାଙ୍କ ବିବାଦ ପରେ ଶ୍ରଦ୍ଧାଞ୍ଜଳି ଆସି ପୁଣି ସେହି ଘରେ ରହିଲେ କେମିତି ? ଶ୍ରଦ୍ଧାଞ୍ଜଳିଙ୍କ ସହ ଅର୍ଚ୍ଚନାଙ୍କ ସମ୍ପର୍କ ବଢ଼ିବା କଥା ଜାଣି ଥିଲେ କି ନାହିଁ ପ୍ରମୋଦ ? ସେ ଅର୍ଚ୍ଚନାଙ୍କୁ କାହିଁକି ଦେଇଥିଲେ ଟଙ୍କା ?

## ମିଶନ ଶକ୍ତି ମା' ମାନଙ୍କୁ ୩ ଲକ୍ଷ....

ମୁଖ୍ୟମନ୍ତ୍ରୀ କହିଥିଲେ। ଏହାସହିତ ଗତ ୫ ବର୍ଷରେ ମିଶନ ଶକ୍ତି ମା ମାନଙ୍କୁ ୧୭ ହଜାର କୋଟିରୁ ଅଧିକ ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ବର୍ତମାନ ଆମର ମିଶନ ଶକ୍ତି ମା ମାନଙ୍କୁ ଉତ୍ସାହିତ କରିବାପାଇଁ ଓଡିଶା ସରକାର ବିନା ସୁଧରେ, ଶୂନ୍ୟ ସୁଧ ରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସୁବିଧା ଯୋଗାଇ ଦେଉଛନ୍ତି ବୋଲି ପ୍ରକାଶ କରି ସେ କହିଥିଲେ ଯେ ଏହି କାର୍ଯ୍ୟକ୍ରମରେ ଚାରି ଲକ୍ଷ ଏସଏଚଜି ଗ୍ରୁପର ବ୍ୟାଙ୍କ ଖାତାକୁ ରାଜ୍ୟ ସରକାର ୫୦୦ କୋଟି ଟଙ୍କାର ସୁଧ ଫେରାଇଛନ୍ତି। ମହିଳା ସଶକ୍ତିକରଣ ଦିଗରେ ମିଶନ ଶକ୍ତି ଏକ ଅଭିନବ ଉଦ୍ୟମ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ୭୦ ଲକ୍ଷ ମା ମାନଙ୍କୁ ୬ ଲକ୍ଷ ସେଲ୍ଫ ହେଲ୍ପ ଗ୍ରୁପ ଜରିଆରେ ଏହା ଏକାଠି କରିପାରିଛି। ଏହି ଆନ୍ଦୋଳନକୁ ଆହୁରି ଆଗକୁ ନେବା ପାଇଁ ତାଙ୍କ ସରକାର ସ୍ୱତନ୍ତ୍ର ଭାବରେ ମିଶନ ଶକ୍ତି ବିଭାଗ ଗଠନ କରିଛନ୍ତି ଏବଂ ସବୁ ୫ଟିଏ କାର୍ଯ୍ୟକ୍ରମ ଏହି ବିଭାଗ ଜରିଆରେ ହିଁ କାର୍ଯ୍ୟକାରୀ କରାଯାଉଛି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ ୨୦୨୦ ଜୁନ୍ ୧ ତାରିଖରେ ମିଶନ ଶକ୍ତି ବିଭାଗ ପ୍ରତିଷ୍ଠା କରାଯାଇ ରାଜ୍ୟର ସବୁ ଏସ୍.ଏଚ.ଜି କାର୍ଯ୍ୟକ୍ରମକୁ ଗୋଟିଏ ବିଭାଗ ଅଧୀନରେ ରଖାଯାଇଥିଲା।

## ଶିକ୍ଷକ ମାନଙ୍କ ପ୍ରସଙ୍ଗରେ....

ମଧ ଭାଗକୁ ଆସି ହଟ୍ଟଗୋଳ କରିଥିଲେ । ବାଚସ୍ପତି ସେମାନଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ଯେ ସେମାନେ ନିଜ ନିଜ ଆସନକୁ ଯାଆନ୍ତୁ । ଶୂନ୍ୟକାଳରେ ସେମାନେ ଏହି ପ୍ରସଙ୍ଗ ଉଠାଇ ପାରିବେ । ବର୍ତମାନ ଗୃହକାର୍ଯ୍ୟକୁ ବାଧିତ କରନ୍ତୁ ନାହିଁ । ହେଲେ ବାଚସ୍ପତିଙ୍କ ଏହି ଅନୁରୋଧର ତାଙ୍କ ଉପରେ କୌଣସି ପ୍ରଭାବ ପଡି ନ ଥିଲା । ସେମାନେ ହଟ୍ଟଗୋଳ ଓ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରାବାଜୀ ଜାରୀ ରଖିଥିଲେ । ଅନ୍ୟ ପକ୍ଷରେ ମନ୍ତ୍ରୀ ଯାହା ଉତର ଦେଇଥିଲେ ତାହା ହଟ୍ଟଗୋଳ କାରଣରୁ ପ୍ରେସ ଗ୍ୟାଲେରୀକୁ ଶୁଣା ଯାଇ ନ ଥିଲା । ହଟ୍ଟଗୋଳ କମ ନ ହେବାରୁ ଅଚଳାବସ୍ଥାକୁ ଏଡାଇବାକୁ ଯାଇ ବାଚସ୍ପତି ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

# ରୋଗୀସେବା ପାଇଁ ଉତ୍ସର୍ଗ ଥିଲା ଡାକ୍ତର ରାଜକିଶୋର ସାହୁଙ୍କ ପ୍ରାଣ

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ଓଡ଼ିଶା ବିଧାନସଭାର ଭୂତପୂର୍ବ ଚିକିତ୍ସା ଅଧିକାରୀ ଡାକ୍ତର ରାଜକିଶୋର ସାହୁଙ୍କର ପ୍ରାଣ ରୋଗୀସେବା ପାଇଁ ସମର୍ପିତ ଥିଲା ଏବଂ ଜୀବନରେ ବହୁ ଅର୍ଥ ଉପାର୍ଜନ କରିଥିଲେ ମଧ ତାଙ୍କର ଆୟର ବହୁଳ ଭାଗ ଲୋକଙ୍କ ଅଗୋଚରରେ ଜନସେବାରେ ବ୍ୟୟ କରିଥିଲେ ବୋଲି ରାଜକିଶୋର ସାହୁ ସ୍ମୃତି ସଭାରେ ବକ୍ତାମାନେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ୧୯୭୧ ମସିହାରେ ଭାରତ ପାକିସ୍ତାନ ଯୁଦ୍ଧ ସମୟରେ ଭାରତୀୟ ସେନାର ଡାକ୍ତର ଓ ଯୁଦ୍ଧ ଶେଷ ବେଳକୁ ରେଡକ୍ରସ୍ ଡାକ୍ତର ଭାବେ ଆହତ ଜବାନମାନଙ୍କ ସେବାରେ ନିୟୋଜିତ ଥିଲେ । ପାକିସ୍ତାନ ସେନାର ଆତ୍ମସମର୍ପଣ ଓ ବାଂଲାଦେଶ ଜନ୍ମ ବେଳେ ସୁଦୂର ସୀମାନ୍ତ ମଣିପୁର, ନାଗାଲାଣ୍ଡରେ କର୍ମରତ ଥିଲେ । ପେଷାଗତ ଭାବେ ଡାକ୍ତର ଥିଲେ ମଧ ନିଶାରେ ଚାଷୀ ପାଲଟି ଯାଇଥିଲେ ଓ ଚଣ୍ଡୀଖୋଲାସ୍ଥ ଛତିଆ ପାଖରେ ନିଜର ଫାର୍ମ ପ୍ରତିଷ୍ଠା କରିଛନ୍ତି । ଯୁଦ୍ଧର ଦଶବର୍ଷ ପରେ କଳାହାଣ୍ଡିର କେସିଙ୍ଗା, ନୟାଗଡ଼ ଓ ବାଙ୍କୀ ଉପଖଣ୍ଡ ଡାକ୍ତରଖାନା, କ୍ୟାପିଟାଲ୍ ହସ୍ପିଟାଲ୍ ଓ ବିଧାନସଭାର ମେଡିକାଲ୍ ଅଫିସର ଭାବେ ଦାୟୀତ୍ୱ ନିଭାଇଥିଲେ । ଜୀବନର ଶେଷ ପର୍ଯ୍ୟନ୍ତ ମାର୍କେଟ୍ ବିଲଡିଙ୍ଗ୍, ପୁରୁଣା ବସ୍‌ଷ୍ଟାଣ୍ଡ, ଦୁଇ ନମ୍ବର ଉଠା ବ୍ୟବସାୟୀଙ୍କ ସମେତ ଗରିବ ଗ୍ରାମା ଳର ଲୋକଙ୍କ ପାଇଁ ସେବା ପ୍ରଦାନ କରୁଥିଲେ । ବାଲ୍ୟବନ୍ଧୁ ଡକ୍ଟର ପୂର୍ଣ୍ଣଚନ୍ଦ୍ର ରଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଚିର ଅବିବାହିତ ଡକ୍ଟର ସାହୁଙ୍କର ମାନସ ପୁତ୍ର ଜୀବନ ରଂଜନ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ସଚେତକ ତଥା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ ମହାନ୍ତି, ବନ୍ଧୁ ତଥା ଚିନ୍ତା ଓ ଚେତନାର ସମ୍ପାଦକ ସୁରେନ୍ଦ୍ର ଦାସ, ଆଇନଜୀବୀ ବନବିହାରୀ ମହାନ୍ତି, ମୁଖ୍ୟମନ୍ତ୍ରୀଙ୍କ ଲୋକସମ୍ପର୍କ ଅଧିକାରୀ ଚି ରଂଜନ ପତି, ମହେଶ୍ୱର ମିଶ୍ର, ପ୍ରିୟବ୍ରତ କର, ଅଶୋକ ସାହୁ, ଶିଶିର ମହାପାତ୍ର, ପ୍ରମୋଦ ସାମନ୍ତରାୟ, ଦୀପକ ମୋଦି, ପରମେଶ୍ୱର ପଟ୍ଟନାୟକ, ଓମ୍‌ପ୍ରକାଶ ଶାହା, ନିରଞ୍ଜନ ସାହୁ, ଦିବ୍ୟଲୋକ ପଟ୍ଟନାୟକ, ମଧୁମିତା ନାଥ, ଯଶୋବନ୍ତ ପଟ୍ଟନାୟକ, ନାରାୟଣ ସାହୁ, ଶିଳାଭଦ୍ର ଶାସ୍ତ୍ରୀ, ପାର୍ଥ ପଟ୍ଟନାୟକ, ମନୋରଂଜନ ସ୍ୱାଇଁ, ରବି ବାରିକ, ସୁରେଶ ମହାରଣା, ପୁତୁରା ଶେଖର, ସାଗର, ଦେବାଶିଷ, ଭଣଜା ଦେବୀପ୍ରସାଦ ପୃଷ୍ଟି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଜୀବନ ରଂଜନ ସ୍ୱାଇଁ ପରିଚାଳନା କରିଥିଲେ । ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପୂର୍ବତନ ଏମ୍.ପି. ବାଳଗୋପାଳ ମିଶ୍ର ପ୍ରମୁଖ ଶୋକବାର୍ତ୍ତା ପଠାଇଥିଲେ ।

# ପ୍ରଚାର ସମିତିର ସ୍ୱନକ୍ଷତ୍ର ଉତ୍ସବ ତିହିଡି ବ୍ଲକରେ ପାଳିତ

ଭଦ୍ରକ, ୨୯/୧୧ (ନି.ପ୍ର): ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଏକ ବୈଠକ ସ୍ଥାନୀୟ ଶ୍ରୀ ବାଳଗୋପାଳ ମନ୍ଦିର ପ୍ରାଙ୍ଗଣରେ ସମିତିର ମୁଖ୍ୟ ପରିଚାଳକ ପ: ଭାଗୀରଥି ନନ୍ଦ ଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଚାର ସମିତିର ସ୍ୱନକ୍ଷତ୍ର ଉତ୍ସବ ତିହିଡି ବ୍ଲକସ୍ଥ ଖେରଙ୍ଗ ଖଡିଜାଆଁଳ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ଆପାତତ୍ ପାଳିତ ହେବାକୁ ସ୍ଥିର କରାଯାଇଛି। ଯେହେତୁ ଆମ ପଞ୍ଜିକୃତ ବିଧିବିଧାନରେ ଏହା ଶ୍ରୀ ଜଗନ୍ନାଥଙ୍କ ତଥ୍ୟ, ତତ୍ତ୍ୱ, ଦର୍ଶନ ଓ ସାମାଜିକ ଚେତନା ଭ୍ରାମ୍ୟମାଣ ଆଧାତ୍ମିକ ସଂଗଠନ ଭାବରେ ଲିପିବଦ୍ଧ ହୋଇଛି। ଏହା ୧୯୯୯-୨୦୦୦ ଜାନୁଆରୀ ପହିଲାରେ ଭଦ୍ରକ ବ୍ଲକସ୍ଥ ଶ୍ରୀ ହରିବୋଲ କ୍ଷେତ୍ର କେଶପୁର ଗ୍ରାମଠାରେ ଜନ୍ମ ଲାଭ କରିଥିଲା। ଏଥିରେ ଶ୍ରୀ ଜଗନ୍ନାଥଙ୍କ ଷୋଡଶ ଉପଚାର ପୂଜା, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ସହିତ ଶ୍ରୀ ଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହଙ୍କ ଉଦ୍ଦେଶ୍ୟରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ପ୍ରଚଳିତ ପରମ୍ପରାନୁଯାୟୀ ଏହି ପୂଜା ସମେତ ନେତ ଉଡାଣ ଉତ୍ସବ ଓ ଆଧାତ୍ମିକ ସାଧାରଣ ସଭା ଅନୁଷ୍ଠିତ ହୋଇଥାଏ। ଏହି ସବୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ବାର୍ଷିକ ଅଧିବେଶନ ଆସନ୍ତା ପଣାସଂକ୍ରାନ୍ତି ଏପ୍ରିଲ ମାସ ୧୪ତାରିଖରେ ହେବାକୁ ସ୍ଥିର କରାଯାଇଛି। ସମିତିର ବାର୍ଷିକ ମୁଖପତ୍ର 'ନୀଳକନ୍ଦର' ପତ୍ରିକା ମଧ ଏହି ଅବସରରେ ଲୋକାର୍ପଣ କରାଯିବାକୁ ସ୍ଥିର କରାଯାଇଛି। ଯେହେତୁ ଏହା ଭାରତୀୟ ସଂସ୍କୃତିର ବର୍ଷ ଆରମ୍ଭ ବୋଲି ଗ୍ରହଣ କରାଯାଉଛି। ଏହି ଜନ୍ମ ନକ୍ଷତ୍ର ଦିବସକୁ "ବିଶ୍ୱ ଭାତୃତ୍ୱ ଦିବସ" ଭାବରେ ପାଳନ କରାଯିବାକୁ ମଧ ସ୍ଥିର କରାଯାଇଛି। ଏହି ବୈଠକରେ ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ, ଆବାହକ ନାରାୟଣ ଚନ୍ଦ୍ର ପ୍ରଧାନ, ସନେଇ ଶିଅଳ, ପ୍ରଶାନ୍ତ କୁମାଦେ, ଡ. ପ୍ରତାପ ଚନ୍ଦ୍ର ପଣ୍ଡା, କାହ୍ନୁ ଚରଣ ଦାସ, ଲକ୍ଷ୍ମୀଧର ଖଟୁଆ, କମଳା କାନ୍ତ ମଲ୍ଲିକ, ସୁରେନ୍ଦ୍ର କୁମାର ସାହୁ, ଗୀତାରାଣୀ ମହାନ୍ତି, ସୁଜାତା ମହାପାତ୍ର ପ୍ରମୁଖ ବହୁ ସେବକ ଯୋଗଦାନ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ବରିଷ୍ଠ ବାମପନ୍ଥୀ ନେତା ଦାମୋଦର ସେନାପତିଙ୍କ ପରଲୋକ

ଭଦ୍ରକ, ୨୯/୧୧ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକର ଦୋଳସାହି ପ ାୟତ ଅଧିନ ରାଢଙ୍ଗ ଗାଁର ବରିଷ୍ଠ ବାମପନ୍ଥୀ ନେତା ଦାମୋଦର ସେନାପତି (୭୦)ଙ୍କର ସୋମବାର ପରଲୋକ ହୋଇ ଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ ମୁକ୍ତିକାନ୍ତ ଓ ଚନ୍ଦନ ଉପସ୍ଥିତ ଥିଲେ। କିଛିଦିନ ହେବ ସେ ଅସୁସ୍ଥ ଥିଲେ। ରବିବାର ତାଙ୍କୁ ଚିକିତ୍ସା ପାଇଁ କଟକ ମେଡିକାଲରେ ଭ ର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସୋମବାର ମୃତ୍ୟୁ ହୋଇ ଯାଇଥିଲା। ସ୍ୱର୍ଗତ ସେନାପତି ଛାତ୍ର ଜୀବନରୁ ଅଖିଳ ଭାରତ ଛାତ୍ର ସଂଗଠନରେ ସଂଗ୍ରାମ ଆରମ୍ଭ କରିଥିଲେ। ପରର୍ବ ସମୟରେ ସିପିଆଇ ସଂଗଠନରେ ବିଭିନ୍ନ ପଦପଦବୀରେ ରହି ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଏବଂ ଗରିବ ଅସହାୟ ଲୋକଙ୍କ ଦାବି ପ୍ରସଙ୍ଗରେ ସରକାରଙ୍କ ସହ ଲଢେଇ କରି ଆସୁଥିଲେ। ଦାମୋଦର ସିପିଆଇ ପୂର୍ବତନ ଜିଲ୍ଲା ସମ୍ପାଦକ ତଥା ବର୍ତ୍ତମା ଅଖିଳ ଭାରତ କୃଷକ ସଭାର ଜିଲ୍ଲା ପରିଷଦ ସଭ୍ୟ ଭାବେ କାର୍ଯ୍ୟ କରୁଥିଲେ। ବାମପନ୍ଥୀରେ ଦିର୍ଘ ୪୫ ବର୍ଷ କାମ କରି ଭଦ୍ରକ ଜିଲ୍ଲା ସମେତ ରାଜ୍ୟ ସ୍ତରରେ ନିଜର ପରିଚୟ ସୃଷ୍ଟି କରି ପରିଥିଲେ। ତାଙ୍କ ଆବର୍ତ୍ତମାନରେ ଦଳର ଅପୂରଣୀୟ କ୍ଷତି ହୋଇଥିବା କୁହା ଯାଇଛି। ଜିଲ୍ଲା ସମ୍ପାଦକ ଶୁଭେନ୍ଦୁ ପ୍ରତାପ ମହାନ୍ତି, ଅନନ୍ତ ମହାନ୍ତି, ବିଦ୍ୟାଧର ବାରିକ ଓ ଜୟ ପ୍ରକାଶ ମହାନ୍ତି ପ୍ରମୁଖ ରାଢଙ୍ଗ ବାସଭବନରେ ତାଙ୍କର ଶେଷ ଦର୍ଶନ କରି ମର ଶରୀରରେ ଲାଲ ପତାକା ଅର୍ପଣ କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ସେହିପରି ରାଜ୍ୟ ସମ୍ପାଦକ ଅଭୟ ସାହୁ ଦିବଗଂତ ସେନାପତିଙ୍କ ଉଦ୍ଦେଶ୍ୟରେ ଶୋକ ବର୍ତ୍ତା ପ୍ରଦାନ କରିଛନ୍ତି। ଦାମୋଦରଙ୍କ ଏପରି ଆକସ୍ମିକ ମୃତ୍ୟୁରେ ସ୍ଥାନୀୟ ଅ ଳରେ ଶୋକର ଛାୟା ଖେଳି ଯାଇଛି। ସିପିଆଇଏମଏଲ ଜିଲା ସମ୍ପାଦକ ସମର ବଳ, ଅଖିଳ ଭାରତ ପ୍ରଗତିଶୀଳ ମହିଳା ସମିତିର ରାଜ୍ୟ ସମ୍ପାଦିକା ଜୟନ୍ତୀ ବିଶ୍ୱାଳ, ସନୁ ଚରଣ ବିଶ୍ୱାଳ, ରବିନ୍ ବାରିକ, ସିପିଆଏମର ସମ୍ପାଦକ ବିଷ୍ଣୁ ଚରଣ ଦାଶ, ବାମପନ୍ଥୀ ନେତା ନାରାୟଣ ଦାଶ, ପ୍ରଫୁଲ୍ଲ ପାଢ଼ୀ, ନିର୍ମଳ ଦଳେଇ, ସତ୍ୟବ୍ରତ କୁଣ୍ଡ, ଗୟାଧର ସେଠୀ, ଦିଲୀପ ନାଥ, ଭାଗବତ ସେନାପତି, ମଳୟ ଭୋଇ, ବିକାଶ ନାଥ ପ୍ରମୁଖ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସର୍ବାଧିକ ଫଟୋ ସଂଗ୍ରହରେ ରେକର୍ଡ ଓ ପୁରସ୍କୃତ

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ଭୁବନେଶ୍ୱର, ବାଲକାଟି ରଥଜେମା ଗ୍ରାମର ଦିଲ୍ଲୀପ କୁମାର ସାହୁ ବାସ୍ତବରେ ଜଣେ ନିଆରା ସଂଗ୍ରାହକ ଓ ଜଣେ ନିଆରା ମଣିଷ ମଧ । ଖବରକାଗଜରୁ ଦେଶ ବା ରାଜ୍ୟର ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଫଟୋ ସବୁକୁ ସେ ନିୟମିତ ଭାବରେ ସଂଗ୍ରହର କରି ରଖିଥାନ୍ତି । ଆମ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କର ଅନେକ ଫଟୋକୁ ସେ ନିଜ ଫାଇଲ୍‌ରେ ସାଇତି କରି ରଖିଛନ୍ତି । ଅନେକ କ୍ରିକେଟ୍ ଖେଳାଳିଙ୍କ ଫଟୋକୁ ମଧ ସେ ସଂଗ୍ରହ କରି ରଖିଛନ୍ତି । ଆଜିକୁ ଦୀର୍ଘ ୨୦ ବର୍ଷ ତଳେ ସେ ଏହି ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଥିଲେ। ନିକଟରେ ସେ ଆମ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଦୁବାଇ ସାରେଜାସ୍ଥିତ, ବ୍ରାଭୋ ଇ ରନ୍ୟାସ୍‌ନାଲ୍ ବୁକ୍ ଅଫ୍ ଓ୍ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଛନ୍ତି । ତଥାପି ଦିଲ୍ଲୀପଙ୍କ ନିଷ୍ପାପର ଭାବରେ ନିରନ୍ତର ସଂଗ୍ରହ ଦ୍ୱାରା ଆମ ଦେଶର ପ୍ରଧାନମନ୍ତ୍ରୀଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଦିଲ୍ଲୀପ ଅନ୍ତର୍ଜାତିକ ସ୍ତରରେ ଏହି ରେକର୍ଡ କରିଛନ୍ତି । ଆମ ଦେଶର ନୂତନ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ମଧ ଦିଲ୍ଲୀପଙ୍କ ସଂଗ୍ରହକୁ ଦିଲ୍ଲୀପଙ୍କ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଲାଇକ୍ କରିଛନ୍ତି ।

## କେନ୍ଦ୍ରୀୟ ଟିମ୍‌ର କେନ୍ଦ୍ରାପଡ଼ା ଡାକ୍ତରଖାନା ପରିଦର୍ଶନ

କେନ୍ଦ୍ରାପଡ଼ା, ୨୯/୧୧ (ନି.ପ୍ର): ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ କେନ୍ଦ୍ରୀୟ ଟିମ୍ କେନ୍ଦ୍ରାପଡ଼ାରେ ପହଂଚି କାମଳ ରୋଗର (ଜଣ୍ଡିସ୍), ହେପାଟାଇଟିସ୍-ବି, ହେପାଟାଇସିସ୍–ସି ରୋଗର ଚିକିତ୍ସା ସମ୍ପର୍କରେ ଅନୁଧ୍ୟାନ କରିବା ସହ ଏହି ରୋଗର ଚିକିତ୍ସା ସମ୍ପର୍କରେ ପରାମର୍ଶ ଦେଇଥିବା ଜଣାପଡ଼ିଛି। କେନ୍ଦ୍ରୀୟ ଟିମ୍‌ର ଦୁଇଜଣ ଅଧିକାରୀ ଓ ରାଜ୍ୟ ଟିମ୍‌ର ଦୁଇଜଣ ଅଧିକାରୀ ମିଳିତ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଅନ୍ୟ ଡାକ୍ତରମାନଙ୍କ ସହ ବିଚାର ବିମର୍ଷ କରିଥିଲେ। ଏହି ଆଲୋଚନାରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ଡାକ୍ତର, ଏନ୍.ଏଚ୍.ଏମ୍, ପାରା ମେଡ଼ିକାଲ କର୍ମୀମାନେ ଯୋଗ ଦେଇଥିଲେ। ଜଣ୍ଡିସ ରୋଗର ଔଷଧ ସରକାରଙ୍କ ପକ୍ଷରୁ ରୋଗୀଙ୍କୁ ମାଗଣାରେ ଦିଆଯାଉଥିବାବେଳେ ରୋଗୀମାନଙ୍କର ପରୀକ୍ଷା, ନିରୀକ୍ଷା କରିବାର ପଦ୍ଧତି ବିଷୟରେ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ରୋଗୀ ଚିକିତ୍ସା ସମ୍ପର୍କରେ ଡାକ୍ତରମାନେ ଯେଉଁ ଯେଉଁ ଅସୁବିଧା ବା ଅଭାବର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଇନଚାର୍ଜ, ଡାଇଲିସିସ୍ ବିଭାଗ, ସ୍ତ୍ରୀ ରୋଗ, ପ୍ରସୂତି ବିଭାଗ ରକ୍ତ ବିଭାଗ, ଲେବର ରୁମ୍, ନର୍ସିଂ ଅଫିସର, ପାଥୋଲାବ ପ୍ରଭୃତି ବିଭାଗର ଦାୟିତ୍ୱରେ ଥିବା କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## ବାଲେଶ୍ୱରରେ ଗଡ଼ିଲା ଭୋଟର ସଚେତନତା ରଥ




ବାଲେଶ୍ୱର, ୨୯/୧୧ (ନି.ପ୍ର): ନୂତନ ଭୋଟର ପଞ୍ଜୀକରଣ ଓ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟତାଲିକା ସଂଶୋଧନ ସମ୍ପର୍କରେ ସାଧାରଣରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଭୋଟର ସଚେତନତା ରଥ ପରିକ୍ରମା ଆରମ୍ଭ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ତଥା ଜିଲା ନିର୍ବାଚନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଜିଲାପାଳ (ସାଧାରଣ) ନୀଲୁ ମହାପାତ୍ର ଓ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁଚାରୁ ବଳ ମିଳିତ ଭାବେ ପତକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲେ। ନୂତନ ଭୋଟର ଆସନ୍ତା ୨୦୨୩ ମସିହା ଅକ୍ଟୋବର ୩୧ ତାରିଖ ସୁଦ୍ଧା ୧୭ ବର୍ଷ ପୂର୍ଣ୍ଣ ହେବାକୁ ଯାଉଥିବା ଯୁବକ ଯୁବତୀଙ୍କ ପାଇଁ ଏହା ଏକ ସୁଯୋଗ ବୋଲି ଅଧିକାରୀ ଦ୍ୱୟ କହିଥିଲେ। ଏବେଠାରୁ ସମ୍ପୃକ୍ତ ଯୁବକ ଯୁବତୀମାନେ ଭୋଟର ତାଲିକାଭୁକ୍ତ ହେବା ପାଇଁ ଆବେଦନ କରିପାରିବେ। ୧୮ ବର୍ଷ ହେବାକ୍ଷଣି ସେମାନଙ୍କ ନାମ ଭୋଟର ତାଲିକାଭୁକ୍ତ ହୋଇଯିବ ବୋଲି ଦୁଇ ଅତିରିକ୍ତ ଜିଲାପାଳ ସୂଚନା ଦେଇଛନ୍ତି। ତେବେ ଏହି ରଥ ନୂତନ ଭୋଟରଙ୍କ ସମେତ ସଂଶୋଧନ ଆବେଦନକାରୀଙ୍କ ପାଇଁ ବେଶ ସହାୟକ ହେବ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଅତିରିକ୍ତ ଉପ-ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ସହକାରୀ ଜିଲ୍ଲାପାଳ ସ୍ୱାଗତିକା ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନାଙ୍କ ସମେତ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର କର୍ମଚାରମାନେ ଭୋଟର ସଚେତନତା ରଥ ପରିକ୍ରମା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି 'ଫଟୋ ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ-୨୦୨୩'ଗତ ୦୯/୧୧/୨୦୨୨ ଠାରୁ ଜାରି ରହିଥିବା ବେଳେ ଏହା ୦୮/୧୨/୨୦୨୨ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧ୍ୟରେ ତାଲିକା ସଂଶୋଧନ ଓ ନୂତନ ପଞ୍ଜୀକରଣ ପାଇଁ ଆବେଦନ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ବରଗଡ ଏସ୍‌ପିଙ୍କ ବଦଳି ନେଇ ଡିଜି ପୋଲିସଙ୍କ ଆଗରେ ଫେରାଦ ହେଲା ବିଜେପି

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ଗତ ଡିସେମ୍ବର ୫ ତାରିଖରେ ପଦ୍ମପୁର ଉପନିର୍ବାଚନ ହେବ। କିନ୍ତୁ ପୋଲିସ କର୍ମଚାରୀମାନେ ଶାସକ ଦଳ ଇଙ୍ଗିତରେ ବିଜେଡି କର୍ମଚାରୀ ହିସାବରେ କାର୍ଯ୍ୟ କରୁଛନ୍ତି। ବରଗଡ ଜିଲ୍ଲା ଏସ୍‌ପି ବିଜେଡି ନେତା ରୂପେ କାର୍ଯ୍ୟ କରୁଛନ୍ତି। ଏଭଳି ଘୃଣ୍ୟ କାର୍ଯ୍ୟକୁ ବିଜେପି ଦୃଢ଼ ନିନ୍ଦା କରୁଛି। ପଦ୍ମପୁର ଥାନାରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ବିଜେଡି ଦଳର ବିଭିନ୍ନ ଅପରାଧୀ କାର୍ଯ୍ୟକର୍ତ୍ତାଙ୍କ ନାଁରେ ଚାରି ଚାରିଟି ଏଫଆଇଆର ରୁଜୁ କରାଯାଇଛି। ଆଜି ପର୍ଯ୍ୟନ୍ତ ପଦ୍ମପୁର ପୋଲିସ ହାତବାନ୍ଧି ବସିଛି ଓ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁନାହିଁ। ଏନେଇ ସିଇଓଙ୍କ ପାଖରେ ବାରମ୍ବାର ବିଜେପି ପକ୍ଷରୁ ଫେରାଦ ହେବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। "ରକ୍ଷକ ଯଦି ଭକ୍ଷକ ସାଜେ" ତାହାଲେ ବିରୋଧୀ ଗୁହାରୀ କରିବ କାହା ପାଖରେ? ଏହାକୁ ଦୃଷ୍ଟିରେ ରଖି ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ବରଗଡ ଏସ୍‌ପିଙ୍କୁ ତୁରନ୍ତ ବଦଳି କରି ସ୍ୱଚ୍ଛ ଓ ନୀରପେକ୍ଷତା ଅବଲମ୍ବନ କରୁଥିବା ଆଇପିଏସ୍ ଅଫିସରଙ୍କୁ ତାଙ୍କ ଜାଗାରେ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ଶାସକ ଦଳ ହାରିବା ଭୟରେ ପୂର୍ବରୁ ବିଜେପିର କାର୍ଯ୍ୟକର୍ତ୍ତାଙ୍କୁ ଅପହରଣ କରିବା ସହ ମାଡମାରି ରକ୍ତାକ୍ତ କରିଛନ୍ତି। ବିଜେପିର କିଛି କାର୍ଯ୍ୟକର୍ତ୍ତା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ମଧ ପୁଲିସ ବିଜେଡିର କାର୍ଯ୍ୟକର୍ତ୍ତାକୁ ଗିରଫ କରୁନାହିଁ। ପୋଲିସର ଏଭଳି ପକ୍ଷପାତିତା ସାମ୍ବିଧାନିକ ବିରୋଧୀ। ପଦ୍ମପୁର ଉପନିର୍ବାଚନ ଅବାଧ, ମୁକ୍ତ ଓ ନିରପେକ୍ଷ, ଭୟମୁକ୍ତ କରିବା ଏବେ ଚିନ୍ତାର ବିଷୟ ହୋଇଛି। ଶାସନ କ୍ଷମତା ଏବଂ ସରକାରୀ କଳ ଅପବ୍ୟବହାର କରି ଶାସକ ବିଜେଡି ଭୋଟରମାନଙ୍କୁ ବାରମ୍ବାର ପ୍ରଭାବିତ କରୁଛନ୍ତି। ଆଗାମୀ ପଦ୍ମପୁର ଉପନିର୍ବାଚନ ଶାନ୍ତିପୂର୍ଣ୍ଣ ଓ ଭୟମୁକ୍ତ କରାଇବା ଦାୟିତ୍ୱ ହେଉଛି ପୋଲିସ ବିଭାଗର। ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ସହ ବରଗଡ ଏସ୍‌ପିଙ୍କୁ ବଦଳି ଦାବି କରିଛି ବିଜେପି। ବିଜେପି କାର୍ଯ୍ୟକର୍ତ୍ତାଙ୍କ ଉପରେ ସ୍ଥାନୀୟ ପୋଲିସ ଅଧିକାରୀଙ୍କ ଉଦ୍ଦେଶ୍ୟମୂଳକ ଓ ମାତ୍ରାଧିକ କାର୍ଯ୍ୟ ପଛରେ ବରଗଡ ଏସ୍‌ପିଙ୍କ ହାତଥିବା ସନ୍ଦେହ କରୁଛି ବିଜେପି।

## କରୋନା ଛଡ଼ାଇ ନେଇଛି ପାଠ, ବିଲରେ ମାଛ ଧରୁଛନ୍ତି ପିଲାଏ

ଉଦଳା, ୨୯/୧୧ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ କୁଣ୍ଡାବାଇ ପଞ୍ଚାୟତର ଶାଳବଣୀ ଗ୍ରାମର ଦୃଶ୍ୟ। ଏଠାରେ ବିଦ୍ୟାଳୟକୁ ପାଠ ପଢ଼ିବାକୁ ନଯାଇ ୩ ଜଣ ଶିଶୁ କନ୍ୟା ବିଲରେ ମାଛ ଧରୁଥିବାର ଦେଖିବାକୁ ମିଳିଥିଲା । ପଚାରି ବୁଝିବାରୁ ଉକ୍ତ ଗ୍ରାମର ହରେକୃଷ୍ଣ ଶିଅଳଙ୍କ ୭ ବର୍ଷ ବୟସର କନ୍ୟା ସସ୍ମିତା ଓ କାନ୍ଦନ ଶିଅଳଙ୍କ ୭ ବର୍ଷ ବୟସର କନ୍ୟା ଲିଶା ଉଭୟେ କରୋନା ପରଠାରୁ ଆଉ ବିଦ୍ୟାଳୟକୁ ଯାଇ ନାହାଁନ୍ତି । କିମ୍ବା କୌଣସି ବିଦ୍ୟାଳୟରେ ନାମ ମଧ ଲେଖାଇ ନାହାଁନ୍ତି । କେବଳ ଶୁକୁଲ ଦେହୁରୀଙ୍କର ୭ ବର୍ଷ ବୟସର କନ୍ୟା ପ୍ରତିମା ବିଦ୍ୟାଳୟରେ ନାମ ଲେଖାଇଥିଲେ ମଧ ପଢ଼ିବାକୁ ନଯାଇ ସାଙ୍ଗ ହୋଇ ମାଛ ଧରା କାମରେ ସମୟ ବିତାଉଛନ୍ତି । ସରକାର ଶିଶୁଙ୍କୁ ମାଗଣା ଓ ବାଧତା ମୂଳକ ଶିକ୍ଷା ଘୋଷଣା କରିଥିବା ବେଳେ ଏହି ଶିଶୁ ମାନେ ବିଦ୍ୟାଳୟ ବାହାରେ ଅଛନ୍ତି । ଆହୁରି ମଧ ଶୁଣିବାକୁ ମିଳୁଛି ଏହି ୩ ଜଣ ଯାକ ଶିଶୁ କନ୍ୟା ଖଡ଼ିଆ ଜନଜାତିର ଅଟନ୍ତି । ମୟୂରଭଞ୍ଜ ଜିଲ୍ଲାରେ ଖଡ଼ିଆ, ମାଙ୍କିଡ଼ିଆ ଓ ଲୋଧା ସମ୍ପ୍ରଦାୟକୁ ସରକାର ସ୍ୱତନ୍ତ୍ର ଅନୁକମ୍ପା ଦେଖାଇବା ସହ ତାଙ୍କର ଉନ୍ନତି ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । ଉଦଳାରେ ସେଥିପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ମଧ କାର୍ଯ୍ୟ କରୁଛି । ଅଥଚ ଏହି ଜନଜାତିର ପିଲାମାନେ ସବୁଠାରୁ ଅଧିକ ଅବହେଳିତ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ମେକ୍ ଇନ ଓଡ଼ିଶା କନକ୍ଲେଭ ନେଇ କଡ଼ା ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ଆଗାମୀ ୩୦ ନଭେମ୍ବରରୁ ୪ ଡିସେମ୍ବର ଯାଏ ଚାଲିବାକୁ ଥିବା ମେକ୍ ଇନ ଓଡ଼ିଶା କନକ୍ଲେଭ ପାଇଁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି ବୋଲି ଡିସିପି ପ୍ରତୀକ ସିଂହ କହିଛନ୍ତି । ଏହି କନକ୍ଲେଭରେ ଜାପାନ, ନରଓ୍ୱେ, ଜର୍ମାନୀ, ନେପାଳ ଓ ବାଂଲାଦେଶ ଭଳି ଦେଶର ସମ୍ମାନାସ୍ପଦ ବ୍ୟକ୍ତିମାନେ ଯୋଗ ଦେବେ। ସେ କହିଛନ୍ତି ଯେ ଏହି କନକ୍ଲେଭକୁ କୁ ଆଖି ଆଗରେ ରଖି ବିମାନ ବନ୍ଦରରୁ ଆରମ୍ଭ କରି ରାସ୍ତା, ହୋଟେଲ, ଜନତା ମଇଦାନ, ପାର୍କିଂ ଓ ଟ୍ରାଫିକ ପର୍ଯ୍ୟନ୍ତ ସମସ୍ତ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ହୋଇଛି। ସେ କହିଛନ୍ତି, ନଭେମ୍ବର ୩୦ ରୁ ୪ ଡିସେମ୍ବର ୪ ତାରିଖ ଯାଏ ପୁଲିସ ଫୋର୍ସ ଦୁଇଟି ସିଫ୍ଟରେ ରାଜଧାନୀକୁ ଜଗିବେ। ୧୦ପ୍ଲାଟୁନ ପୁଲିସ ଫୋର୍ସ ଓ ୨୧୩ ପୁଲିସ ଅଧିକାରୀ ଏହି ଦାୟିତ୍ୱରେ ରହିବେ। ଓ ଆର, ଏପିଆରକୁ ନେଇ ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି।ସୁରକ୍ଷା ବ୍ୟବସ୍ଥା ଲାଗି ଜଣେ ଏସପି, ୧୨ ଅତିରିକ୍ତ ଡିସିପି ୩ ଜଣ ଇନ୍ସପେକ୍ଟର ୨୧, ଏସ.ଆଇ ଓ ୪୭ ଜଣ ଏ.ଏସ.ଆଇ ମୁତୟନ ହୋଇଛନ୍ତି। ସ୍ୱସ୍ତି ହୋଟେଲ ଲେନରେ ଭିଭିଆଇପି ଓ ଭିଆଇପି,ଗେଟ୍ ୩ରେ ଗଣମାଧ୍ୟମ ଓ ଗେଟ୍ ୪ ରେ ସାଧାରଣ ଲୋକେ ପ୍ରବେଶ କରିପାରିବେ। ସାଧାରଣ ଲୋକ କେବଳ ୪ ତାରିଖ ସନ୍ଧ୍ୟାରେ ଜନତା ମଇଦାନରେ ଆସି ବୁଲିପାରିବେ।

## ମଦ କାଉଣ୍ଟର ପାଇଁ ଦୁର୍ଘଟଣା, ଏକ ଗୁରୁତର, ଦୁଇ ଆହତ



ବସ୍ତା, ୨୯/୧୧ (ନି.ପ୍ର): ବସ୍ତା ଥାନା ଅମରର୍ଦାରୋଡ଼ ମଦ କାଉଣ୍ଟର ସାମ୍ନାରେ ଦୁଇ ବାଇକ୍ ମଧ୍ୟରେ ଦୁର୍ଘଟଣା। ଦୁର୍ଘଟଣାରେ ଜଣେ ଗୁରୁତର, ଦୁଇ ଆହତ। ପ୍ରାପ୍ତ ସୂଚନା ମୁତାବକ ଇନ୍ଦିରାଛକରୁ ଅମରଦା ରୋଡ ବଜାର ରାସ୍ତାର, ରାସ୍ତା ପାର୍ଶ୍ୱରେ ଥିବା ସରକାରୀ ବିଦେଶୀ ମଦ ଦୋକାନ ସାମ୍ନାରେ OD 01L 4860 ବାଇକଟି ମଦ କାଉଣ୍ଟର ଯିବାପାଇଁ ଦୃତ୍ ଗତିରେ ଆସି ଅନ୍ୟ ଏକ ବାଇକକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସମ୍ମୁଖ ରେ ଥିବା ବାଇକ୍ ଚାଳକ ସମେତ ବାଇକରେ ବସିଥିବା ମହିଳା ଓ ଯୁବକ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ନିକଟସ୍ଥ ଅମରଦାରୋଡ ହସ୍ପିଟାଲକୁ ନିଆଯାଇଥିଲା। ତେବେ ବାଇକ୍ ଚାଳକଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ତେବେ ଦୁର୍ଘଟଣାରେ ସ୍ୱୀକାର ହୋଇଥିବା ବ୍ୟକ୍ତିମାନଙ୍କର ପରିଚୟ ମିଳିନାହିଁ। ଅନ୍ୟ ପଟେ ଏହା ପ୍ରଥମ ଘଟଣା ନୁହଁ, ଏହା ପୂର୍ବରୁ ମଧ ମଦ କାଉଣ୍ଟର ପାଇଁ ବାରମ୍ବାର ଦୁର୍ଘଟଣା ଘଟିଥିବା ନେଇ ପ୍ରତ୍ୟକ୍ଷ ଦର୍ଶୀ ମାନେ ଅଭିଯୋଗ କରିଛନ୍ତି।

## ମୟୁରଭଂଜ ମହୋତ୍ସବରେ ଆଶିଷ ପୁରସ୍କୃତ



ବାରିପଦା, ୨୯/୧୧ (ନି.ପ୍ର): ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭ ମ ଶ୍ରେଣୀର ଛାତ୍ର ଆଶିଷ ବିଶ୍ୱାଳ ଚିତ୍ରାଙ୍କନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଏହି ପ୍ରତିଯୋଗିତାରେ ପ୍ରାୟ ଦୁଇ ଶହରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଗତ କାଲି ସନ୍ଧ୍ୟାରେ ମହୋତ୍ସବର ଉଦଯାପନୀ ଦିବସରେ ଅତିଥିଙ୍କ ହାତରୁ ଟ୍ରଫି, ପ୍ରମାଣ ପତ୍ର ଓ ଚାରି ହଜାର ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିଲେ । ଜଗଦ୍ଧାତ୍ରୀ ମେଳାରେ ମଧ ସେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ସୁନାମ ଆଣିଥିଲେ । ଏକଦା ଦ୍ୱିତୀୟ ଶ୍ରେଣୀରେ ପାଠ ଛାଡିଦେଇଥିବା ଆଶିଷକୁ ସାମାଜିକ କର୍ମୀ ଲିପି ଦିଦି କୁଆଳିଆ ବିଦ୍ୟାଳୟରେ ଥିବା ହଷ୍ଟେଲରେ ରଖି ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଇଥିଲେ । ତାପରେ ସେ ପୂର୍ଣ୍ଣଚନ୍ଦ୍ର ପୁର ବିଦ୍ୟାଳୟ ପରିସରରେ ଥିବା ହଷ୍ଟେଲକୁ ସ୍ଥାନାନ୍ତରିତ କରିଥିଲେ । ବିଦ୍ୟାଳୟର କଳା ଶିକ୍ଷକ ମହେଶ୍ୱର ମାରାଣ୍ଡିଙ୍କ ଠାରୁ ତାଲିମ ପାଇ ରାଜ୍ୟ ଏବଂ ଜାତୀୟ ସ୍ତରରେ ମଧ ପୁରସ୍କୃତ ହୋଇପାରିଛନ୍ତି । ଜଣକୁ ଦେଖି ଅବିକଳ ସ୍କେଚ ଆର୍ଟ କରିବା ସହ ସେ ମାଟିରେ ମଧ ସୁନ୍ଦର ସୁନ୍ଦର ମୂର୍ତି ମଧ ତିଆରି କରି ପାରନ୍ତି । ତେବେ ଏଭଳି ପ୍ରତିଭାବାନ କୁନି କଳାକାର ଆଗକୁ ଉପଯୁକ୍ତ ପ୍ରଶିକ୍ଷଣ ପାଇଲେ ଆଗାମୀ ଭବିଷ୍ୟତରେ ଜଣେ ଉଚ୍ଚ କୋଟିର ଚିତ୍ର ଓ ମୃତିକା ଶିଳ୍ପୀ ହୋଇ ପାରିବ ବୋଲି ପ୍ରଧାନ ଶିକ୍ଷକ ସୋମନାଥ ସିଂହ ଆଶା ପୋଷଣ କରିଛନ୍ତି ।

## ଝରଣାଘାଟିଠାରେ ଅଲଚିକି ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଲେ ନୀଳଗିରି ସାନ୍ତାଳି ସମାଜ




ନୀଳଗିରି, ୨୯/୧୧ (ନି.ପ୍ର): ନୀଳଗିରି ବ୍ଲକ ଅନ୍ତର୍ଗତ ଝରଣାଘାଟି ଠାରେ ନୀଳଗିରି ସାନ୍ତାଳି ସମାଜର ଶହ ଶହ ଲୋକ ଅଲଚିକି ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦୦୭ ମସିହାରେ ଓଡ଼ିଶା ସରକାର ୧୦୦ ଜଣ ଅଲଚିକି ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିବା ବେଳେ ଏ ପର୍ଯ୍ୟନ୍ତ ଦୀର୍ଘ ୧୫ ବର୍ଷ ବିତିଯାଇଥିଲେ ସୁଦ୍ଧା ସ୍ଥାୟୀ ନିଯୁକ୍ତି ପାଇ ପାରି ନାହାନ୍ତି । ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୋଖରିଆ ସମ୍ମିଳନୀ ପରେ ଏହି ଶିକ୍ଷକମାନେ ପଦଯାତ୍ରା ଆରମ୍ଭ କରି ଆଜି ମୟୂରଭଞ୍ଜ ସୀମା ଅତିକ୍ରମ କରି ବାଲେଶ୍ୱର ମାଟିରେ ପଦାର୍ପଣ କରିଥିଷଲ । ୯୪ଜଣ ଅଲଚିକି ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଝରଣାଘାଟି ଠାରେ ସାରନା ସାନ୍ତାଳି ସମାଜରେ ଶହ ଶହ ଲୋକ ତାଙ୍କର ପାଦ ଧୋଇ ଦେଇ ଧୁମସା ମାଦଳ ତାଳରେ ତାଙ୍କୁ ପାଛୋଟି ନେଇଥିଲେ । ରାତିରେ ତରତରୀ ଠାରେ ତାଙ୍କର ରହିବାର ସୁବନ୍ଦୋବସ୍ତ କରାଯାଇଥିଲା । ଆଗାମୀ ଦିନରେ ତାଙ୍କରର ସ୍ଥାୟୀ ନିଯୁକ୍ତି ପାଇଁ ଏହି ପଦଯାତ୍ରା ଚାଲିଥିବା ଶିକ୍ଷକ / ଶିକ୍ଷୟିତ୍ରୀମାନେ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଗୁରା ଟୁଡୁ, ସୋମାନାଥ ଟୁଡୁ, ଲକ୍ଷ୍ମୀଧର ମାରାଣ୍ଡି, ଗୋପାଳ ମାଝୀ, ଠାକୁରା ମାରାଣ୍ଡି, ମାନ ମୁର୍ମୁଙ୍କ ସହ ପିଠାହତାର ପୂର୍ବତନ ସରପଂଚ ସହଯୋଗ କରିଥିଲେ ।

## ଉତ୍କଳ ସମ୍ମିଳନୀର ଖଡଗପୁର ଶାଖା ଗଠିତ : କର୍ମକର୍ତ୍ତା ମନୋନୀତ




ଜଳେଶ୍ୱର, ୨୯/୧୧(ନି.ପ୍ର): ଉପାନ୍ତ ଓଡିଶାରେ ଓଡିଆ ଭାଷାର ସୁରକ୍ଷା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବଜାଇ ରଖିବାଲାଗି ଉତ୍କଳ ସମ୍ମିଳନୀ ତାର ପ୍ରଚେଷ୍ଟା ଜାରି ରଖିଛି । ବିଛିନ୍ନାଞ୍ଚଳ ଖଡଗପୁରରେ ପ୍ରବାସୀ ଓଡିଆଙ୍କୁନେଇ ଏକ ଶାଖା ଗଠିତ ହୋଇଛି । ଏହି ଉପଲକ୍ଷେ ଖଡଗପୁର ଜଗନ୍ନାଥ ମନ୍ଦିର ପରିସରରେ ଥିବା ଶ୍ରୀଜଗନ୍ନାଥ ଶିଶୁ ବିକାଶ କେନ୍ଦ୍ରରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷକ ଦ୍ୱାରକେଶ୍ୱର ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଭାପତି ଡ. ଅଦୈତ କୁମାର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରବାସୀ ଓଡିଆମାନେ ମାତୃଭାଷାର ସୁରକ୍ଷା ଓ ପ୍ରସାର ନିମନ୍ତେ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ । କେନ୍ଦ୍ରୀୟ ସଂପାଦକ କମଳ ଚକ୍ରବର୍ତ୍ତୀ, ପଂଜାବ ନେସନାଲ ବ୍ୟାଙ୍କ ଖଡଗପୁର ଶାଖାର ପରିଚାଳକ ଅବିନାଶ ମିଶ୍ର, ଓଡିଆ ଚାଟଶାଳିର ସୁପର ଭାଇଜର ସୁବାସ ବେରା, ଭୋଗରାଇ ସଂଗଠନର ସଂପାଦକ ସୁଶାନ୍ତ ନାୟକ, ଜଳେଶ୍ୱର ଶାଖାର ମନୋରଂଜନ ଦାସ ପ୍ରମୁଖ ଯୋଗ ଦେଇ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଲାଗି ପ୍ରତ୍ୟେକଙ୍କର ଚିନ୍ତା ଚେତନା ଉଦ୍ରେକ ହେବା ଉଚିତ ବୋଲି କହିଥିଲେ । ଅନ୍ୟପକ୍ଷରେ ଗଠିତ କମିଟିରେ ସଭାପତିଭାବେ ଖଡଗପୁର ଆଇଆଇଟିର ପ୍ରଫେସର ତ୍ରିଲୋଚନ ସାହୁ, ଉପସଭାପତି ପବିତ୍ର ମୋହନ ଜେନା, ଅବିନାଶ ମିଶ୍ର, ସଂପାଦକ ଦ୍ୱାରକେଶ ପ୍ରସାଦ ପଟ୍ଟନାୟକ, ସଂଗଂନ ସଂପାଦକଭାବେ ଅରୁଣ କୁମାର ରାଉତ, ଯୁଗ୍ମ ସଂପାଦିକା ସୁଜାତା ମିଶ୍ର, କୋଷାଧ୍ୟକ୍ଷ ଅନୁପମାରାଣୀ ପଟ୍ଟନାୟକ ଓ କାର୍ଯ୍ୟକାରୀ ସଦସ୍ୟଭାବେ ଦୀପକ ରଂଜନ ଦାସ, ଗୀତା ସାହୁ, ତନ୍ମୟା ପ୍ରିୟଦର୍ଶନୀ, ପ୍ରଭାତି ପଟ୍ଟନାୟକ, ଅରୁଣ ପଟ୍ଟନାୟକ, ପ୍ରଦୀପ ଶତପଥି, ଚିନ୍ମୟ ସେଠୀ, ପିଙ୍କି ବେହେରା, ତିଳୋତ୍ତମା ଦାସ, ସୁଜାତା ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି ।

## ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା



ବାରିପଦା, ୨୯/୧୧ (ନି.ପ୍ର): ଏନ୍.ପି.ଏସ୍. ଶିକ୍ଷକ ସଂଘ, ମୟୂରଭଞ୍ଜ ଶାଖା ତରଫରୁ ମୟୂରଭଞ୍ଜ ଜିଲ୍ଲାର ସ୍ଥାୟୀ ନିଯୁକ୍ତି ପାଇଥିବା ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କୁ ଭବ୍ୟସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଅବସରପ୍ରାପ୍ତ କର୍ମଚାରୀ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ସର୍ବଶ୍ରୀ ଗଣେଶ୍ୱର ଗିରି, ସୁଦର୍ଶନ ପଣ୍ଡା, କେଶବ ଚନ୍ଦ୍ର ସାହୁ, ଅମିତାଭ ମିଶ୍ର, ନଳୀନ୍ କୁମାର ଚୌଧୁରୀ, ଜଗନ୍ନାଥ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀଯୁକ୍ତ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ କାର୍ଯ୍ୟକାଳ ଭିତରେ ବିଜ୍ଞାନ ବିଭାଗର କିଭଳି ଉତ୍ତୋରତ୍ତର ଉନ୍ନତି ହୋଇ ପାରିବ ସେହି ବିଷୟରେ ଶିକ୍ଷଣୀୟ ପରାମର୍ଶ ଦେଇଥିଲେ। ସଂଘର ସମ୍ପାଦକ ରଞ୍ଜନ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଭିନନ୍ଦନ ମହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ବତନ ସମ୍ପାଦକ ଅଜିତ କୁମାର ମହାନ୍ତି, ବରିଷ୍ଠ ସଦସ୍ୟ ଭିଷ୍ମଦେବ ମହାନ୍ତ, ମନୋଜ ପାତ୍ର, ମନୋଜ ପରିଡା, ଦୀପକ ରାମ, ସନତ୍ ପ୍ରହରାଜ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଦେବାଶିଷ ସାଉ, ବିକାଶ ମାଇତି, ଦୀପକ ଗୋଚ୍ଛାୟତ, ଅମୀୟରଞ୍ଜନ ପଣ୍ଡା, ପୁଷ୍ପଲତା ନାୟକ, ସୀମା ଦାସ, ଆରତୀ ଟୁଡୁ, ସୁଲୋଚନା ମଙ୍ଗରାଜ ପ୍ରମୁଖ ସହଯୋଗ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo